ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ (୧୬ ପୃଷ୍ଠା) Bhubaneswar, Friday, March 7/2025 Page 16 ₹ 7.00
୫୧ଶ ଭାଗ ୧୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 103 ମୂଲ୍ୟ ₹୭/-

DSPL - 410

ଓଡ଼ିଶା ଶାସନ | ସୁଭଦ୍ରା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଘରେ ଘରେ ସୁଭଦ୍ରା ଦୀପ ଜାଳିବା
ମହିଳା ସଶକ୍ତୀକରଣ ପର୍ବ ପାଳିବା

୭ ମାର୍ଚ୍ଚ ୨୦୨୫

ଘରେ ଘରେ ସୁଭଦ୍ରା।

OIPR-33001/13/0077/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

ସଂକ୍ଷେପରେ

ୟୁଏଇରେ ୨ ଭାରତୀୟଙ୍କୁ ଫାଶୀ

ଆବୁଧାବି, ୬।୩

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୨ ଭାରତୀୟଙ୍କୁ ଫାଶୀ ଦିଆଯାଇଛି। ହତ୍ୟା ମାମଲାରେ ଉଭୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। କେରଳର ମୋହମ୍ମଦ ରିନାଶ ଅରଙ୍ଗିଲୋଟୁ ଏବଂ ମୁରଲୀଧରନ ପେରୁମଥଙ୍କା ବଲ୍ଲାପିଲଙ୍କୁ ଫାଶୀ ଦିଆଯାଇଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ୟୁଏଇ ଅଧିକାରୀ ଗତ ୨୮ ତାରିଖରେ ଭାରତୀୟ ଦୂତାବାସକୁ ସୂଚନା ଦେଇଥିଲେ। ତେବେ କେଉଁ ତାରିଖରେ ଉଭୟଙ୍କୁ ଫାଶୀ ଦିଆଯାଇଛି, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଭାରତୀୟ ଦୂତାବାସ ପକ୍ଷରୁ ଉଭୟଙ୍କୁ କ୍ଷମା ପ୍ରଦାନ କରିବା ପାଇଁ ଅପିଲ କରାଯାଇଥିବା ବେଳେ ୟୁଏଇ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ରିନାଶ ୟୁଏଇର ଜଣେ ନାଗରିକଙ୍କୁ ହତ୍ୟା କରିଥିବାବେଳେ ମୁରଲୀଧରନ ସେଠାରେ ଜଣେ ଭାରତୀୟଙ୍କୁ ହତ୍ୟା କରିଥିଲେ।

ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ୱାଶିଂଟନ, ୬।୩

ଆମେରିକାର ମିଲ୍‌ୱିକି ସହରରେ ଜଣେ ଭାରତୀୟ ଛାତ୍ର ପ୍ରବୀଣ କୁମାର ଗମ୍ପା(୨୭)ଙ୍କୁ ଗୁରୁବାର ଗୁଳିକରି ହତ୍ୟା କରାଯାଇଛି। କେତେଜଣ ଅଚିହ୍ନା ଆକ୍ରମଣକାରୀ ପ୍ରଥମେ ତାଙ୍କୁ ଲୁଟିବା ପାଇଁ ଉଦ୍ୟମ କରିଥିଲେ ଓ ପରେ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏନେଇ ଶିକାଗୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ତେଲଙ୍ଗାନାର ପ୍ରବୀଣ ୟୁନିଭର୍ସିଟି ଅଫ୍ ୱିସ୍କୋନ୍ସିନ୍-ମିଲ୍‌ୱିକିରୁ ଡେଟା ସାଇନ୍ସରେ ମାଷ୍ଟର ଡିଗ୍ରୀ କରୁଥିଲେ।

ଆତ୍ମପ୍ରତ୍ୟର୍ପଣ ଆଶଙ୍କାରେ ଲକ୍ଷାଧିକ ଭାରତୀୟ



ଆମେରିକାରୁ କାନାଡା, ବ୍ରିଟେନ୍‌ଯାଁ କରାଇଛି ଭିଜା ନିୟମ ପରିବର୍ତ୍ତନ

ଆମେରିକାରେ ବସବାସ କରୁଥିବା ଏଚ୍-୧ବି, ଏଚ୍-୧ବି୧, ଏଚ୍-୨ଏ, ଏଚ୍-୨ବି ଏବଂ ଏଚ୍-୩ ଭିଜାଧାରୀଙ୍କ ସହ ରହିବା ପାଇଁ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କୁ ସେଠାକୁ ଯାତ୍ରା କରିବା ସକାଶେ ଏଚ୍-୪ ଭିଜା ଜାରି କରାଯାଇଥାଏ। ପରିବାରର ଡିପେଣ୍ଡାଣ୍ଟ ସଦସ୍ୟ ସ୍ତ୍ରୀ କିମ୍ବା ସ୍ୱାମୀ ଅଥବା ଅବିବାହିତ ଝିଅପୁଅ ହୋଇପାରନ୍ତି, ଯାହାଙ୍କ ବୟସ ୨୧ ବର୍ଷରୁ କମ୍ ହୋଇଥିବ। ଉପରୋକ୍ତ ବର୍ଗଗୁଡ଼ିକର ଭିଜାଧାରୀଙ୍କ ଉପରେ ନିର୍ଭରଶୀଳ ଜଣେ ବ୍ୟକ୍ତି ଆମେରିକାରେ ରହିଆସୁଥିଲେ ସେ ଏଚ୍-୪ ଆପ୍ରବାସୀ ମାନ୍ୟତା ପାଇଁ ଷ୍ଟାଟସ୍ ପରିବର୍ତ୍ତନ ସକାଶେ ଆମେରିକା ନାଗରିକତ୍ୱ ଓ ଆପ୍ରବାସନ ସେବା (ୟୁଏସ୍‌ସିଆଇଏସ୍) କାର୍ଯ୍ୟାଳୟକୁ ଯାଇ ଫର୍ମ ଆଇ-୫୩୯ରେ ଆବେଦନ କରିବା ନେଇ ନିୟମ ରହିଥିଲା। ନିକଟରେ ୟୁଏସ୍‌ସିଆଇଏସ୍ ପକ୍ଷରୁ ୨୦୨୬ ଆର୍ଥିକବର୍ଷ ପାଇଁ ଏଚ୍-୧ବି ଭିଜା ପଞ୍ଜୀକରଣ ଅବଧି ସମ୍ପର୍କରେ ନୂଆ ଘୋଷଣା କରାଯାଇଛି। ତଦନୁସାରେ ଏହି ପ୍ରକ୍ରିୟା ମାର୍ଚ୍ଚ ୭ରେ ଆରମ୍ଭ ହୋଇ ୨୪ ତାରିଖରେ ସରିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏକ-ଆଉଟ୍ ବୟସରେ ଉପନୀତ ହେବା ପରେ ସେମାନଙ୍କ ହାତରେ ଅନ୍ୟ ଏକ ଭିଜା ଷ୍ଟାଟସ୍‌କୁ ପରିବର୍ତ୍ତିତ ହେବା ପାଇଁ ୨ ବର୍ଷ ରହୁଥିଲା। କିନ୍ତୁ ଆମେରିକାର ନୂଆ ଇମିଗ୍ରେଶନ୍ ପଲିସି ଏଭଳି ଲକ୍ଷାଧିକ ଯୁବତୀଯୁବକଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। କାରଣ ସେମାନେ ଆଗଭଳି ଆଉ ଡିପେଣ୍ଡାଣ୍ଟ ଭାବେ ପରିଗଣିତ ହେବେ ନାହିଁ।

ୱାଶିଂଟନ୍/ହାଇଦ୍ରାବାଦ,୬।୩

ଆମେରିକାରେ ବସବାସ କରୁଥିବା ଲକ୍ଷାଧିକ ଭାରତୀୟଙ୍କ ପିଲା, ଯେଉଁମାନେ ନାବାଳକ ଥାଇ ଏଚ୍-୪ ଭିଜା ବଳରେ ସେଠାରେ ରହୁଥିଲେ, ସେମାନେ ବର୍ତ୍ତମାନ ୨୧ ବର୍ଷରେ ପଦାର୍ପଣ କରିବା ପରେ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଠେଲିହୋଇଯାଇଛନ୍ତି। ଆମେରିକାରେ ବର୍ତ୍ତମାନ ପ୍ରଚଳିତ ଆପ୍ରବାସନ ଆଇନ ଅନୁସାରେ ସେମାନେ ଆଉ ଏଚ୍-୧ବି ଭିଜାଧାରୀ ମାତାପିତାଙ୍କ ଉପରେ ନିର୍ଭରଶୀଳ ବୋଲି ପରିଗଣିତ ହେବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଅନେକେ ଅଧିକ ନୀତି ଥିବା କାନାଡା କିମ୍ବା ବ୍ରିଟେନ୍ ଭଳି ଭିନ୍ନ ଦେଶକୁ ସ୍ଥାନାନ୍ତରିତ ହେବା ସମେତ ଅନ୍ୟ ବିକଳ୍ପଗୁଡ଼ିକୁ ଖୋଜିବାରେ ଲାଗିଛନ୍ତି। ଆମେରିକାରେ ନିଯୁକ୍ତିଭିତ୍ତିକ ଗ୍ରୀନ୍‌କାର୍ଡ ବ୍ୟବସ୍ଥା ସେଠାରେ ରହୁଥିବା ବହୁଳ ଆପ୍ରବାସୀ ଭାରତୀୟଙ୍କୁ ପ୍ରଭାବିତ କରିଛି।

ଏଚ୍-୧ବି ହେଉଛି ଏକ ଅଣଆପ୍ରବାସୀ ଭିଜା, ଯାହା ଆମେରିକୀୟ କମ୍ପାନୀଗୁଡ଼ିକୁ ତାତ୍ତ୍ୱିକ କିମ୍ବା ବୈଷୟିକ ଦକ୍ଷତା ଆବଶ୍ୟକତା କରୁଥିବା ବିଶେଷ ପେସାର ପଦବୀରେ ବିଦେଶୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପାଇଁ ଆମେରିକୀୟ କମ୍ପାନୀଗୁଡ଼ିକୁ ଅନୁମତି ପ୍ରଦାନ କରିଥାଏ। ଏଚ୍-୧ବି ଅଧୀନରେ ବର୍ଷକୁ ୬୫,୦୦୦ ଭିଜା ଆବେଦନ କରାଯାଇପାରିବ। ତେବେ ଆମେରିକାରେ ସ୍ନାତକୋତ୍ତର ଶିକ୍ଷା ପାଇଁ ସେଠାକୁ ଯାଉଥିବା ଛାତ୍ରୀଛାତ୍ରମାନଙ୍କ ସକାଶେ ଅତିରିକ୍ତ ୨୦,୦୦୦ ଭିଜାର ବ୍ୟବସ୍ଥା ରହିଛି। ସିଲେକ୍ସନରେ ଠକେଇକୁ ରୋକି ସ୍ୱଚ୍ଛତା ଆଣିବା ପାଇଁ ୟୁଏସ୍‌ସିଆଇଏସ୍ ଏକ ହିତାଧିକାରୀ-କେନ୍ଦ୍ରିକ ଚୟନ ପ୍ରକ୍ରିୟା ଆରମ୍ଭ କରିଛି। ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୨୩ ମାର୍ଚ୍ଚ ସୁଦ୍ଧା ପ୍ରାୟ ୧.୩୪ ଲକ୍ଷ ଭାରତୀୟ ପିଲା ସେମାନଙ୍କ ପରିବାର ଗ୍ରୀନ୍‌କାର୍ଡ ପାଇବା ପୂର୍ବରୁ ଡିପେଣ୍ଡାଣ୍ଟ ଭିଜା ଷ୍ଟାଟସ୍ ବୟସରୁ ଉପରକୁ ଉଠିବା ନେଇ ଆକଳନ କରାଯାଇଥିଲା। ଆମେରିକା ଆପ୍ରବାସନ ବ୍ୟବସ୍ଥା ଭାରାକ୍ରାନ୍ତ ହେବା ଫଳରେ ଅନେକଙ୍କୁ ସ୍ଥାୟୀ ବାସିନ୍ଦା ହେବା ପାଇଁ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡ଼ିବ। ଏପରି କି କେତେକ ଆବେଦନର ବିଚାର ପାଇଁ ୧୨ରୁ ୧୦୦ ବର୍ଷ ଲାଗିଯାଇପାରେ ବୋଲି କୁହାଯାଉଛି।

ଟେକ୍ସାସ୍‌ର ଏକ କୋର୍ଟ ନିକଟରେ ଡିଫର୍ଡ ଆକ୍ସନ ଫର୍ ଚାଇଲ୍ଡହୁଡ୍ ଆରାଇଭାଲ୍ସ (ଡିଏସିଏ) କାର୍ଯ୍ୟକ୍ରମ ଅଧୀନରେ ନୂଆ ଆବେଦନ ପାଇଁ ୱାର୍କ ପରମିଟ୍‌କୁ ବ୍ଲକ୍ କରି ଦେଇଥିବା ଏକ ରାୟ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଡିଏସିଏ ପ୍ରତ୍ୟର୍ପିତ ହେବାରୁ ବିନା ଦସ୍ତାବିଜରେ ରହୁଥିବା ଆପ୍ରବାସୀଙ୍କୁ ଅସ୍ଥାୟୀ ତଥା ୨ ବର୍ଷର ନବୀକରଣୀୟ ସୁରକ୍ଷା ପ୍ରଦାନ କରିଥାଏ। ୨୧ ବର୍ଷରେ ଉପନୀତ ହୋଇ ଡିପେଣ୍ଡାଣ୍ଟ ଷ୍ଟାଟସ୍ ହରାଇବାକୁ ବସିଥିବା ଯୁବତୀଯୁବକମାନେ ମଧ୍ୟ ଏହି ବର୍ଗର ଆପ୍ରବାସୀ ପରିଗଣିତ ହେଉଥିବାରୁ ସେମାନେ ନିଜ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

‘ଆପ୍ରବାସୀଙ୍କୁ ନୁହେଁ, ସ୍ଥାନୀୟଙ୍କୁ ନିଯୁକ୍ତି ଦିଅ’

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ବେଆଇନ ଆପ୍ରବାସୀଙ୍କୁ ବିଦା କରିବାରେ ଲାଗିଛି। ଆପ୍ରବାସୀମାନଙ୍କୁ ଦେଶରେ ବର୍ତ୍ତମାନ ଜାତୀୟ ସ୍ୱାର୍ଥର ପରିପନ୍ଥୀ ଏବଂ ଆହ୍ୱାନ ରୂପେ ବିବେଚନା କରାଯାଉଛି। ତେଣୁ ନିଯୁକ୍ତିଦାତାମାନେ ନିଜ କମ୍ପାନୀରେ ଦେଶ ବାହାର ଲୋକଙ୍କୁ ବାଦ୍‌ଦେଇ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରଶାସନ ଗୁରୁତ୍ୱ ଦେଉଛି। ୨୦୨୫ ଫେବ୍ରୁଆରୀ ୧୯ରେ ଟ୍ରମ୍ପ୍ ପ୍ରଶାସନ ଏନେଇ ସ୍ଥାନୀୟ ବିଜ୍‌ନେସ ହାଉସ୍‌ଗୁଡ଼ିକୁ ତାଗିଦ କରି ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଥିଲା। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇକ୍ୱେଲ ଏମ୍ପ୍ଲୟମେଣ୍ଟ ଅପର୍ଚୁନିଟି କମିଶନ୍ (ଇଇଓସି) ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏଥିଯୋଗୁ ବିଶେଷକରି ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅଧୀନରେ ସେଠାରେ ବସବାସ କରୁଥିବା ଭାରତ ସମେତ ଆଉ କେତେକ ଦେଶର ଯୁବତୀଯୁବକ ପ୍ରଭାବିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ନାଗରିକମାନେ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ୭୨.୩% ଏଚ୍-୧ବି ଭିଜା ହାସଲ କରିଥିବା ନେଇ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସଭାକୁ ଅବଗତ କରାଯାଇଥିଲା। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତୀ ବର୍ଦ୍ଧନ ଗୃହରେ ଭିଜା କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଥିଲେ।

ଜାମିନ ଶୁଣାଣିରେ ବିଳମ୍ବ ଅଦାଲତଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୬।୩

ଜାମିନ ଆବେଦନର ଶୁଣାଣିକୁ ଅଦାଲତଗୁଡ଼ିକ ଦୀର୍ଘଦିନ ପକାଇ ରଖୁଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଭର୍ତ୍ସନା କରିଛନ୍ତି। ବ୍ୟକ୍ତି ସ୍ୱାଧୀନତା ସମ୍ପର୍କିତ ମାମଲାକୁ ଦୀର୍ଘଦିନ ପକାଇ ରଖିବା ଆଶା କରାଯାଉ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୨ ବର୍ଷାୟା ଝିଅର ଜରୁରୀ ଅସ୍ତ୍ରୋପଚାର ପାଇଁ ଅସ୍ଥାୟୀ ଜାମିନ ନିମନ୍ତେ ଏକ ଆବେଦନର ଶୁଣାଣିକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ୨ ମାସ ବିଳମ୍ବ କରିଥିବା ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଜାଣିବା ପରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଜାମିନ ପିଟିଶନ୍‌ର ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଗଲା ବୋଲି ଗତ ଫେବ୍ରୁଆରୀ ୨୧ରେ ହାଇକୋର୍ଟକହିଥିଲେ। ତ୍ୱରିତ୍ ଶୁଣାଣି ପାଇଁ ହାଇକୋର୍ଟକୁ ଯିବା ଲାଗି ସର୍ବୋଚ୍ଚ ଅଦାଲତ ଆବେଦନକାରୀଙ୍କୁ ଅନୁମତି ଦେଇଛନ୍ତି। ଜରୁରୀ ଚିକିତ୍ସା କାରଣରୁ ଅସ୍ଥାୟୀ ଜାମିନ ଆବେଦନର ଶୁଣାଣି ତାରିଖ ଆଗୁଆ କରିବାକୁ ଖଣ୍ଡପୀଠ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ହୋଲି ଉତ୍ସବ ପାଇଁ ଅନୁମତି ଦେଲାନି ଏଏମ୍‌ୟୁ

ପ୍ରଧାନମନ୍ତ୍ରୀଙ୍କୁ ଜଣାଇବାକୁ ଛାତ୍ରଙ୍କ ଧମକ

ନୂଆଦିଲ୍ଲୀ,୬।୩

ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ) ପରିସରରେ ହୋଲି ମିଳନ ଉତ୍ସବ ପାଳନ ପାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମତି ନ ଦେବାରୁ ବିବାଦ ସୃଷ୍ଟି ହୋଇଛି। ହିନ୍ଦୁମାନଙ୍କ ପ୍ରତି ପ୍ରଶାସନ ପାତରଅନ୍ତର କରୁଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନୁମତି ନ ମିଳିଲେ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇବେ ବୋଲି ଧମକ ଦେଇଛନ୍ତି। ଗତ ମାସ ୨୫ରେ ହିନ୍ଦୁ ଛାତ୍ରୀଛାତ୍ରଙ୍କ ତରଫରୁ ଅଖିଲ କୌଶଲ ନାମକ ମାଷ୍ଟର ଡିଗ୍ରୀ ଛାତ୍ର ୟୁନିଭର୍ସିଟି ପ୍ରୋକ୍ଟରଙ୍କ ଜରିଆରେ କୁଳପତିଙ୍କୁ ପତ୍ର ଲେଖି ମାର୍ଚ୍ଚ ୯ରେ ହୋଲି ମିଳନ ଉତ୍ସବ ବିଶ୍ୱବିଦ୍ୟାଳୟର ଏନ୍‌ଆର୍‌ଏସ୍‌ସି କ୍ଲବ୍‌ରେ ଆୟୋଜନ କରିବାକୁ ଅନୁମତି ମାଗିଥିଲେ। ତେବେ କ୍ୟାମ୍ପସ୍ ପରିସରରେ ହୋଲି ଉତ୍ସବ ପାଇଁ ଅନୁମତି ନ ଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ଛାତ୍ରୀଛାତ୍ରଙ୍କୁ ଜଣାଇ ଦିଆଯାଇଥିଲା। ଏଏମ୍‌ୟୁରେ ଅନ୍ୟ ଧର୍ମର ଉତ୍ସବ ହେଉଥିବାବେଳେ ହିନ୍ଦୁ ଛାତ୍ରୀଛାତ୍ର ଏହାର ବିରୋଧ କରି ନ ଥାନ୍ତି। ତେବେ ହିନ୍ଦୁ ଛାତ୍ରୀଛାତ୍ରଙ୍କୁ ହୋଲି ମିଳନ ସମାରୋହ ଆୟୋଜନରୁ ବଞ୍ଚିତ କରାଯାଉଛି କ'ଣ ପାଇଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଏଏମ୍‌ୟୁକୁ ମିନି ଇଣ୍ଡିଆ କହିଥିଲେ। ତେଣୁ ଏଏମ୍‌ୟୁ କୁଳପତି ପ୍ରଫେସର ନଇମା ଖାତୁନ୍ ସବୁ ଧର୍ମକୁ ସମ୍ମାନ ଦେଇ ହୋଲି ଉତ୍ସବ ପାଇଁ ଅନୁମତି ଦିଅନ୍ତୁ ବୋଲି ଛାତ୍ରୀଛାତ୍ର ଦାବି କରିଛନ୍ତି।

ଯୁଦ୍ଧବିମାନରୁ ଖସିଲା ୮ ବୋମା: ୧୫ ଆହତ

ଯୁଦ୍ଧାଭ୍ୟାସ ବେଳେ ଦକ୍ଷିଣ କୋରିଆର କେଏଫ୍-୧୬ ଲଢୁଆ ବିମାନରୁ ବୋମା ପଡ଼ି ଗୋଟିଏ ଘର କ୍ଷତିଗ୍ରସ୍ତ ହୋଇଛି।

ସିଓଲ,୬।୩

ଆମେରିକା ସେନା ସହ ମିଳିତ ସମରାଭ୍ୟାସ ବେଳେ ଦକ୍ଷିଣ କୋରିଆର ୨ଟି ଯୁଦ୍ଧବିମାନ ଭୁଲ୍‌ବଶତଃ ୮ଟି ବୋମା ଜନବସତି ଅଞ୍ଚଳରେ ଖସାଇଥିଲେ। ଏଥିରେ ୧୫ ଜଣ ଆହତ ହେବା ସହ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। କେଏଫ୍-୧୬ ଯୁଦ୍ଧବିମାନରୁ ଫାୟାରିଂ ରେଞ୍ଜ୍ ବାହାରେ ଏମ୍‌କେ-୮୨ ବୋମା ଖସିଥିଲା ବୋଲି ଦକ୍ଷିଣ କୋରିଆ ବାୟୁସେନା ପକ୍ଷରୁ କୁହାଯାଇଛି। କ'ଣ ପାଇଁ ବୋମା ଖସିଲା ଏବଂ ସାଧାରଣ ନାଗରିକଙ୍କର କେତେ କ୍ଷୟକ୍ଷତି ହୋଇଛି, ତାହା ଅନୁଧ୍ୟାନ ପାଇଁ ବାୟୁସେନା ଏକ କମିଟି ଗଠନ କରିଛି। ଆମେରିକା ସେନା ସହ ଗୋଟିଏ ଦିନର ଫାୟାରିଂ ଡ୍ରିଲ୍ ବେଳେ ଏଭଳି ଅଘଟଣ ଘଟିଛି। କ'ଣ ପାଇଁ କେଏଫ୍-୧୬ ଯୁଦ୍ଧବିମାନ ପାଇଲଟ୍ ଜନବସତି ଅଞ୍ଚଳରେ ବୋମା ପକାଇଲେ, ତାହାର ଅଧିକ ତଦନ୍ତ ଆବଶ୍ୟକ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହି ଘଟଣା ପାଇଁ ବାୟୁସେନା କ୍ଷମା ମାଗିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛି। କ୍ଷତିଗ୍ରସ୍ତଙ୍କୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବା ସହ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ନିଆଯିବ ବୋଲି ବାୟୁସେନା କହିଛି।

ଏସ୍‌ଡିପିଆଇର ୧୨ କାର୍ଯ୍ୟାଳୟରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୬।୩

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାରେ ଗୁରୁବାର ବେଆଇନ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ରାଜନୈତିକ ସଂଗଠନ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର ୧୨ଟି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ୍.କେ. ଫୈଜିଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଗିରଫ କରାଯିବା ପରେ ଦିଲ୍ଲୀରେ ଥିବା ଏସ୍‌ଡିପିଆଇ ମୁଖ୍ୟାଳୟ ସମେତ ୨ଟି ସ୍ଥାନ, କେରଳର ଥିରୁଭାନନ୍ତପୁରମ ଓ ମଲାପ୍ପୁରମ୍, ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲ, ଝାଡ଼ଖଣ୍ଡର ପକୁର, ମହାରାଷ୍ଟ୍ରର ଠାଣେ, ବେଙ୍ଗାଲୁରୁ, ଚେନ୍ନାଇ, କୋଲ୍‌କାତା, ଲକ୍ଷ୍ନୌ ଏବଂ ଜୟପୁରରେ ଚଢ଼ାଉ କରାଯାଇଥିଲା। ଏସ୍‌ଡିପିଆଇ ଜରିଆରେ ପିଏଫ୍‌ଆଇ ଏହାର ଆପରାଧିକ କାର୍ଯ୍ୟ ଚଳାଇଥିବା ଇଡି ପୂର୍ବରୁ କହିଥିଲା। ୨୦୨୨ ସେପ୍ଟେମ୍ବରରେ କେନ୍ଦ୍ର ସରକାର ପିଏଫ୍‌ଆଇକୁ ବେଆଇନ ସଂଗଠନ ଭାବେ ଘୋଷଣା କରିଥିଲେ।

ଲଣ୍ଡନରେ ଜୟଶଙ୍କରଙ୍କ ସୁରକ୍ଷାରେ ତ୍ରୁଟି

ପ୍ରତିବାଦ ଜଣାଇଲା ଭାରତ

ଲଣ୍ଡନ/ନୂଆଦିଲ୍ଲୀ,୬।୩

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ଭାରତ ଦୃଢ଼ ନିନ୍ଦା କରିଛି। ବୁଧବାର ଲଣ୍ଡନର ଚାଥାମ ହାଉସ୍‌ରେ ଜୟଶଙ୍କର ଆଲୋଚନାରେ ଯୋଗଦେଇଥିବାବେଳେ ବାହାରେ ଗୋଟିଏ ଗୋଷ୍ଠୀ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ କରିବା ସହ ଜୟଶଙ୍କରଙ୍କ ସୁରକ୍ଷା ବଳୟ ଅତିକ୍ରମ କରିବାକୁ ଉଦ୍ୟମ କରିଥିଲେ। ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରପନ୍ଥୀ ସଂଗଠନର କାର୍ଯ୍ୟକୁ ନୂଆଦିଲ୍ଲୀ ନିନ୍ଦା କରିଛି। ଉଗ୍ରପନ୍ଥୀମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ସ୍ୱାଧୀନତାର ଦୁରୁପଯୋଗକୁ ଆମେ ନିନ୍ଦା କରୁଛୁ। ଏଭଳି ମାମଲାରେ ଆୟୋଜକ ସରକାର ସେମାନଙ୍କ କୂଟନୈତିକ ଦାୟିତ୍ୱ ସମ୍ପୂର୍ଣ୍ଣ ନିର୍ବାହ କରିବା ଆମେ ଆଶା କରୁଛୁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବିକ୍ଷୋଭ ସତ୍ତ୍ୱେ ଜୟଶଙ୍କର ଆଲୋଚନା ଜାରି ରଖିବା ସହ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର, ବହିର୍ବ୍ୟାପାର ମନ୍ତ୍ରୀ ଡାଭିଡ୍ ଲାମ୍ମି ଓ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ। ଲଣ୍ଡନରେ ଖଲିସ୍ତାନୀ ସପକ୍ଷବାଦୀମାନେ ଜୟଶଙ୍କରଙ୍କ କନ୍‌ଭୟ ନିକଟକୁ ମାଡ଼ିଆସିବା ଘଟଣାକୁ ବ୍ରିଟେନ୍ ଗୁରୁବାର ଦୃଢ଼ ନିନ୍ଦା କରିଛି। ସରକାରୀ କାର୍ଯ୍ୟକ୍ରମକୁ ଧମକ ଦେବା ଓ ବାଧା ସୃଷ୍ଟି କରିବା ଉଦ୍ୟମ ଆଦୌ ଗ୍ରହଣୀୟ ନୁହେଁ ବୋଲି ବ୍ରିଟେନ୍ କହିଛି।

ଫୁରସତ୍

କର୍ନାଟକର ଭାଇରାଲ ବଡିବିଲ୍ଡର କନ୍ୟା

ବେଙ୍ଗାଲୁରୁ

କର୍ନାଟକର ମହିଳା ବଡିବିଲ୍ଡର ତଥା ଫିଟ୍‌ନେସ୍ ଟ୍ରେନର ଚିତ୍ରା ପୁରୁଷୋତ୍ତମଙ୍କୁ ନେଇ ଏବେ ଚର୍ଚ୍ଚା ଲାଗି ରହିଛି। ସେ ନିକଟରେ ତାଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ କିରଣ ରାଜଙ୍କୁ ବିବାହ କରିଥିଲେ। ଏହି ବିବାହରେ ଚିତ୍ରାଙ

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ | Bhubaneswar, Friday, March 7/2025 | ପୃଷ୍ଠା-୧

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଶେଷ ଦିନରେ କଟକ ରେଭେନ୍‌ଶା କଲେଜିଏଟ୍ ସ୍କୁଲରୁ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର। **(ଫଟୋ: ରାଜକିଶୋର ମହାନ୍ତି)**

ନୂଆ ବାସଭବନକୁ ଗଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମେ ନନ୍ଦିନୀ ଶତପଥୀ ଏହି ଘରେ ରହିଥିଲେ

ଭୁବନେଶ୍ୱର, ୬।୩(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆ ସରକାରୀ ବାସଭବନରେ ଗୃହପ୍ରବେଶ କରିଛନ୍ତି। ଭୁବନେଶ୍ୱର ଗଭର୍ନର ହାଉସ୍ ଛକରୁ ଏଜି ଛକ ଯିବା ରାସ୍ତାର ବାମପାର୍ଶ୍ୱରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିର୍ମିତ ଏହି ବାସଭବନକୁ ଗତ ୨୫ ବର୍ଷ। ହେଲା ବ୍ୟବହାର କରାଯାଉ ନ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନବୀନ ନିବାସରେ ରହି ଆସୁଥିଲେ। ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଭାବେ ବ୍ୟବହାର କରୁଥିଲେ। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ୮ ମାସ ଧରି ଏହି ବାସଭବନକୁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଠିକଣା ଭାବେ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଭାବେ ଏହି କ୍ୱାର୍ଟର୍ସ ☞ପୃଷ୍ଠା–୨

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ ହରିଶ ଟଣ୍ଡନ

ନୂଆଦିଲ୍ଲୀ,୬।୩

ଜଷ୍ଟିସ୍ ହରିଶ ଟଣ୍ଡନ

କଲିକତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହେବେ। ସୁପ୍ରିମକୋର୍ଟ କଲେଜିୟମ୍ ଗୁରୁବାର ଏନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ରେ ଅବସର ନେଇଥିଲେ। ତାଙ୍କ ସ୍ଥାନରେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ବର୍ତ୍ତମାନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି।

ଜଷ୍ଟିସ୍ ଟଣ୍ଡନ ୨୦୧୦ ଏପ୍ରିଲ ୧୩ରେ କଲିକତା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇ ସେବେଠୁ ଏହି ଦାୟିତ୍ୱ ସମ୍ଭାଳି ଆସୁଛନ୍ତି। ସର୍ବଭାରତୀୟ ସ୍ତରରେ ବରିଷ୍ଠତା ଭିତ୍ତିରେ ହାଇକୋର୍ଟ ବିଚାରପତିମାନଙ୍କ ମଧ୍ୟରେ ଜଷ୍ଟିସ୍ ଟଣ୍ଡନ ସପ୍ତମ ସ୍ଥାନରେ ରହିଛନ୍ତି। ବିଚାରପତି ଭାବେ ନିଯୁକ୍ତି ପୂର୍ବରୁ ସେ କଲିକତା ହାଇକୋର୍ଟରେ ଦେଓ୍ୱାନି ମାମଲାଗୁଡ଼ିକରେ ଓକିଲାତି କରୁଥିଲେ। ବିଚାରପତି ଭାବେ ନ୍ୟାୟ ପ୍ରଦାନରେ ତାଙ୍କର ଅନେକ ଅଭିଜ୍ଞତା ରହିଛି। ସେ ହାଇକୋର୍ଟ ମୁଖ୍ୟ ବିଚାରପତି ହେବା ପାଇଁ ଯୋଗ୍ୟ ବୋଲି ସୁପ୍ରିମକୋର୍ଟ ଓ୍ୱେବ୍‌ସାଇଟ୍‌ରେ କଲେଜିୟମ୍ ପକ୍ଷରୁ ଅପ୍‌ଲୋଡ୍ କରାଯାଇଥିବା ଏକ ବିବୃତିରେ କୁହାଯାଇଛି।

ମାଟ୍ରିକ୍ ପ୍ରଶ୍ନପତ୍ରରେ ପୁଣି ବିଭ୍ରାଟ

ପାଠ୍ୟକ୍ରମ ବାହାର ପ୍ରଶ୍ନ, ପରୀକ୍ଷା ଦେଇପାରିଲେନି ଛାତ୍ରୀଛାତ୍ର

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ପୁଣି ବିଭ୍ରାଟ ଦେଖିବାକୁ ମିଳିଛି। ଗତ ୧ ତାରିଖରେ ବିଜ୍ଞାନ ବିଷୟ 'ସି' ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କ ପ୍ରଶ୍ନ କମ୍ ରହିଥିଲା। ଗୁରୁବାର ପରୀକ୍ଷାର ଶେଷଦିନରେ ତୃତୀୟ ଭାଷାର ବିକଳ୍ପ ଭାବେ ଛାତ୍ରୀଛାତ୍ରମାନେ ଗ୍ରହଣ କରିଥିବା 'ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର' ବିଷୟ ପ୍ରଶ୍ନପତ୍ରରେ ପାଠ୍ୟକ୍ରମ ବାହାର ପ୍ରଶ୍ନ ରହିଛି। ତାହା ମୋଟ ୫୦ ମାର୍କରୁ ୪୩ ମାର୍କା ଏଭଳି ଗୁରୁତର ତ୍ରୁଟି ଯୋଗୁ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରି ନ ଥିବା ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିଛି।

ପାରାଦୀପ/କଟକ/ସାବରଙ୍ଗ, ୬।୩ (ଶରତ ରାଉତ/କାର୍ତ୍ତିକ ସାହୁ/କାଳିପଦ ରାୟ)

ଚଳିତ ବର୍ଷ ଚାଲିଥିବା ମାଟ୍ରିକ୍ ପରୀକ୍ଷାର ଗୁରୁବାର ହୋଇଥିବା ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର(ଇଏଚ୍) ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ ହୋଇଛି। ୫୦ ମାର୍କ ବିଶିଷ୍ଟ ଏହି ଇଏଚ୍ ବିଷୟରେ ପୁରୁଣା ସିଲାବସ୍‌ର ଅନୁସାରେ ପ୍ରଶ୍ନ ଆସିଛି। ତେବେ ୨୦୨୪–୨୫ ପାଠ୍ୟକ୍ରମରେ ପଢ଼ାଯାଇଥିବା ବିଷୟ ମଧ୍ୟରୁ ପ୍ରଶ୍ନପତ୍ର ନ ଆସିଥିବାରୁ ପିଲାମାନେ ଉତ୍ତର ଦେଇ ପାରିନାହାନ୍ତି।

ସୂଚନାଯୋଗ୍ୟ, ପିଲାମାନଙ୍କ ସମୁଦାୟ ବିଷୟ ମଧ୍ୟରେ ଏକ୍ସଟ୍ରା ଅପ୍ସନାଲ ତୃତୀୟ ଭାଷା ଥାଏ। ଯେଉଁ ପିଲାମାନେ ତୃତୀୟ ଭାଷା ଚୟନ କରି ନ ଥାନ୍ତି ସେମାନେ ବୈଷୟିକ ଶିକ୍ଷା ଉପରେ ପଢ଼ିବାର ବ୍ୟବସ୍ଥା ଅଛି। ଯଥା ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର ଓ ଅଟୋମୋବାଇଲ୍(ଏଏମ୍)। ଏହି ପାଠ୍ୟକ୍ରମ ସୀମିତ ସ୍କୁଲରେ ପଢ଼ାଯାଇଥାଏ। ଜଗତ୍‌ସିଂହପୁର ଜିଲା ମଧ୍ୟରେ ଏମିତି ୫ଟି ସ୍କୁଲ ରହିଛି। ପାରାଦୀପ ପୌରାଞ୍ଚଳରେ ଥିବା ସମସ୍ତ ସରକାରୀ ସ୍କୁଲ ମଧ୍ୟରେ କେବଳ ଏନ୍‌ଏସି ହାଇସ୍କୁଲରେ ଏହି ଦୁଇଟି ବିଷୟ ଉପରେ ପଢ଼ାଯାଇଥାଏ। ଏହି ଇଏଚ୍ ବିଷୟରେ ପାରାଦୀପ ପୌରାଞ୍ଚଳର ୩୮ ଜଣ ପିଲା ଗୁରୁବାର ପରୀକ୍ଷା ଦେଇଥିଲେ। ସେମାନଙ୍କ ପରୀକ୍ଷା ସେଣ୍ଟର ଏନ୍‌ଏସି ଗାର୍ଲ୍ସ ହାଇସ୍କୁଲରେ ପଡ଼ିଥିଲା। ପ୍ରଶ୍ନପତ୍ର ପହଞ୍ଚିବା ପରେ ପିଲାମାନେ ନୂଆ ସିଲାବସ୍ ଅନୁସାରେ ପ୍ରଶ୍ନ ନ ଥିବା ଦେଖି ପରୀକ୍ଷା ସେଣ୍ଟରରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜଣାଇଥିଲେ। ମାତ୍ର ସେମାନେ କିଛି କରି ପାରି ନ ଥିଲେ। ଘରକୁ ଫେରିବା ପରେ ସେମାନେ ଅଭିଭାବକମାନଙ୍କ ଆଗରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ନେହେରୁବଙ୍ଗଳା ଅଞ୍ଚଳରେ ରହୁଥିବା ଅଭିଭାବକ ଅଜିତ ନାୟକ କୁହନ୍ତି, ଝିଅ କିଛି ଉତ୍ତର ଦେଇ ନ ପାରି ଆସି ଘରେ କାନ୍ଦୁଛି। ଆମେ ସ୍କୁଲ ସାରଙ୍କୁ ପଚାରିଲେ, ସେମାନେ ସନ୍ତୋଷଜନକ ଉତ୍ତର ଦେଇ ପାରୁନାହାନ୍ତି। ଏ ସମ୍ପର୍କରେ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ (ବିଇଓ)ମନୋଜ କୁମାର ଦାସଙ୍କୁ ପଚାରିଲେ କୁହନ୍ତି, ଏବିଷୟରେ କିଛି କହିପାରିବୁ ନାହିଁ। ଏମିତି ଅଭିଯୋଗ ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ

ଜନସଂଖ୍ୟାରେ ପରିବର୍ତ୍ତନ

SIKSHA 'O' ANUSANDHAN
SAAT-2025
Empowering students for a brighter future
NURSING PROGRAMMES OFFERED
■ B.SC. (Nursing) (Basic)
■ B.SC. (Nursing) (Post Basic)
■ M.SC. (Nursing)
APPROVAL & RECOGNITIONS
■ Approved by UGC and INC
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2024
■ 14th Best in University Category
■ 21st Best in Medical Category
■ 09th Best in Dental Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT, Please visit: www.soa.ac.in

୧ କୋଟି ଟପିଲେ ସୁଭଦ୍ରା ହିତାଧିକାରୀ

ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ ୨ଲକ୍ଷ ୩୪ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଛନ୍ତି। ଗୁରୁବାର ୫ହଜାର ଟଙ୍କା ଲେଖାଏ ମୋଟ ୧୧୭କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏହାକୁ ମିଶାଇ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା କୋଟିଏ ଟପିଛି। ମୋଟ୍ ୧କୋଟି ୬୪ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ନିକଟକୁ ୫ହଜାର ୩୨କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ରାଜ୍ୟ ସରକାରଙ୍କ ସର୍ବବୃହତ୍ ମହିଳା କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ର ପ୍ରଥମ କିସ୍ତି ବିତରଣର ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୟୁଟ୍ୟୁବ୍ ଲାଇଭ୍‌ରେ ☞ପୃଷ୍ଠା–୨

ଆଜି ଘରେଘରେ ଦୀପ ଜାଳିବାକୁ ଆହ୍ୱାନ ଦେଲେ ଉପମୁଖ୍ୟମନ୍ତ୍ରୀ

- ପଞ୍ଚମ ପର୍ଯ୍ୟାୟରେ ୨,୩୪,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା
- ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା

ଭାରତ ପ୍ରତ୍ୟର୍ପିତ ହେଲେ ନିର୍ଯାତନାରେ ମରିଯିବି

ନୂଆଦିଲ୍ଲୀ,୬।୩

ଆମେରିକାରେ ରହୁଥିବା ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହବୁର ରାଣା ଭାରତକୁ ପ୍ରତ୍ୟର୍ପଣରୁ ବର୍ତ୍ତିବା ପାଇଁ ପୁଣିଥରେ ସେଠାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାରତକୁ ପ୍ରତ୍ୟର୍ପିତ ହେଲେ ନିର୍ଯାତନାରେ ଶୀଘ୍ର ମରିଯିବେ ବୋଲି ସେ ଅଦାଲତଙ୍କୁ କହିଛନ୍ତି। ତେଣୁ ଅଦାଲତ ପୂର୍ବରୁ ପ୍ରତ୍ୟର୍ପଣ ଅନୁମତି ଉପରେ ଜରୁରୀ ସ୍ଥଗିତାଦେଶ ଲଗାଇବାକୁ ରାଣା ନିବେଦନ କରିଛନ୍ତି।

ରାଣା ବିଭିନ୍ନ କାରଣ ଦର୍ଶାଇ କହିଛନ୍ତି, ଭାରତରେ ବିଚାରର ସମ୍ମୁଖୀନ ହେଲେ ତାଙ୍କର ବଞ୍ଚିବା

ଆମେରିକା ସୁପ୍ରିମକୋର୍ଟରେ ତହବୁର ରାଣାଙ୍କ ନିବେଦନ

ତହବୁର ରାଣା

ସୁଯୋଗ ଯଥେଷ୍ଟ କମ୍ ରହିବ। ପାକିସ୍ତାନୀ ବଂଶୋଦ୍ଭବ ମୁସଲମାନ ହୋଇଥିବାରୁ ତାଙ୍କୁ ଭାରତରେ ନିର୍ଯାତନା ଦିଆଯିବ। ☞ପୃଷ୍ଠା–୨

ମହାକୁମ୍ଭରୁ ଧନୀ: ନାବିକ ପରିବାର ଆୟ କଲା ୩୦ କୋଟି

ପ୍ରୟାଗରାଜ,୬।୩

ପରିବାର ସଦସ୍ୟଙ୍କ ସହ ନାଉରି ପିଣ୍ଟୁ ମହାରା(ବାମ)।

ହିନ୍ଦୁଧର୍ମର ସର୍ବବୃହତ୍ ଧର୍ମୀୟ ମେଳା ମଧ୍ୟରୁ ଅନ୍ୟତମ ମହାକୁମ୍ଭ ମେଳା ୪୫ ଦିନ ଧରି ଗତ ଜାନୁଆରୀ ୧୩ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏହି ମହାକୁମ୍ଭ ମେଳାରେ ଅନେକ ଲୋକ ବିଭିନ୍ନ ବ୍ୟବସାୟ ମାଧ୍ୟମରେ ବହୁ ରୋଜଗାର କରିଛନ୍ତି ବୋଲି ଉତ୍ତରପ୍ରଦେଶ ବିଧାନସଭାରେ ବଜେଟ ଅଧିବେଶନକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର କହିଥିଲେ, ଏହି ଅବସରରେ ଯୋଗୀ ପିଣ୍ଟୁ ମହାରା ନାମକ ଜଣେ ନାଉରିଙ୍କ କାହାଣୀକୁ ବଖାଣି କହିଥିଲେ, ପିଣ୍ଟୁଙ୍କ ପରିବାର ମହାକୁମ୍ଭ ମେଳାର ୪୫ ଦିନ ମଧ୍ୟରେ ଯାତ୍ରୀମାନଙ୍କୁ ବୋଟ୍ ଯୋଗେ ନେବାଆଣିବା କରି୩୦ କୋଟିଟଙ୍କାର ରୋଜଗାର କରିଛନ୍ତି। ଏହାପରଠାରୁ ପିଣ୍ଟୁଙ୍କୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ ଉପକୂଳବର୍ତ୍ତୀ ଅଗୈଲ ଗ୍ରାମର ପିଣ୍ଟୁ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ମହାକୁମ୍ଭ ମେଳା ଆରମ୍ଭ ହେବା ପୂର୍ବରୁ ସେ ନେଇଥିବା ଏକ ନିଷ୍ପତ୍ତି ତାଙ୍କୁ ଏହି ସଫଳତା ଆଣି ଦେଇଛି। ୨୦୧୯ରେ ପ୍ରୟାଗରାଜରେ ଆୟୋଜିତ କୁମ୍ଭମେଳାରେ ମଧ୍ୟ ପିଣ୍ଟୁ ଲୋକଙ୍କୁ ବୋଟ୍ ଯୋଗେ ନେବାଆଣିବା କରୁଥିଲେ। ତେବେ ଉକ୍ତ କୁମ୍ଭମେଳାଠାରୁ ୨୦୨୫ର ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଅନେକ ଗୁଣାରେ ବୃଦ୍ଧି ପାଇବ ବୋଲି ସେ ଅନୁମାନ ଲଗାଇଥିଲେ। ତେଣୁ ମହାକୁମ୍ଭ ପୂର୍ବରୁ ସେ ନିଜ ପରିବାର ପାଇଁ ୭୦ଟି ବୋଟ୍ କିଣିଥିଲେ। ଏହାପୂର୍ବରୁ ପିଣ୍ଟୁ ଏବଂ ତାଙ୍କର ଶତାଧିକ ☞ପୃଷ୍ଠା–୨

আজ কী কিনবেন

পুষ্পবিতান

• পদ্মা সাহা'স্টোরস ঘর সাজানর ও বিবাহ উপহার। ৫৫ নিউ মার্কেট, ঢাকা। ফোন: ০১৭১১-২২৩৪৫৬।
• সন্ধ্যামালতী ফুলের মালা ও তোড়া। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• রজনীগন্ধা কুঞ্জ। ১২ ফুলবাগান লেন, ঢাকা। ফোন: ০১৭১১-২২৩৪৫৬।
• বকুল নিবাস। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• শিউলি ফুলের মালা। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• ফুলকুঞ্জ। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• বেলি ফুলের মালা। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• ফুলবাগান। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• বকুল নিবাস। ৩৩ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• পদ্মা সাহা'স্টোরস। ৫৫ নিউ মার্কেট, ঢাকা। ফোন: ০১৭১১-২২৩৪৫৬।
• সন্ধ্যামালতী। ১২ ফুলবাগান লেন, ঢাকা। ফোন: ০১৮১৯-৭৭৬৫৪৩।
• রজনীগন্ধা কুঞ্জ

ଏପ୍ରିଲ ୨ରୁ ଖୋଲିବ 'ଶିଶୁ ବାଟିକା' ଶ୍ରେଣୀ

ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ଆସନ୍ତା ଏପ୍ରିଲ ୨ରୁ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଖୋଲିବ 'ଶିଶୁ ବାଟିକା' ଶ୍ରେଣୀ। ୨୦୨୫-୨୬ ଶିକ୍ଷାବର୍ଷରୁ ଏଠାରେ ୫-୬ବର୍ଷ ବୟସର ପିଲାଙ୍କ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ। ଏନେଇ ପ୍ରସ୍ତୁତି ଓ ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗୀୟ କମିଶନର କମ୍ ସେକ୍ରେଟାରୀ ସାଲିନୀ ପଣ୍ଡିତ ଏକ ବିଜ୍ଞପ୍ତି ଜରିଆରେ ସମସ୍ତ ଜିଲାପାଳ, ଅଧ୍ୟକ୍ଷ ଏବଂ ସମଗ୍ର ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରାଜ୍ୟରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱକୁ ଗୁରୁତ୍ୱ ଦିଆଯାଇ 'ଶିଶୁ ବାଟିକା' ନାମରେ ଏକ ଅତିରିକ୍ତ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ଏହାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଭିତ୍ତିଭୂମିକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବାଟିକାରେ ପିଲାମାନେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପାଠପଢ଼ିବେ। ଟିଇ ଆଣ୍ଡ୍ ଏସ୍ସିଇଆର୍ଟି ଦ୍ୱାରା ବିକଶିତ ସମସ୍ତ ପୁସ୍ତକ ଏପ୍ରିଲ ୧ ସୁଦ୍ଧା ସମସ୍ତ ପିଲାଙ୍କୁ ଦିଆଯିବ। ଏହା ସେମାନଙ୍କ ଶ୍ରେଣୀଗୃହ ପାଠପଢ଼ିବାରେ ସହାୟକ ହେବ। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ବ୍ୟବସ୍ଥାରେ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ସମସ୍ତ ଶିଶୁ ବାଟିକା ପିଲାଙ୍କୁ ଏକ କିଟ୍ ପ୍ରଦାନ କରାଯିବ। ଏହି କିଟ୍‌ରେ ସ୍କୁଲ ବ୍ୟାଗ ସହିତ ପାଠ୍ୟକ୍ରମ ଉପକରଣ ଅନ୍ତର୍ଭୁକ୍ତ ହେବ। ସେହିପରି ଖେଳ ଭିତ୍ତିକ ଶିକ୍ଷଣ ପଦ୍ଧତି ମାଧ୍ୟମରେ ମୌଳିକ ଦକ୍ଷତା ଅର୍ଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ 'ଯାଦୁ ପେଡି' କିଟ୍ ଯୋଗାଇ ଦିଆଯିବ। ଏଥିପାଇଁ ସମସ୍ତ ପ୍ରାଥମିକ ଶ୍ରେଣୀର ଶିକ୍ଷକଙ୍କୁ ପ୍ରସ୍ତୁତି ମଡ୍ୟୁଲ ଉପରେ ତାଲିମ ଦିଆଯିବ। ଏହା ମାର୍ଚ୍ଚ ୧୫ ସୁଦ୍ଧା ଶେଷ ହେବ। ଶିଶୁ ବାଟିକାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଜିଲ୍ଲାସ୍ତରରେ ଏକ ଉତ୍ସର୍ଗୀକୃତ ସେଲ୍ ପ୍ରତିଷ୍ଠା କରାଯିବ। ଏହାବ୍ୟତୀତ ପ୍ରାକ୍ ବିଦ୍ୟାଳୟ ପାଇଁ ଆବଶ୍ୟକ ଅତିରିକ୍ତ ଭିତ୍ତିଭୂମି ଆସନ୍ତା ବର୍ଷ ଭିତରେ ପ୍ରଦାନ କରାଯିବାର ଯୋଜନା ରହିଛି ବୋଲି ବିଜ୍ଞପ୍ତିରେ ସୂଚନା ରହିଛି।

ପିଲାଙ୍କୁ ଦିଆଯିବ 'ଯାଦୁପେଡି କିଟ୍'

ମାଟ୍ରିକ୍ ପରୀକ୍ଷାକୁ ଯାଉଥିବା ବେଳେ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି,୬।୩
(ନୃସିଂହ ଚରଣ ମହାନ୍ତି)

ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯିବା ବେଳେ ସଡ଼କ ଦୁର୍ଘଟଣାରେ ମାଲକାନଗିରି ଜିଲା ପଦ୍ମଗିରି ହାଇସ୍କୁଲର ଛାତ୍ର ବିକ୍ରମ ସର୍ଦ୍ଦାରଙ୍କର ମୃତ୍ୟୁ ଘଟିଛି। ଦଶମ ଶ୍ରେଣୀ ପରୀକ୍ଷାର ଗୁରୁବାର ଶେଷଦିନ ଥିବା ବେଳେ ବିକ୍ରମ ଏବଂ ଅନ୍ୟ ଜଣେ ଛାତ୍ର ବାଇକ୍‌ରେ ପଦ୍ମଗିରିଠାରୁ ସେରପାଲି ପରୀକ୍ଷାକେନ୍ଦ୍ରକୁ ଯିବା ବେଳେ ଚନ୍ଦନଗୁଡ଼ା ନିକଟରେ ଏକ ପିକ୍-ଅପ୍ ଭ୍ୟାନ୍ ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ବିକ୍ରମଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ଛାତ୍ର ତାପସ ସର୍ଦ୍ଦାର ଗୁରୁତର ହୋଇଥିଲେ। ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି । ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି । ମାଲକାନଗିରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅନମୃତ୍ୟୁ ମାମଲା ନଂ.୯୧/୨୫ ରୁଜୁ ହୋଇଛି।

୫ରୁ ଊର୍ଦ୍ଧ୍ୱ ବୋଟ, ୧୦ରୁ ଅଧିକ ଡଙ୍ଗା ଜଳିଗଲା

ପାରାଦୀପ, ୬।୩
(ଶରତ ରାଉତ)

ରାଜ୍ୟର ବୃହତ୍ତମ ପାରାଦୀପ ମାଛଧରାବନ୍ଦର ପୋତାଶ୍ରୟ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ରୁ ଅଧିକ ବଡ଼ ବୋଟ୍ ଓ ୧୦ରୁ ଅଧିକ ଡଙ୍ଗା ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାଥମିକ ସୂଚନା ଅନୁସାରେ, ବୋଟ୍ ଦେବୀ ଲକ୍ଷ୍ମୀ, ଲକ୍ଷ୍ମୀ କୃପା, ଆଶୀର୍ବାଦ, ପିତାମାତା, ତାରିଣୀ ଶକ୍ତି, ବାବା ବାଲୁଙ୍କେଶ୍ୱର ଆଦି ନିଆଁରେ ଜଳିଯାଇଥିବା କୁହାଯାଉଛି। ତେବେ ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଖବରପାଇ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ, କୁଜଙ୍ଗ ଦମକଳ ବାହିନୀ ସମେତ ପାରାଦୀପର ଶିଳ୍ପସଂସ୍ଥାରଗୁଡ଼ିକର ଦମକଳ ଗାଡ଼ିଗୁଡ଼ିକ ସେଠାରେ ପହଞ୍ଚିଛି। ସମୁଦାୟ ୧୨ଟି ଦମକଳ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଆଁ ଲିଭି ନ ଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ କ୍ୟାରେଟ ବୋଟ, ସୋନା ଟ୍ରଲର ଆଦି ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ବୋଟ୍ ମଧ୍ୟରେ ବିପୁଳ ପରିମାଣର ତେଲ ଓ ରନ୍ଧନ ଗ୍ୟାସ୍ ଥିଲାବେଳେ ସେଥିରେ ଜାଲ, ସୂତା, ରଶି ଓ ଝୁଡ଼ି ଆଦି ରହିଛି। ଏହାଛଡ଼ା ବୋଟ୍‌ଗୁଡ଼ିକ କାଠ, ଫାଇଭର, ପ୍ଲାଷ୍ଟିକ ଆଦିରେ ତିଆରି ହୋଇଥିବାରୁ ନିଆଁ ଲିଭାଇବା କଷ୍ଟକର ହୋଇପଡ଼ିଛି। ଏଭଳିସ୍ଥିତିରେ ଗ୍ୟାସ ଟାଙ୍କି ଫାଟିବାରୁ ପରିସ୍ଥିତି ଅଣାୟତ୍ତ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ପାଇଁ ନିଆଁ ପାଖକୁ ଯିବା ସହଜ ହେଉନାହିଁ। ଏହି ଅଗ୍ନିକାଣ୍ଡରେ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଜିଲାର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି।

ପାରାଦୀପ ମାଛଧରାବନ୍ଦର ପରିସରରେ ଭୟାବହ ଅଗ୍ନିକାଣ୍ଡ

ଡ. ବିଜୟଲକ୍ଷ୍ମୀ ମହାନ୍ତି ରାଷ୍ଟ୍ରପତିଙ୍କ ପରାମର୍ଶଦାତା

ଭୁବନେଶ୍ୱର/ରାଇରଙ୍ଗପୁର
(ଅନୁରାଧା ମହାରଣା/ମାନସ ମହାନ୍ତି)

ଡ. ବିଜୟଲକ୍ଷ୍ମୀ ମହାନ୍ତି

ରାଇରଙ୍ଗପୁରର ଝିଅ ତଥା କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶିକା ପ୍ରାଧାପିକା ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ରାଜ୍ୟର ପ୍ରଥମ ମହିଳା ଭାବେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟସ୍ତରରେ ଟପ୍ପର ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ୱର୍ଣ୍ଣ ପଦକ ପାଇଥିବା ବିଜୟଲକ୍ଷ୍ମୀ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେ ନିଜ ଶୃଙ୍ଖଳିତ ଜୀବନଶୈଳୀ ଏବଂ ଲୋକସମ୍ପର୍କ ଦ୍ୱାରା ସବୁ ମହଲରେ ଆଦୃତ ହୋଇଥିବାବେଳେ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଲେଖି ବେଶ୍ ପ୍ରସିଦ୍ଧିଲାଭ କରିଛନ୍ତି। ନିଜ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ତତ୍ତ୍ୱାବଧାନରେ ପ୍ରଥମ ସଦସ୍ୟ ଭାବରେ ସେ କଟକରେ ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷା କ୍ଷେତ୍ରରେ ଦୀର୍ଘ ୨୩ ବର୍ଷର ଅଭିଜ୍ଞତା ଥିବା ଡ. ମହାନ୍ତି ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ ବିକାଶ କେନ୍ଦ୍ର (ଏଚ୍‌ଆରଡିସି) ତଥା ଲୋକ ସମ୍ପର୍କ ଏବଂ ସାମାଜିକ ଯୋଗାଯୋଗ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ଶ୍ରୀଶ୍ରୀ ଆଡ୍‌ଭାନ୍ସଡ ଗ୍ଲୋବାଲ ସେଣ୍ଟର ଫର୍ କନ୍‌ଫ୍ଲିକ୍ଟ ରିଜୋଲ୍ୟୁଶନ ଆଣ୍ଡ୍ ପିସ୍ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ମଧ୍ୟ ଅଛନ୍ତି। ସେ ୫୦ଟି ଗବେଷଣା ନିବନ୍ଧ ଓ ୩ଟି ପୁସ୍ତକ ରଚନା କରିଛନ୍ତି। ୨୦୦୫ରୁ ଆର୍ଟ ଅଫ୍ ଲିଭିଂ ଲାଇଫ୍ ସ୍କିଲସ୍ ଆଣ୍ଡ୍ ମେଡିଟେଶନ ଟ୍ରେନର ଭାବେ କାର୍ଯ୍ୟ କରୁଥିବାବେଳେ ଇତିମଧ୍ୟରେ ସେ ୧,୦୦,୦୦୦ ଘଣ୍ଟାର ପ୍ରଶିକ୍ଷଣ ଓ ଶିକ୍ଷାଦାନ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ଡ. ମହାନ୍ତିଙ୍କ ସହ ଅନ୍ୟ ୬ଜଣଙ୍କୁ ମଧ୍ୟ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ଅତିରିକ୍ତ ବ୍ୟକ୍ତିଗତ ସଚିବ, ଅରବିନ୍ଦ କୁମାର ମାରାଣ୍ଡିଙ୍କୁ ମୁଖ୍ୟ ବ୍ୟକ୍ତିଗତ ସଚିବ, ସବିତାରାଣୀ ହେମ୍ବ୍ରମଙ୍କୁ ମୁଖ୍ୟ ବ୍ୟକ୍ତିଗତ ସଚିବ, ବେନି ମାରାଣ୍ଡିଙ୍କୁ ସହକାରୀ ବ୍ୟକ୍ତିଗତ ସଚିବ, ବାଳକନାଥ ନାଏକଙ୍କୁ ସହକାରୀ ବ୍ୟକ୍ତିଗତ ସଚିବ ଏବଂ ମନୋଜ ବିଶ୍ୱାଳଙ୍କୁ ବ୍ୟକ୍ତିଗତ ସହାୟକ ପ୍ରମୁଖ ଭାବେ ନିଯୁକ୍ତ କରାଯାଇଛି।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀଙ୍କ ସମେତ ୬ ବହିଷ୍କୃତ

ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ପିସିପିଆର୍) ଅଧ୍ୟକ୍ଷା ମନ୍ଦାକିନୀ କରଙ୍କୁ ବହିଷ୍କାର କରାଯାଇଛି। ଏଥିସହ ଆୟୋଗର ୫ଜଣ ସଦସ୍ୟ ଯଥା ସସ୍ମିତା ନନ୍ଦ, ରୁବି ବିଶାଳ, ଜାଲିନା ପ୍ରିୟଦର୍ଶିନୀ, ଛବି ମହାଲି ଏବଂ ଅନିତା ବେହେରାଙ୍କୁ ମଧ୍ୟ ବହିଷ୍କୃତ କରାଯାଇଛି। ୨୦୨୪ ନଭେମ୍ବର ୧୬ରେ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ବିରୋଧରେ ଆସିଥିବା ଅଭିଯୋଗ ଆଧାରରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହା ବିରୋଧରେ ମନ୍ଦାକିନୀ ଏବଂ ଅନ୍ୟ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ସମସ୍ତ ତଥ୍ୟକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଉକ୍ତ ଆବେଦନକୁ ଖାରଜ କରିବା ପରେ ଗୁରୁବାର ସମସ୍ତଙ୍କ ବହିଷ୍କାର ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଦେଶନାମା ଜାରି କରାଯାଇଛି।

ନିଆଁ ଲାଗି ୨୦ ବଖରା ଭସ୍ମୀଭୂତ

ନିଆଁ ଲାଗି ଘରଗୁଡ଼ିକ ଜଳିଯାଉଛି।

ବଇଣ୍ଡା,୬।୩(ପରିକ୍ଷିତ ସାହୁ)/
ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଂହା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ଗୁରୁବାର ଅପରାହ୍ନରେ ନିଆଁଲାଗି ପ୍ରାୟ ୨୦ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଅମାନ୍ତ ସାହୁ, ଅଚ୍ୟୁତ ସାହୁ, ବିଜୟ ସାହୁ, ହାଡ଼ିବନ୍ଧୁ ସାହୁ, ଧନୁ ସାହୁ, ନଭେମ୍ବର ସାହୁ, ଅବଦୁତ ସାହୁ, ପ୍ରବୀର ସାହୁ, ପ୍ରକାଶ ସାହୁଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଅମାନ୍ତଙ୍କ ଘରେ ଲାଗିଥିବା ନିଆଁ ପାଖ ଘରଗୁଡ଼ିକୁ ବ୍ୟାପିଯିବାରୁ ଏହି ପରିବାରର ପିନ୍ଧା ବସ୍ତ୍ର ବ୍ୟତୀତ ସମସ୍ତ ଧାନ, ଚାଉଳ, ଟଙ୍କା, ସୁନା ଗହଣା ସହ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିଥିବା ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ହେଁ ସେତେବେଳକୁ ଘରଗୁଡ଼ିକ ଜଳିଯାଇଥିଲା। ତୁରନ୍ତ ଅଗ୍ନିବିପନ୍ନ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଆଠମଲ୍ଲିକ ଉପଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଗ୍ନିବିପନ୍ନ ପରିବାରଙ୍କୁ କିପରି ପକ୍କା ଘର ପ୍ରଦାନ କରାଯିବ ସେ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଖବରପାଇ ଅତିରିକ୍ତ ତହସିଲଦାର ଭେଙ୍କଟେଶ୍ୱର ରାଓ, ରାଜସ୍ୱ ନିରୀକ୍ଷକ ବିକଳ୍ପ ପ୍ରଧାନ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ମେହେର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସରପଞ୍ଚ ସୁଦର୍ଶନ ଗାଇଗରିଆଙ୍କ ସହଯୋଗରେ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ରାଜସ୍ୱ ନିରୀକ୍ଷକ ଆକଳନ କରିବା ପରେ କ୍ଷତୟକ୍ଷତି ପରିମାଣ ଜଣାପଡିବ ବୋଲି ଅତିରିକ୍ତ ତହସିଲଦାର ରାଓ ପ୍ରକାଶ କରିଥିଲେ। ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ।

ସିରିଜ୍ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

୨ ଡ୍ରାଇଭର ଗିରଫ

ଚମ୍ପୁଆ,୬।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ନିକଟରେ ବୁଧବାର ରାତିରେ ସିରିଜ୍ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ୨ ଡ୍ରାଇଭରଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟିକୁ ସର୍ଦ୍ଦାର, ପ୍ରଭାସ ନାୟକ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ରାତି ୯ଟା ସମୟରେ ଚମ୍ପୁଆ ବ୍ଲକ୍ ଛକରେ ପାଞ୍ଚପୋଖରିଆ ଦିଗରୁ ଦ୍ରୁତଗତିରେ ଏକ ଟ୍ରାକ୍ଟର(ଓଡି ୦୯ ଏଏ ୬୬୦୧)ଆସୁଥିଲା। ବିପରିତ ଦିଗରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେବାପରେ ଏକ ଇଟିଗା କାନ୍ଥକୁ ଧକ୍କା ଦେଇଥିଲା। ପରେ ଚମ୍ପୁଆ ଦିଗରୁ ଯାଉଥିବା ଏକ ବାଇକ୍ ଓ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ଜାମୁଦଳକ ପଞ୍ଚାୟତ ନିର୍ବାହୀ ଅଧିକାରୀ କେଶିପ୍ରଭା ମହାନ୍ତି ଓ ରତିତା ସେନାପତି ଗୁରୁତର ହୋଇଥିଲେ। ସେହିପରି ବାଇକ ଆରୋହୀ କୁମାରମୂର୍ତ୍ତି ପ୍ରଧାନ, ରଞ୍ଜନ ଗିରି ଓ ମନୋଜ ନାଏକ ସମରୂପ ଭାବେ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କେଶିପ୍ରଭା ମହାନ୍ତିଙ୍କୁ ମୃତ ଘୋଷଣା କରିଥିଲେ। ଆହତ କୁମାରମୂର୍ତ୍ତିଙ୍କ କାନ୍ଧ ଓ ଗଳାଗଣ୍ଠି ଭାଙ୍ଗିଥିବା ବେଳେ ରଞ୍ଜନ ଗିରିଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା (ନଂ. ୪୩/୨୫) ରୁଜୁ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର, ଇଟିକା କାର ଜବତ କରିବା ସହ ଡ୍ରାଇଭର ଟିକୁ ସର୍ଦ୍ଦାର ଓ ପ୍ରଭାସ ନାୟକଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଖବର ପାଇ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ।

ପଦୋନ୍ନତି ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା କରିବାକୁ ରେଳ ବୋର୍ଡର ନିଷ୍ପତ୍ତି

ଭୁବନେଶ୍ୱର,୬।୩
(ଅନୁରାଧା ମହାରଣା)

ବିଭାଗୀୟ ପଦୋନ୍ନତି କ୍ଷେତ୍ରରେ ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) କରିବାକୁ ରେଳ ବୋର୍ଡ ନିଷ୍ପତ୍ତି ନେଇଛି। ରେଳପଥ ନିଯୁକ୍ତି ବୋର୍ଡ (ଆରଆର୍‌ବି) ଏହି ପରୀକ୍ଷା କରିବ। ଏଥିଲାଗି ସମସ୍ତ ଜୋନାଲ ରେଳପଥ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବେ। ସେହିପରି ପରୀକ୍ଷାର୍ଥୀଙ୍କ ବିଷୟରେ ଠିକ ତଥ୍ୟ ପାଇବା ପାଇଁ ଆଡମିଟ୍ କାର୍ଡରେ ବାର୍‌କୋଡ୍ ରହିବ। ତେବେ ୨୦୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୭ କୋଟିରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ କୌଣସି ପ୍ରଶ୍ନପତ୍ର ଲିକ୍, ରିମୋଟ୍ ଲଗ୍-ଇନ୍ ଏବଂ ସ୍ୱାଏ ଡିଭାଇସ ବ୍ୟବହାର ଘଟଣା ଘଟି ନ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତିଭିତ୍ତିକ ପରୀକ୍ଷା ହେବାକୁ ଥିବା ସହର ବିଷୟରେ ପରୀକ୍ଷାର ୧୦ଦିନ ପୂର୍ବରୁ ବିଜ୍ଞପ୍ତି ପ୍ରକାଶିତ ହୋଇଥାଏ। ସେହିପରି ପରୀକ୍ଷା କେନ୍ଦ୍ର ସମ୍ପର୍କିତ ସୂଚନା ମାତ୍ର ୪ଦିନ ପୂର୍ବରୁ ଉପଲବ୍ଧ ହୋଇଥାଏ। ପରୀକ୍ଷା କେନ୍ଦ୍ରଗ

ଜନସଂଖ୍ୟାରେ ପରିବର୍ତ୍ତନ

ଅନୁ ମାଡଗାଭକର
ପାର୍ଟନର, ମ୍ୟାକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ (ନ୍ୟୁୟର୍କ)

ମାର୍କ କାନାଲ ନୋଗୁଏର
ସିନିୟର ଫେଲୋ,ମ୍ୟାକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ (ବାର୍ସେଲୋନା)

ଜନ୍ମ ହାର ହ୍ରାସ ଏବଂ ଲାଇଫ ଏକ୍ସପେକ୍ଟାନ୍ସି ବା ସମ୍ଭବ୍ୟ ଆୟୁଷ ବୃଦ୍ଧିର ପ୍ରଭାବ ଜର୍ମାନୀ, ଇଟାଲୀ ଏବଂ ଜାପାନ ଭଳି ବିକଶିତ ଅର୍ଥ ବ୍ୟବସ୍ଥାରେ ବଢୁଥିବା ଦେଖାଯାଉଛି। ଶ୍ରମ ବଜାର ଭାଗୀଦାରି ସୀମିତ ହେବା ସହ ଶ୍ରମିକ ଅଭାବ ଅଧିକ ଜଟିଳ ହୋଇଛି ଏବଂ ପରିବାରଗୁଡ଼ିକ ବୟସ୍କ ଲୋକଙ୍କର ସେବା ପାଇଁ ସଂଘର୍ଷ କରୁଛନ୍ତି। କେତେକ ଅଞ୍ଚଳରେ ଛାତ୍ର ସଂଖ୍ୟା ହ୍ରାସ ଯୋଗୁ ସ୍କୁଲ ବନ୍ଦ କରିବାକୁ ପଡ଼ିଛି। ଦକ୍ଷିଣ କୋରିଆ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ୨୦୨୩ରେ ଦେଶର ମୋଟ ଫର୍ଟିଲିଟି ରେଟ୍ (ପ୍ରଜନନ ହାର ବା ଜଣେ ମହିଳାଙ୍କ ଜୀବନର ପ୍ରଜନନକ୍ଷମ ବୟସ ମଧ୍ୟରେ ଜନ୍ମ ହେଉଥିବା ହାରାହାରି ସନ୍ତାନ ସଂଖ୍ୟା) ଅଧିକ ହ୍ରାସ ପାଇ ୦.୭ ରହିଥିଲା। ଜନ୍ମହାର ହ୍ରାସ ଯୋଗୁ ବୟସ୍କଙ୍କ ସଂଖ୍ୟା ବୃଦ୍ଧି କେବଳ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ସୀମିତ ରହି ନାହିଁ। ଗୋଟିଏ କିମ୍ବା ଦୁଇଟି ପିଢି ମଧ୍ୟରେ, ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟ ସମାନ ପ୍ରକାର ସମସ୍ୟା ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

ମ୍ୟାକିନ୍‌ସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ୍ (ଏମ୍‌ଜିଆଇ)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଆମେ ଏହି ଜନସାଂଖ୍ୟକ ପରିବର୍ତ୍ତନକୁ ତିନିଟି ପୃଥକ ଟ୍ରେଭାଲହରରେ ବିଭକ୍ତ କରିଛୁ। ପ୍ରଥମ ଲହରଟି ବିକଶିତ ଦେଶଗୁଡ଼ିକ ସମେତ ପୂର୍ବ ୟୁରୋପ ଓ ଚାଇନାକୁ ମାଡ଼ିଗଲାଣି, ଯେଉଁଠି ୱାର୍କିଂ ଏଜ ପପୁଲେସନ (୧୫ରୁ ୬୪ ବର୍ଷ ମଧ୍ୟରେ କାମ କରିବାକୁ ସକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା) ୨୦୧୦ ସୁଦ୍ଧା ବୃଦ୍ଧି ପାଇଥିଲା ଓ ପରେ ତାହା ଧୀରେ ଧୀରେ କମିବାରେ ଲାଗିଛି। ଫଳରେ ଏହିସବୁ ଅର୍ଥ ବ୍ୟବସ୍ଥାରେ ମୁଣ୍ଡପିଛା ଜିଡିପି ଅଭିବୃଦ୍ଧି ମନ୍ଥର ହେବା ସହ ୨୦୫୦ ସୁଦ୍ଧା ବାର୍ଷିକ ହାରାହାରି ୦.୪ ପ୍ରତିଶତ ପଏଣ୍ଟ ହେବ ବୋଲି ଆକଳନ କରାଯାଇଛି କିମ୍ବା କେତେକ ଦେଶରେ ଏହା ୦.୮ ପ୍ରତିଶତ ହୋଇପାରେ। ଏବେ ପେନ୍‌ସନଭୋଗୀଙ୍କ ପାଇଁ ପାଣ୍ଠି ଯୋଗାଡ଼ରେ ୩୦ ପ୍ରତିଶତ ଶ୍ରମ ଆୟ ଉପଯୋଗ ହେଉଥିବାବେଳେ ଏହି ସଂଖ୍ୟା ମଧ୍ୟ ୨୦୫୦ ସୁଦ୍ଧା ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ପାଇପାରେ। ଦ୍ୱିତୀୟ ଜନସାଂଖ୍ୟକ ଲହର ଆଗାମୀ ଦଶନ୍ଧିରେ ବିକାଶଶୀଳ ଦେଶଗୁଡ଼ରେ ନକାରାତ୍ମକ ପ୍ରଭାବ ପକାଇବ। ସବ–ସହାରାନ ଆଫ୍ରିକା (ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକା ମହାଦେଶର ଦେଶଗୁଡ଼ିକ) ବ୍ୟତୀତ ସବୁଠି କାମ କରିବାରେ ସକ୍ଷମ ଲୋକଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିବାରୁ ଏଭଳି ଘଟିବ । ୨୦୫୦ ସୁଦ୍ଧା ତୃତୀୟ ଲହର ଆସିଲେ ସବ୍–ସହାରାନ ଆଫ୍ରିକାରେ ଏହା ଶୀର୍ଷରେ ପହଞ୍ଚିବ। ତେବେ ସବ୍–ସହାରାନ ଆଫ୍ରିକା ବାହାରେ ୮୯ଟି ବିକାଶଶୀଳ ଦେଶ ମଧ୍ୟରୁ ପାଖାପାଖି ଅଧାରେ ପ୍ରଜନନ ହାର କମିଯାଇଛି। ଫଳରେ ୬୫ ବର୍ଷ କିମ୍ବା ଏହାଠାରୁ ଅଧିକ ବୟସ୍କଙ୍କ ତୁଳନାରେ ଏବେ କାର୍ଯ୍ୟକ୍ଷମ

ବ୍ୟକ୍ତିଙ୍କ ଅନୁପାତ ହ୍ରସ ପାଉଛି। ବିକାଶ ପଥରେ ଥିବା ଅର୍ଥ ବ୍ୟବସ୍ଥା ଭବେ ଚାଇନାରେ ଏବେ ଅବସରପ୍ରାପ୍ତ ଲୋକଙ୍କ ତୁଳନାରେ ୪.୮ ପ୍ରତିଶତ କାର୍ଯ୍ୟକ୍ଷମ ଲୋକ ଅଛନ୍ତି। ଏହା ଆମେରିକାର ଅନୁପାତଠାରୁ ଦୂରରେ ନାହିଁ। ୨୦୫୦ ସୁଦ୍ଧା, ଚାଇନାରେ ପେନସନର ଓ କାର୍ଯ୍ୟକ୍ଷମ ବୟସର ବ୍ୟକ୍ତିଙ୍କ ଅନୁପାତ ୧.୯କୁ ଖସି ଫ୍ରାନ୍ସ (୨.୦) ଏବଂ ଆମେରିକା (୨.୬) ତଳେ ରହିବ ବୋଲି ଆକଳନ କରାଯାଇଛି।

ଜନସାଂଖ୍ୟକ ପରିବର୍ତ୍ତନ ଅନ୍ୟସବୁ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ମନ୍ଥର ଗତିରେ ହେଉଥିବା ଦେଖାଯାଉଛି। କିନ୍ତୁ ଥାଇଲାଣ୍ଡର ଶ୍ରମିକ ଓ ପେନସନଭୋଗୀଙ୍କ ଅନୁପାତ ପାଞ୍ଚ ବର୍ଷ ମଧ୍ୟରେ ୩.୯କୁ ଖସିବ ବୋଲି ଆକଳନ କରାଯାଇଛି। ବ୍ରାଜିଲ ଏହି ସ୍ତରକୁ ୧୬ ବର୍ଷରେ ଏବଂ ଭାରତ ୩୩ ବର୍ଷରେ ଛୁଇଁବ। ତେବେ ଏହି ତିନୋଟି କ୍ଷେତ୍ରରେ ମୁଣ୍ଡପିଛା ଜିଡିପି ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକ ତୁଳନାରେ ବହୁତ କମ୍ ରହିଛି। ଏହିସବୁ ପରିବର୍ତ୍ତନ ବିକାଶୀଳଦେଶ ସାମ୍ନାରେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସେମାନେ ବୃଦ୍ଧର ଦେଶ ହେବା ପୂର୍ବରୁ ଧନୀ ହେବା ଦରକାର। ବିଗତ ୨୫ ବର୍ଷ ମଧ୍ୟରେ ଅନୁକୂଳ ଜନସାଂଖ୍ୟକ ଧାରା ଯୋଗୁ ଭାରତରେ ମୁଣ୍ଡପିଛା ଜିଡିପି ବାର୍ଷିକ ହାରାହାରି ୦.୭ ପ୍ରତିଶତ ପଏଣ୍ଟ ଏବଂ ଲାଟିନ ଆମେରିକାରେ ୦.୫ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ଡେମୋଗ୍ରାଫିକ ଡିଭିଡେଣ୍ଡ ଆସନ୍ତା ୨୫ ବର୍ଷ ମଧ୍ୟରେ ବାର୍ଷିକ ଜିଡିପି ଅଭିବୃଦ୍ଧିରୁ ୦.୨ ପ୍ରତିଶତ ପଏଣ୍ଟ କମିବ ଏବଂ ଲାଟିନ ଆମେରିକାରେ ଏହା ଶୂନ୍ୟ ହୋଇଯିବ ବୋଲି ଆକଳନ କରାଯାଇଛି। ଏଣୁ ବିକାଶାଳ ଦେଶଗୁଡ଼ିକ କ'ଣ କରିପାରିବେ ? ଯେଉଁମାନେ ସୁଧାରିବା ପାଇଁ ପଦକ୍ଷେପ ନେଉଛନ୍ତି ସେମାନେ ଉତ୍ପଦେନ ବୃଦ୍ଧି କରିବା ଦରକାର। ଏମାନଙ୍କର ଉତ୍ପାଦକତା ଧନୀ ଦେଶଗୁଡ଼ିକଠାରୁ ବହୁ ପଛରେ ରହିଛି। ଧନୀ ଦେଶଗୁଡ଼ିକରେ ଏହା ଘଣ୍ଟାକୁ ୬୦ ଆମେରିକୀୟ ଡଲାର ଥିବାବେଳେ ସବ–ସାହାରାନ ଆଫ୍ରିକାକୁ ବାଦଦେଲେ ଅନ୍ୟ ବିକାଶଶୀଳ ଦେଶରେ ଘଣ୍ଟାକୁ ଏହା ହାରାହାରି ୧୩ କିମ୍ବା ୧୮ ଡଲାର ଅଛି।

ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ନିବେଶ କରି ଉତ୍ପାଦକତା ବୃଦ୍ଧି କରିପାରିବେ। ଅଧିକ ଉତ୍ପଦକତା ଅଧିକ ନିବେଶକୁ ମଧ୍ୟ ଆକର୍ଷିତ କରିବ। ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ କ୍ରୟ କ୍ଷମତା ବଢାଇବ। କମ୍ପାନୀଗୁଡ଼ିକୁ ଉତ୍ପାଦନ ବୃଦ୍ଧି କରିବାକୁ ସକ୍ଷମ କରାଇବ। ଉତ୍ପାଦନଭିତ୍ତିକ ଲାଭ ବ୍ୟତୀତ ବିକାଶଶୀଳ ଦେଶଗୁଡ଼ିକ ଜନସାଂଖ୍ୟକ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ବିଶେଷକରି ମହିଳା ଶ୍ରମଶକ୍ତି ଭାଗୀଦାରିକୁ ବଢାଇବାକୁ ହେବ। ମଧ୍ୟମ ଆୟ ବର୍ଗର ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ୨୦–୪୯ ବୟସ୍କ ମହିଳାଙ୍କ ଶ୍ରମଶକ୍ତି ଭାଗୀଦାରି ହାର ପାଖପାଖି ୬୦ ପ୍ରତିଶତରେ ସ୍ଥିର ରହିଛି, କିନ୍ତୁ ସବୁ ଉନ୍ନତ ଅର୍ଥ ବ୍ୟବସ୍ଥାରେ ଏହା ୮୦ ପ୍ରତିଶତ ।

ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନ ଉଚିତ ମାର୍ଗରେ ସଞ୍ଚାଳିତ କରିବା ପାଇଁ ବିକାଶଶୀଳ ଦେଶର ସରକାର ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକ ବିକଶିତ ଦେଶଗୁଡ଼ିକର ରଣନୀତି ଏବଂ ଅଭିଜ୍ଞତାରୁ ଶିକ୍ଷା ନେବା ଦରକାର। ଦୁଇଟି ଶିକ୍ଷା ଉଲ୍ଲେଖନୀୟ। ପ୍ରଥମଟି ହେଉଛି, ବିକାଶଶୀଳ ଦେଶସବୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ସେମାନଙ୍କ ଯୁବପିଢି ବୈଶ୍ୱିକ ସ୍ତରରେ ପ୍ରତିଯୋଗିତା କରିବା ସ୍ଥିତିରେ ଅଛନ୍ତି। ଏହା ସହ ସେମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେବ। ମାନବ ପୁଞ୍ଜି ଓ କୌଶଳ ବିକାଶରେ ନିବେଶ ବୃଦ୍ଧିର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ପ୍ରାଇଭେଟ ସେକ୍ଟରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପାରିବେ। ଅତ୍ୟାଧୁନିକ କମ୍ପାନୀ ପ୍ରତିଷ୍ଠା କରିବା ଲାଗି ସେମାନଙ୍କ ପାଖରେ ସୁଯୋଗ ଅଛି। ଏମଜିଆଇ ଗବେଷଣାରୁ ଜଣାପଡ଼ିଛି ଯେ,ଏଥିପାଇଁ ବୃହତ ପ୍ରତିଦ୍ୱନ୍ଦ୍ୱୀ ଫାର୍ମଗୁଡ଼ିକୁର ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏଭଳି ଏକ ବିଜନେସ ସୃଷ୍ଟି କରିବା ପାଇଁ ସହଯୋଗୀ ପରିବେଶ ଦରକାର। ଏହା ସହ ଦଢ଼ ବ୍ୟବସ୍ଥା ଓ ଭରସା ଯୋଗ୍ୟ ଭୌତିକ ତଥା ଡିଜିଟାଲ ଭିତ୍ତିଭୂମି ମଧ୍ୟ ଲୋଡ଼ା। ଶକ୍ତିଶାଳୀ ମେଧାର ସୁରକ୍ଷା ହେବା ସହିତ ନିବେଶ ଓ ଭାଗୀଦାରି ଉବଲବ୍ଧ ହେବା ଆବଶ୍ୟକ।

ବିକାଶଶୀଳ ଦେଶଗୁଡ଼ିକ ପାଇଁ ଦ୍ୱିତୀୟ ଶିକ୍ଷା ହେଉଛି, ସେମାନଙ୍କୁ ଏକ ପ୍ରଭାବୀ ଓ ସ୍ଥାୟୀ ସାମାଜିକ ସହଯୋଗୀ ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ। ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ବୟସ୍କ ଲୋକଙ୍କୁ ସହଯୋଗ କରିବାର ବ୍ୟବସ୍ଥା ଏଯାବତ ଅନଔପଚାରିକ ଓ ପାରିବାର ଆଧାରିତ ହୋଇ ରହିଛି। ଏହିସବୁ ଦେଶର ବୟସ୍କ ଜନସଂଖ୍ୟାରେ ବରିଷ୍ଠ ନାଗରିକଙ୍କ ଅଂଶ ବୃଦ୍ଧି ପାଉଥିବାରୁ ଏଭଳି ପରମ୍ପରିକ ବ୍ୟବସ୍ଥା ଚାପରେ ରହିବ। ବିକଶିତ ଦେଶସବୁ ବରିଷ୍ଠ ନାଗରିକଙ୍କ ସେବାର ମୂଲ୍ୟକୁ ନେଇ ବଢୁଥିବା ସରକାରୀ ରଣରୁ ମୁକୁଳିବାକୁ ଚେଷ୍ଟା କରୁଛନ୍ତି। ବିତ୍ତୀୟ ସେବାର ସମାନ ସୁଯୋଗ ଏବଂ ଘରୋଇ ସଞ୍ଚୟ ତଥା ଧନ ବୃଦ୍ଧି ପାଇଁ ପଦକ୍ଷେପରେ ଉନ୍ନତି ଆଣାଯାଇପାରିଲେ ବିକାଶଶୀଳ ମାର୍କେଟ ବୟସ୍କ ନାଗରିକଙ୍କୁ ସହଯୋଗ କରିବା ପାଇଁ ବ୍ୟବସ୍ଥା ସୃଷ୍ଟି କରିପାରିବ। ସ୍ୱାସ୍ଥ୍ୟ ଏବଂ ଯୁବପିଢ଼ି ଓ ମଧ୍ୟବ ବୟସ୍କ ନାଗରିକଙ୍କ ଉପରେ ନିବେଶ କରି ଏହା କରିପାରିବେ। ତେବେ ଏହା ନିଶ୍ଚିତ କରିବାକୁ ହେବ ଯେ, କର୍ମଚାରୀମାନେ ସକ୍ରିୟ ଓ ଅଧିକ ଉତ୍ପାଦନକ୍ଷମ ହୋଇଥିବେ। ନୀତିନିର୍ଦ୍ଧାରକମାନେ ନିୟମିତ କାର୍ଯ୍ୟକୁ ଉତ୍ସାହିତ କରିବାକୁ ପଡ଼ିବ । ଅଧିକରୁ ଅଧିକ ନାଗରିକ ସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା କିଭଳି ପାଇପାରିବେ ତାହା ମଧ୍ୟ ନିଶ୍ଚିତ କରିବାକୁ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନୀତି ନିର୍ଦ୍ଧରକମାନେ ଏହା ମଧ୍ୟ ମନେ ରଖିବା ଉଚିତ ଯେ, ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନ ସୁନାମୀ ଭଳି କ୍ଷତି କରେ ନାହିଁ ; ଏହା ଧୀରେ ଧୀରେ ହୋଇଥାଏ , ଠିକ୍ ଜୁଆର ଭଳି। ଏହାର ପୂର୍ବାନୁମାନ କରି ପାରିଲେ ଲାଭ ମିଳିବ। କ୍ଷତିର ପରିଣାମ ଅଣାୟତ୍ତ ହେବା ପୂର୍ବରୁ ତ୍ୱହାର ମଚ୍ଛର ଗତିକୁ ରୋକାଯାଇପାରିବ । ବିକାଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଖରେ ଏବେ ମଧ୍ୟ ସମୟ ରହିଛି, କିନ୍ତୁ ସେମାନେ ଏବେ ସମସ୍ୟାରେ ରହିଛନ୍ତି।

ଖାଦ୍ୟ ହିଁ ପ୍ରାଣ ପୁଣି ପ୍ରାଣଘାତକ

ଡା. ପ୍ରଫୁଲ୍ଲ କୁମାର ଦାସ

ଖାଦ୍ୟ। ଶରୀର ପୋଷଣ ନିମନ୍ତେ ଅତି ଜରୁରୀ। ଖାଦ୍ୟ ଦ୍ୱାରା ଶରୀରରେ ଥିବା ଜୀବକୋଷ ପରିପାକ ହୋଇ ଶକ୍ତି ଉତ୍ପନ୍ନ କରେ। ଫଳରେ ଶରୀରର ଅଭିବୃଦ୍ଧି ଓ ବିକାଶ ହୋଇଥାଏ। ଏଣୁ ଖାଦ୍ୟକୁ ପ୍ରାଣ ବୋଲି କୁହାଯାଏ। ଯଦି ଏହି ପ୍ରାଣଦାୟୀ ଖାଦ୍ୟ ସଂକ୍ରମିତ ହୋଇଥାଏ, ତେବେ ? ଖାଦ୍ୟ ମାଧ୍ୟମରେ କ୍ଷତିକାରକ ତତ୍ତ୍ୱସମୂହ ଶରୀର ମଧ୍ୟକୁ ପ୍ରବେଶ କରି ନକାରାତ୍ମକ କ୍ରିୟା କରିବ। ଫଳରେ ଖାଦ୍ୟ ଆଉ ପ୍ରାଣଦାୟୀ ହୋଇ ରହିପାରିବ ନାହିଁ? ବରଂ ପ୍ରାଣଘାତକ ସାବ୍ୟସ୍ତ ହେବ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିଶ୍ୱର ପ୍ରତି ୧୦ ଜଣରେ ଜଣେ ଖାଦ୍ୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ। ଏଥିସହ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ରୋଗ ଖାଦ୍ୟ ସଂକ୍ରମଣ ଯୋଗୁ ହିଁ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁ ଟାଇଫଏଡ୍ ଜ୍ୱର, ଜିଆଡ଼ିଆ, ହେପାଟାଇଟିସ–ଏ, ସଲମୋନେଲା, ଇ. କୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ। ତିନି କାରଣରୁ ଖାଦ୍ୟ ହୁଏ ସଂକ୍ରମିତ। ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଜୈବିକ, ରାସାୟନିକ ଓ ବାହ୍ୟ ଉପାଦାନ ଖାଦ୍ୟରେ ମିଶିବା ଫଳରେ ସଂକ୍ରମଣ ହୋଇଥାଏ । ଅଧିକାଂଶ ଖାଦ୍ୟ ସଂକ୍ରମଣଜନିତ ରୋଗ ବିଶେଷକରି ଜୈବିକ କାରଣରୁ ହିଁ ହୋଇଥାଏ। ଯେମିତି କି ଖାଦ୍ୟରେ ରୋଗ ସୃଷ୍ଟିକାରୀ ବୀଜାଣୁ, ଭୂତାଣୁ, ବ୍ୟାକ୍ଟେରିଆ, ପ୍ରୋଟୋଜୋଆ, ପାରାସାଇଟ ଓ ଫଙ୍ଗସ୍ ଆଦି ରହିବା ଦ୍ୱାରା ବିଭିନ୍ନ ରୋଗର ସଂକ୍ରମଣ ହୋଇଥାଏ। ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରୁଥିବା ଏକ ସାଧାରଣ ଭୂତାଣୁ ହେଉଛି ନୋରାଭାଇରସ୍। ଏହାର ସଂକ୍ରମଣ ଯୋଗୁ ପେଟ କାଟିବା, ହଜମରେ ସମସ୍ୟା ଆଦି ଦେଖାଯାଇଥାଏ। ଏହି ରୋଗକୁ ଆମେ ଷ୍ଟୋନମ୍ୟାନ ଫ୍ଲୁ କହିଥାଉ। ସଲମୋନେଲା ବ୍ୟାକ୍ଟେରିଆ ମଧ୍ୟ ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରିଥାଏ। ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, ଜ୍ୱର ଆଦି ବିଭିନ୍ନ ସମସ୍ୟା ଏହା ଯୋଗୁ ଦେଖାଯାଇଥାଏ।

ରାସାୟନିକ ଉପାୟରେ ଖାଦ୍ୟ ସଂକ୍ରମଣ ଅସାବଧାନତା କାରଣରୁ ହୋଇଥାଏ। କୀଟନାଶକ ବା କ୍ଲିନର ଆଦି ଫସଲାରେ ପ୍ରୟୋଗ କରିବା ସମୟରେ ଏଥିରେ ଥିବା ରାସାୟନିକ ଦ୍ରବ୍ୟ ମଣିଷ ଶରୀରକୁ ଆସିଥାଏ। ଏଥିସହ ଖାଦ୍ୟକୁ ଅଧିକ ଧଳା ଦେଖାଇବା ପାଇ ବ୍ଲଟଂ କରାଯାଉଥିବା ବେଳେ ଏହା ମଧ୍ୟ ଖାଦ୍ୟ ସଂକ୍ରମଣର କାରଣ ହୁଏ। ଜଳ ଦ୍ୱାରା ସଂକ୍ରମିତ ଡାଇରିଆ ଅପେକ୍ଷା ହେପାଟାଇଟିସ–ଏ ଓ ଇ ଅଧିକ ମାରାତ୍ମକ। ଏହା ଜଣ୍ଡିସ କରାଇବା ସହ ରୋଗୀର ମୃତ୍ୟୁର କାରଣ ବି ହୋଇଥାଏ। ଓଡ଼ିଶାରେ ଦେଖାଯାଉଥିବା ଆଉ ଏକ ସାଧାରଣ ଜଳବାହୀ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ୍। ବିଶ୍ୱ ଜନସଂଖ୍ୟାର ୫୦% ଏହି ରୋଗରେ ପୀଡ଼ିତ। ସପ୍ତାହକୁ ଆସୁଥିବା ୪୦ ଜଣରେ ଜଣେ ରୋଗୀ ହେପାଟାଇଟିସ–ଏରେ ଆକ୍ରାନ୍ତ ହୋଇଥିବା ଦେଖାଯାଉଛି। ଖାଦ୍ୟ ସଂକ୍ରମଣ ଦୁଇଟି ଉପାୟରେ ହୁଏ। ଗୋଟିଏ ହେଉଛି ଦୁର୍ଘଟଣାବଶତଃ ହେଉଥିବା ଖାଦ୍ୟ ସଂକ୍ରମଣ ଓ ଅନ୍ୟଟି ଜାଣିଶୁଣି ହେଉଥିବା ଖାଦ୍ୟ ସଂକ୍ରମଣ। ଘରେ ଖାଦ୍ୟ ଥୁଆ ହୋଇଥିବା ସମୟରେ ମୂଷା ଚାଲିଯିବା, କିଛି ପଡ଼ିଯିବା ବା ଖାଦ୍ୟ ଖରାପ ହୋଇଯିବା ପରେ ଖାଇବା ଦ୍ୱାରା ପେଟ ଖରାପ ହୋଇଥାଏ। ସେହିଭଳି ଖାଦ୍ୟରେ ବ୍ୟବହାର ହେଉଥିବା ରସାୟନ ଯୋଗୁ ବି ଦେହ ଖରାପ ହୋଇଥାଏ। ଏସବୁକୁ ତ ସତର୍କ ହୋଇ ପୁକାବିଲା କରାଯାଇପାରେ। କିନ୍ତୁ ଜାଣିଶୁଣି କରାଯାଉଥିବା ଖାଦ୍ୟ ସଂକ୍ରମଣକୁ ନିୟନ୍ତ୍ରିତ କରିବା ଆମ ଦାୟିତ୍ୱ। କ୍ଷୀର, ତେଲ, ମସଲା ଗୁଣ୍ଡ, ହଳଦୀ, ଲଙ୍କା, ଗୋଲମରିଚ ଗୁଣ୍ଡ ଆଦିରେ ବିଭିନ୍ନ ପ୍ରକାର ଅପମିଶ୍ରଣ କରାଯାଇ ବଜାରକୁ ଛଡ଼ାଯାଉଛି। ଫଳକୁ ଚିକ୍‌ଚିକ୍ ଦେଖାଇବା ପାଇଁ ରସାୟନ ସିଞ୍ଚନ କରାଯାଉଛି, ଯେଉଁଥିରେ ସୀସା ଓ ଆର୍ସେନେଟ ରହିଛି। ଏହା ସ୍ନାୟୁ, ମସ୍ତିଷ୍କ ଓ ଶରୀରର ସ୍କେଲେଟାଲ ସିଷ୍ଟମ ପାଇଁ ଖରାପ ହୋଇଥାଏ। ମୁଣ୍ଡ ଝାଇଁ ଝାଇଁ ଲାଗିବା, ପକ୍ଷାଘାତ ରୋଗ, ମାଂସପେଶୀରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ। କିଛି କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ପରିମାଣ ଅଧିକ ଥାଏ। ଏହାର ସ୍ତରକୁ ନିୟମିତ ପରୀକ୍ଷା କରିବା ଉଚିତ। ଖାଦ୍ୟ ଅଧିକ ସମୟ ରହିଲେ ଏଥିରେ କାମ୍ପାଇଲୋବ୍ୟାକ୍ଟେର, ସାଲମୋନେଲା ଓ ସିଗେଲା ଆଦି ଜୀବାଣୁ ବଢ଼ି ମଣିଷ ଶରୀରରେ ଫୁଡ୍‌ପଏଜନିଂ କରାଇଥାଏ।

କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,
ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୨୩୪୪୩

ଏଇ ଭାରତରେ

ଡ. ଦ୍ୱିତୀଚନ୍ଦ୍ର ସାହୁ

ତୁମେ କିଛି ଜାଣିନ

ଆପଣଙ୍କୁ ଯଦି କିଏ କହିବ ତୁମେ କିଛି ଜାଣିନ। ନିଶ୍ଚିତ ଆପଣ ପ୍ରତିକ୍ରିୟାଶୀଳ ହୋଇପଡ଼ିବେ। ଆବଶ୍ୟକସ୍ଥଳେ ଉଚ୍ଚବାଚ ବ ହୋଇପାରେ। ନିଜକୁ ସମ୍ଭାଳି ପାରିବେନି। କେହି କେହି କାହାର ଦୁଷ୍ଟ ଲାଗିବା ଉଚିତ ନୁହେଁ ଭାବି ଚୁପ ବି ରହିଯିବେ। ଅଥଚ ନିଜ ଭିତରେ ବ୍ୟଥିତ ହେବେ। ଏମିତି ବ୍ୟଥିତ ହୋଇ ପାର୍କର ଏକ ବେଞ୍ଚ୍‌ରେ ବସିଥିଲେ ସେ ଦିନ ଶଶିଶେଖରବାବୁ। ଶଶିଶେଖରବାବୁ ଆଉ ଅଳ୍ପ କିଛି ମାସରେ ଚାକିରିରୁ ଅବସର ନେବେ। ଦେଖୁ ଦେଖୁ ବିଷଣ୍ଣ ବଦନରେ କହିଲେ – 'ଶୁଣନ୍ତୁ! ଆପଣ ତ ଏତେ କଥା ଲେଖୁଛନ୍ତି , କହିଲେ ସତରେ ମଣିଷ କିଛି ଜାଣେନି। ଆସି ବୁଢାବୟସ ହେଲା ଏବେବି ମୋତେ କିଛି ଜାଣିନି ବୋଲି କହିଲେ କ'ଣ ଲାଗିବ କହିଲ! 'ଶଶିଶେଖରବାବୁଙ୍କ ମରମ ବ୍ୟଥାକୁ ବୁଝିବା କ'ଣ ସହଜ । ଦୂରକୁ ଦେଖି

ସାର୍ବଜନୀନ ବିଜ୍ଞପ୍ତି

ଟିପି ଗୋପାଲପୁର ଟ୍ରାନ୍ସମିସନ୍ ଲିମିଟେଡ୍ (ପୂର୍ବରୁ ଇ.ଆର.ଇ.ଏସ - XXXIX ପାୱାର ଟ୍ରାନ୍ସମିଶନ ଲିମିଟେଡ୍. ନାମରେ ପରିଚିତ), ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ 104ବି, 191/ଏ, ଖାରବେଳ ନଗର, ୟୁନିଟ୍-03,11ତମ ଷ୍ଟ୍ରିଟ୍, ଭୁବନେଶ୍ୱର, ଓଡ଼ିଶା-751001 ରେ ରହିଛି, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ କିମ୍ବା ରକ୍ଷଣାବେକ୍ଷଣ କରାଯିବାକୁ ଥିବା ଏକ ଟେଲିଗ୍ରାଫ ଉଦ୍ଦେଶ୍ୟରେ ଟେଲିଗ୍ରାଫ ଲାଇନ୍ ଏବଂ ପୋଷ୍ଟ ରଖିବା ସମ୍ବନ୍ଧରେ ଭାରତୀୟ ଟେଲିଗ୍ରାଫ ଅଧିନିୟମ, 1885 ଅନୁଯାୟୀ ଟେଲିଗ୍ରାଫ କର୍ତ୍ତୃପକ୍ଷଙ୍କ ପାଖରେ ଥିବା କାର୍ଯ୍ୟର ଉପଯୁକ୍ତ ସମନ୍ୱୟ ପାଇଁ ଆବଶ୍ୟକ ବିଦ୍ୟୁତ ପ୍ରେରଣ ପାଇଁ କିମ୍ବା ଟେଲିଫୋନ୍ କିମ୍ବା ଟେଲିଗ୍ରାଫିକ୍ ଯୋଗାଯୋଗ ଉଦ୍ଦେଶ୍ୟରେ ବୈଦ୍ୟୁତିକ ଲାଇନ୍ କିମ୍ବା ବୈଦ୍ୟୁତିକ ପ୍ଲାଣ୍ଟ ସ୍ଥାପନ ପାଇଁ ବିଦ୍ୟୁତ ଅଧିନିୟମ 2003 ର ଧାରା 164 ଅନୁଯାୟୀ ତାଙ୍କୁ ସମସ୍ତ କ୍ଷମତା ପ୍ରଦାନ କରିବାକୁ ଭାରତ ସରକାରଙ୍କୁ ଆବେଦନ କରିବାକୁ ଚାହୁଁଛି।

ପ୍ରସାରଣ ଯୋଜନାର ନାମ ପୂର୍ବ ଅଞ୍ଚଳ ସଞ୍ଚାରଣ ଯୋଜନା-XXXIX (ERES-XXXIX)

ଏହି ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟ

A. **ଟ୍ରାନ୍ସମିଶନ ଲାଇନ :**

- ଅନୁଗୁଳ (ପାୱାରଗ୍ରୀଡ)- ଗୋପାଲପୁର 765 କେଭି ଡି/ସି ଲାଇନ
- ଗୋପାଲପୁର- ଗୋପାଲପୁର (ଓପିଟିସିଏଲ) 400 କେଭି ଡି/ସି (କ୍ୱାଡ) ଲାଇନ

B. **ଗୋପାଲପୁର 765/400 କେଭି, 2x1500 ଏମଭିଏ ଜିଆଇଏସ ସବଷ୍ଟେସନ:**

- 765/400 କେଭି, 1500 ଏମଭିଏ ଆଇସିଟି -2 ନଂ, 765 କେଭି ଆଇସିଟି ବେଃ 2 ନଂ, 400 କେଭି ଆଇସିଟି ବେଃ 2 ନଂ
- 765 କେଭି, 330 ଏମଭିଏଆର ରିଆକ୍ଟର - 2 ନଂ
- 765 କେଭି ଲାଇନ୍ ବେ-2 ନଂ
- 765 କେଭି, 330MVAr (3x110MVAr ଏକକ ପର୍ଯ୍ୟାୟ ୟୁନିଟ୍) ସ୍ୱିଚେବଲ୍ ଲାଇନ୍ ରିଆକ୍ଟର ସହିତ ଜଡିତ ବେ ଏବଂ 500ohm NGR-2 ନଂ
- 420 କେଭି, 125 ଏମଭିଏଆର ବସ୍ ରିଆକ୍ଟର-2 ନଂ
- 765 କେଭି ବସ୍ ରିଆକ୍ଟର ବେ-2 ନଂ
- 400 କେଭି ବସ୍ ରିଆକ୍ଟର ବେ-2 ନଂ
- 400 କେଭି ଲାଇନ୍ ବେ-2 ନଂ
- ଅନୁଗୁଳ ସଞ୍ଚାରଣ (ପାୱାରଗ୍ରୀଡ ଏସ୍/ଏସ୍)-765 କେଭି ଲାଇନ ବେ-2 ନଂ
- ଗୋପାଲପୁର (ଓପିଟିସିଏଲ ଜିଆଇଏସ/ଏସ) ରେ ସଞ୍ଚାରଣ-400 କେଭି ଲାଇନ ବେ-2 ନଂ

ଭବିଷ୍ୟତର ସଞ୍ଚାରଣ ପାଇଁ ଅତିରିକ୍ତ ସ୍ଥାନ

- 765/400 କେ.ଭି., 4x1500 ଏମ.ଭି.ଏ.ଆଇ.ସି.ଟି. ସହିତ ଉଭୟ ଭୋଲଟେଜ୍ ସ୍ତରରେ ସମ୍ପୃକ୍ତ ଆଇ.ସି.ଟି.ବେ.
- 400/220 କେ.ଭି., 5x500 ଏମ.ଭି.ଏ.ଆଇ.ସି.ଟି. ସହିତ ଉଭୟ ଭୋଲଟେଜ୍ ସ୍ତରରେ ସମ୍ପୃକ୍ତ ଆଇ.ସି.ଟି.ବେ.
- 765 କେ.ଭି., 2x330 ଏମ.ଭି.ଏ.ଆର୍. ବସ୍ ରିଆକ୍ଟର ସହିତ ସମ୍ପୃକ୍ତ ବେ
- 420 କେ.ଭି., 2x125 ଏମ.ଭି.ଏ.ଆର୍. ବସ୍ ରିଆକ୍ଟର ସହିତ ସମ୍ପୃକ୍ତ ବେ
- 8 ନମ୍ବର ଭବିଷ୍ୟତର ଲାଇନ ପାଇଁ 765 କେ.ଭି ଲାଇନ ବେ (ସ୍ୱିଚେବଲ ଲାଇନ ରିଆକ୍ଟର ପାଇଁ ସ୍ଥାନ ସହିତ)
- 10 ଟି ଭବିଷ୍ୟତ ଲାଇନ ପାଇଁ 400 କେଭି ଲାଇନ ବେ (ସ୍ୱିଚେବଲ ଲାଇନ ରିଆକ୍ଟର ପାଇଁ ସ୍ଥାନ ସହିତ)
- 12ଟି ଭବିଷ୍ୟତର ଲାଇନ ପାଇଁ 220 କେଭି ଲାଇନ ବେ
- 765 କେଭି ବସ୍ ସେକ୍ସନାଲାଇଜର ବେଃ - 1 ସେଟ୍
- 400 କେଭି ବସ୍ ସେକ୍ସନାଲାଇଜର ବେଃ - 1 ସେଟ୍
- 220 କେଭି ବସ୍ ସେକ୍ସନାଲାଇଜର ବେଃ -1 ସେଟ୍
- 220 କେଭି ବସ୍ କପଲର ବେଃ -2 ନଂ

ଏହି ଯୋଜନାରେ ଅନ୍ତର୍ଭୁକ୍ତ ଟ୍ରାନ୍ସମିଶନ ଲାଇନଗୁଡ଼ିକ ନିମ୍ନୋକ୍ତ ଗ୍ରାମ, ସହର ଏବଂ ସଂରକ୍ଷିତ ଜଙ୍ଗଲ ଗୁଡ଼ିକ ଭିତରେ, ଉପରେ, ଆଖପାଖ ଏବଂ ମଧ୍ୟ ଦେଇ ଯିବ.

a) ଅନୁଗୁଳ (ପାୱାରଗ୍ରୀଡ)- ଗୋପାଲପୁର765 କେଭି ଡି/ସି ଲାଇନ

କ୍ର. ନଂ	ଗ୍ରାମର ନାମ	ତହସିଲ	ଜିଲ୍ଲା
1.	ବାଲିଆଣି, ବିଶ୍ୱନାଥପୁର, ବକ୍ତଳା, କଂସନାଳୀ, ବସଲା, ଖପରଖାଇ, ପଞ୍ଚପୁର, ଲୋକେଇପଶି, ତାଳସାହି, ହାଣଡ଼ିହ,	ଅନୁଗୁଳ / ଅନୁଗୋଳ	ଅନୁଗୁଳ / ଅନୁଗୋଳ
2.	ଫୁଲପଡ଼ା, ଫୁଲପଡ଼ା, ଗିରିଧିବାସିଆ, ହରିଚନ୍ଦାଜମି, ଦୁର୍ଗାପ୍ରସାଦପୁର, ଖଣ୍ଡନାଳୀ, ତଳମୁଳଶାସନ, ମହୀଧରପୁର/ମଇଧରପୁର, ସେରେଣାବେଡ଼ା, ତିଳପଙ୍ଗା, କଇଅବାହାଳ, ଗୁଡିଆଭୂଇଁ	ବଅଁରପାଳ	ଅନୁଗୁଳ / ଅନୁଗୋଳ
3.	ସଂରକ୍ଷିତ ଜଙ୍ଗଲ, ଜୟଦାମୋଦରପୁର, ଜଙ୍ଗଲ, ମୁକ୍ତାଦେଇପୁର	ଆଠଗଡ଼	କଟକ
4.	ଜୟଦାମୋଦରପୁର, ନୂଆଗାଁ, ନଣ୍ଡାଗୋଳ, ଦେଭୁଇଁ, କଣ୍ଟାଳ, କନ୍ଧଦେଭୂଇଁ, ନୁଆଗଡ, ବେଣିପଥର, କରାବିରା, ଚଡରାପଦା, ସାଧୁଚରଣପୁର, ରାମଚନ୍ଦ୍ରପୁର, ପାଞ୍ଚଗଛିଆ ଜଙ୍ଗଲ ବ୍ଲକ, ପାତ୍ରଭାଗ, ପାଞ୍ଚଗଛିଆ, ସାଗର, ଅରଖବାଡି, ପାଞ୍ଚଗଛିଆ ଜଙ୍ଗଲ(କ), ନନ୍ଦକିଶୋରପୁର, ମହୁରାଖିଆ, ଜେନାସାହି, ବଡବେରଣା, ଲେମ୍ବୋ, ଅଭିମାନପୁର, ବରପଲି, ଅଲରା, କଠଉଖୋଜା, ବନ୍ଧଗୋଡା, ବରକୋଳି, ନୋଖାପଡା, ନୁଖାପଡା, କେନ୍ଦୁପଲି/କେନ୍ଦୁପଲ୍ଲୀ, କମଳାଦେଇପୁର, ପତଣ୍ଡା, ଦେବୋଉର ରଘୁନାଥପୁର, ରାଉତଭୂଇଁ, ନିଳକଣ୍ଠପୁର, ବ୍ରହ୍ମୋଉର ରଘୁନାଥପୁର, ବିରସିଂହପୁର, ପାଏକପଡାପଟଣା, ଜୟମଙ୍ଗଳପୁର, ଫୁଲପଡ଼ା, ବ୍ରହ୍ମପୁରା, ଘୋରାଡିୟା, ଧନୀପୁର, ଦେବୋଉର ରଘୁନାଥପୁର, ଖାରୁଆଣି, ଭୁଷ୍କା, ନୂଆଭୂଇଁ, ନାରାୟଣପ୍ରସାଦ, ସେରମୁଣ୍ଡ, ଜୟପୁର, ଝାଜିବନ୍ଧ, ଜେମାଦେଇପୁର, ଖଜୁରିଆ, ରଙ୍ଗଡାବ, ବାଘଧରିଆ, ବନ୍ଧହୁଡା, ପଦ୍ମପୁର, ଲେହାଙ୍ଗ, ଭାଲିଆଡିହିକି.ଛଅଅଣା, ଭାଲିଆଡିହିକି.ଦଶଅଣା, ମୁରାରିପୁର, ପାଏକବାରବାଟି, ତଅଁଳାମଧୁପୁର, ବ୍ରହ୍ମୋଉର ରଘୁନାଥପୁର, ଜଏମଙ୍ଗଳ, କୃଷ୍ଣଚନ୍ଦ୍ରପୁର, ଗୁହାଳସାହି, ମଥୁରାପୁର, ସାନ୍ତରାପୁର, ବ୍ରାହ୍ମଣୀ, ଭାଲିଆଡିହା, ଭଗତପୁର, ରାମଚନ୍ଦ୍ରପୁର / ରାମଚନ୍ଦ୍ରପୁର, ଜନ୍ତାରିଆ, ରନସିଂପୁର, କାକୁଡ଼ିଆ, ମଣ୍ଡାତୁଠ	ନରସିଂହପୁର	କଟକ
5.	କଂସରା, ଆମ୍ବିଠି, କୁରୁମିଠା, ବରଡ଼ାପାଳ, କାଇ ସଂରକ୍ଷିତ ଜଙ୍ଗଲ, ସୁନ୍ଦରାପାଳ, ନୂଆକୋଟ, ବାଉଁଶପୋଖରୀ/ବାଉଁଶ ପୋଖରୀ, ହିନ୍ଦୋଳ, ଢୋଲପଥର/ଢୋଲପଥର, ରାଧାନାଥପୁର, କମଞ୍ଚଳେଇ, ପଠାଣିପୋତା, ନରସିଂହପୁର, ସଂରକ୍ଷିତ ଜଙ୍ଗଲ, ଦିଅରପଶି/ଦିଅରପଶି, ଗୋବର୍ଦ୍ଧନପୁର, କଣ୍ଟାପାଳ, ଦନେଇବାହାଳ, କଣ୍ଟାମିଳ/କନ୍ତାମିଲା, ଗୋହିରା ଛୋଡ଼, କରାବିରା, ଜୟପଙ୍ଗା, ହାତୁରା, ଜନାର୍ଦ୍ଦନପୁର, ପୁରୁଷୋତ୍ତମପୁର, ନିଜିଗଡ଼, ନିଜିଗଡ଼, ନିଜଗଡ଼, ରାଜମୋହନପୁର, ବଳସର, ପଡା, ତଣ୍ଟିଚିରା, କାନ୍ଦରାଶୁଣି, ଦଳକା	ହିନ୍ଦୋଳ	ଢେଙ୍କାନାଳ
6.	ଗୁଦିଆନାଲି , ଗୁଡିଆପଲ୍ଲି, ବୁଢାମ୍ବ / ବୁଢାମ୍ବ , ଦେଓଗାଁ, ଦ୍ୱାର ବଗଡ଼/ଦ୍ୱାରବଗଡ଼, ମୁକ୍ତାମାଳା ଚଏଇତପୁର/ମୁକ୍ତାମାଳ ଚଏଇତପୁର, ଖଇରପଲ୍ଲି, ଖାଜାପଲ୍ଲୀ, ବାହାଲପଲି/ବାହାଳପଲ୍ଲୀ , ରିଷିପୁର, ରିଷିପୁର, ଖଜାପଲ୍ଲୀ, ବଡ଼ମହୁରୀ, ବଳିହତା, ସନାଉସ୍ତାପଡା	କବିସୂର୍ଯ୍ୟନଗର	ଗଂଜାମ / ଗଞ୍ଜାମ
7.	କାଠଗଡ଼ା, ଖାଟଗଡ଼ା,	ଗଂଜାମ / ଗଞ୍ଜାମ	ଗଂଜାମ / ଗଞ୍ଜାମ
8.	ତାମ୍ବେରୀ, ବିରଞ୍ଚିପୁର, ଆଦିପୁର	ଘୁମୁସର	ଗଂଜାମ / ଗଞ୍ଜାମ
9.	ସିଦ୍ଧପୁର, ସିଦ୍ଧିପୁର, ଗୋବା, ଖୁରିଗାଁ/ଖୁରିଗାମ, ରଙ୍ଗମାଟିଆ ନଳିନାକ୍ଷପୁର/ରଙ୍ଗମାଟିଆନଳିନାକ୍ଷପୁର, ମହାନନ୍ଦପୁର, ମହାନାଦପୁର, ସିଙ୍ଗିପୁର, ବଡମାଧପୁର, ବରଙ୍ଗ, ଭାଗିରଥିପୁର, ବଉଳଗାଁ, ରୁକୁଣିଗାଁ, ଦିବ୍ୟସିଂହପୁର, ବିରିପୁର, କରାତଳି, କତୁରୁ, ପାଟପୁର, ଲଣ୍ଡାବାଉଁଶ, ଶ୍ରୀରାମପୁର, ଦନେଇବ୍ରହ୍ମପୁର, ଭିକାରୀପଲ୍ଲୀ / ଭିକାରିପଲି, ବହୁଳଗାଁ, ବିପୁଳିଙ୍ଗି, ବିପିଳିଙ୍ଗି, ଝରପୋଖରୀ, ଲୋକନାଥପୁର, ସୁନ୍ଦରପୁର, ସାନ୍ତରାପୁର, ବରଗାଁ, ଘଡ଼ଘଡ଼ାପଲ୍ଲି, ନନ୍‌ଦପଞ୍ଚାପଲି, ସରଭିମପୁର, ପଟଲାମପୁର, ମୁନିସିପେଣ୍ଟ, ଗାଙ୍ଗନାପୁର, ହମୁରିଧରମାଶ୍ରଣପୁର, ବାଲାସିଂହାପଲ୍ଲୀ	ଛତ୍ରପୁର	ଗଂଜାମ / ଗଞ୍ଜାମ
10	ଗୁଣ୍ଡ୍ରିସାହି, ଖଇରନଟି, ମହୁଲିଆଗଡ଼, କୁଖାପଡ଼ା, ସୁଗୁମ, ବେଗୁନିଆଡ଼ିହ, ପଞ୍ଚଭୂତି, ଚଢ଼େୟାପଲ୍ଲୀ, ଝାଡ଼ସାହି, ଯାତ୍ରା / ଜାତ୍ରା, କୁମୁଣ୍ଡି, ଚାଞ୍ଚଡ଼ାପଲ୍ଲୀ, ନୂଆପଲି, କରଡ଼ାପଲ୍ଲୀ, କରଡ଼ା, ଧୋଡ଼ାପଲ୍ଲୀ, କୁମୁଣ୍ଡା, ମଳିଙ୍ଗି, ଶିଶୁଣ୍ଡା, ବୁଡୁରୁଙ୍ଗୁ, ଟେନିବେରି, ନନାକତୁରୁ, କାନକଜୁରୁ, କୁଶାପଲ୍ଲୀ, ଶିଶୁଣ୍ଡା, କମାସାରଗଡ,	ଜଗନ୍ନାଥପ୍ରସାଦ / ଜଗନ୍ନାଥପ୍ରସାଦ	ଗଂଜାମ / ଗଞ୍ଜାମ

କ୍ର. ନଂ	ଗ୍ରାମର ନାମ	ତହସିଲ	ଜିଲ୍ଲା
11	ଅରଖପୁର, ନଘରିଆଦାଣ୍ଡିମାଳତେନ୍ତୁଳିବଗଡ଼, ନଘରିଆଦାଣ୍ଡିମାଳତେନ୍ତୁଳିବଗଡ଼, ଚିଙ୍ଗୁଡ଼ିଘାଇ, ଶିକୁଳା, କରନ୍ଦାପଲ୍ଲୀ/କରନ୍ଦାପଲି, ଧୋବାପଲ୍ଲୀ, ଖତାଡ଼ି, ସମା, ସମା, ବରପଲ୍ଲୀ/ବରପଲୀ, ରାଣୀଗାଁ/ରାଣୀଗାଆଁ, ଦେଉଳପଲି, ବଡ଼ବରଗାଁ, ବେଲୁଆ/ବେଲୁୟା, ମେଣ୍ଢାପଲ୍ଲୀ, ଗୋଠିଆଳି, ଗୁରିହିଆଳି, ପ୍ରତାପପୁର, ଜଳଶ୍ୱରଖଣ୍ଡି/ଜଳଶ୍ୱରଖଣ୍ଡି, ହିନ୍ଦୁଲାପଲ୍ଲୀ/ହିଣ୍ଡୁଳା ପଲ୍ଲି /ହିନ୍ଦଲାପଲ୍ଲୀ, ପଦର ନଳିନାକ୍ଷପୁର/ପଦରନଳିନାକ୍ଷପୁର, କମଳିକାସାନାସାସନ, କମାନଳୀନାକ୍ଷପୁର, ବାଲିଆ, ହିନ୍ଦୋଳା/ହିନ୍ଦୁଲା, ଅଲାଡ଼ିଗାଁ, କୁଶପୁର, ବାଘଳା, ପଦ୍ମାବତୀ /ପଦ୍‌ମାବତୀ, ଆଙ୍ଗୁ, ବେଲୁଆବିଜେବାଲୁଙ୍କେଶ୍ୱରପୁର, ମୂଳକୁମାରୀ, ପାଲିଆମା, ମୂକୁମାରୀ, କୁଶପଟା, ଖାଜିପଲ୍ଲୀ, ଗୋଠିଆଳିଖେତ / ଗୋଠିଆଳିଖେଟା, ହିନ୍ଦୋଳା, ସୁନାଥର, ଗୋଠିଆଳିଖେଟା, ବଡ଼ଖାପଲ୍ଲୀ, ଭେଜିପୁଟ, ଭୋଡୁଆ	ପୁରୁଷୋତ୍ତମପୁର	ଗଂଜାମ / ଗଞ୍ଜାମ
12	ଚିରିକିପଡ଼ାଶାସନ, ବିରିପୁର, ବଡପଙ୍କୁଆବାଡି, ବଦପଙ୍କଲାବାଡି, ନରସିଙ୍ଗପଲ୍ଲି, ତେନ୍ତୁଳିଆ, ବଶରାମଚନ୍ଦ୍ରପୁର, ବଶରାମଚନ୍ଦ୍ରପୁର, ସାନବରଗାଁ, ମଧୂପଲୀ/ମଧୁପଲ୍ଲୀ, ନିମିନା, ଜିଲୁଣ୍ଡା , ପାତିଗଡ଼/ପାତିଗୁଡା, ପାତିଗଡ଼, କାଶିନାଥପୁର, ସିଦ୍ଧପୁର, ସିଦ୍ଧିପୁର, ବାଲିଘାଇ, ହରିଚନ୍ଦନପୁର, ହରିଶ୍ଚନ୍ଦନପୁର, ବଢପଲ୍ଲୀ (ପୁରୁଣା), ବଢପଲ୍ଲୀ, ବଢପଲ୍ଲୀ, ମହିରକଣା, ମଥୁରା, ହାତୀବାଡ଼ି, ମାର୍ଦ୍ଦା/ମାର୍ଦ୍ଦା, କାକୁଡ଼ିଆ , ଭାବରଡ଼ା, ବଉଦିଆପଲ୍ଲୀ, ବୁଢ଼େଇଶୁଣି, ଦେଉଳପେଡ଼ି, କଣିଆପଲ୍ଲୀ, ସୁନାରିବୁଗୁଡ଼ା, ସୁନାରି ବୁଗୁଡ଼ା, ଉସ୍ତାପଡ଼ା, ନୁଣିଘାଟିଗୋପିନାଥପୁର, ତିରିବିରି, କୁମ୍ଭୀର ଗାଡ଼ିଆ ମୁକ୍ତାଦେଇପୁର / କିମ୍ଭୀର ଗାଡ଼ିଆ ମୁକ୍ତାଦେଇପୁର, ନରସିଂହପୁର, ହରିଶ୍ଚନ୍ଦ୍ରପୁର	ପୋଲସରା	ଗଂଜାମ / ଗଞ୍ଜାମ
13	କରଚୁଲିସଂରକ୍ଷିତ ଜଙ୍ଗଲ, ବୁରୁଗୁଙ୍ଗୀ ସଂରକ୍ଷିତ ଜଙ୍ଗଲ, ବେଲଗୁମା, ମକରାପଲ୍ଲି, ତାମ୍ବେରି, ମାଣିତରା, ଭୋଗଡ଼ା/ଭୋଗରା, ନଗୁଡୁ/ନାଗାଡୁ/ନଗୁଡୁ, ସଙ୍କୁରୁ, ପଙ୍କାଳବାଡ଼ି, ପାନକଳାସାହି/ପଙ୍କଳାସାହି, କରଡ଼ା ବାଡ଼ି, ବିରଞ୍ଚିପୁର, ଆଦିପୁର, କୈଳାସ ନଗର / କୈଳାସନଗର, କତକଲା/କଟକଲା, ଜଙ୍ଗଲ, ବୁଗୁଡ଼ା, କାଦପଡା, କୁଆନଳା, ଶତୃସଲ, ଗୋଲିଆ, କୁଶପଲ୍ଲୀ, ଚିରିକିପଡ଼ା, ଚିଲିଖମା, ଦଦରାଖୋଲ, କଞ୍ଚାଇ, ଖଇଞ୍ଚିପଡ଼ା, ତାମ୍ବିରି, ଭାମସିଆଳି /ଭାମ ଶିଆଳି, କଡକଲା, ବୀର ଧନୁର୍ଜୟ ପୁର/ବୀରଧନୁର୍ଜୟପୁର, ବେତାରସିଙ୍ଗ, କାଞ୍ଜିଆପଲୀ, ଗୋଳାବନ୍ଧ, ଚିଲିଖମା	ବୁଗୁଡ଼ା	ଗଂଜାମ / ଗଞ୍ଜାମ
14	ଦେଉଳପଲି, ଦେଉଳପଲ୍ଲୀ, କରଞ୍ଜରା/କରଞ୍ଜାରା, ଚାନ୍ଦପୁର/ଚାନ୍ଦପୁର, ଚାନ୍ଦପୁର ଓରଫ ଚନ୍ଦନପୁର, ସାନମାଧପୁର, ନିଳସାପୁର, ବିଳାସପୁର, ଚେଲ୍ଲୁ	ଖଲ୍ଲିକୋଟ	ଗଂଜାମ / ଗଞ୍ଜାମ
15	ଲଣ୍ଡାବାଦୁ, ସୁଣ୍ଡିଝୋଲା, ସାନଦୁରୁପା, ଡହଙ୍ଗି, ପାଇକବାଙ୍କତରା, ଝାଡସାହି, ଗିରିଡିପଲି, ପାଣଖଜୁରିଆ, ପାଣ୍ଡିରିପଡା, ପଥରପଲ୍ଲୀ, ତଣ୍ଟିଭୂଷାପଲୀ, ତୋଟାସାହି, କୁରାଳ, ଧଝୋଲା, ସୁନାମୁହିଁ, ହନୁମନ୍ତିଆ, ନାଉରିଆଗୋଡା, ମହୁଲିଆଗଡ, ମହେଶ୍ୱରପୁର, ବାହାଡାଝୋଲା, ମହୁଲିଆ, ପଥରାପଲି, ବେବର୍ତ୍ତାପଲି, ପଞ୍ଚୁପାଣ୍ଡବ, କାମାସାରାଗଡ, ଜୟପୁର, ନାଥିଆପଲ୍ଲି, ଉଦୟପୁର	ଓଡଗାଁ	ନୟାଗଡ଼
16	ରାଏମ୍ବା, ସିଙ୍ଗିବାରୀ, ପଥରା, କୁଶମଡା, ଆମ୍ବଅଠା, ଜାକଲା, କନ୍ଧପଥରାପଲ୍ଲୀ, କୁଟୁକୁଣୀ, କୃଷ୍ଣଚନ୍ଦ୍ରପୁରପାଟଣା, ପଙ୍କାଳ, ପଙ୍କାଳ, ସିଧାମଳା, ଘୋଡାମାରି ଦୁଆର, ନୃସିଂହପ୍ରସାଦ, ବାଦଭୂଇଁ, ରୟତିଢୋଲମରା, ମଇଁସିବିନ୍ଧା, ବରପଲି, ପାଇକଢୋଲମରା, ଅଁଳାପଟା, କୁମ୍ଭାରପଡା, ଶରଧାପୁର, ବଡପୋଖରିଆ, ରାମଚନ୍ଦ୍ରପୁର/ରାମଚନ୍ଦ୍ରପୁର, ସାପୁଆ ସଂରକ୍ଷିତ ଜଙ୍ଗଲ , ଅଁଳାପଟା, ସୋଲପୋଖରୀ, ସାପୁଆ, ମଧୁପୁର, କୋସକା, କନ୍ଧପଥରାପଲ୍ଲୀ, ସିଙ୍ଗପୁର, ବଳରାମପ୍ରସାଦ, କୃଷ୍ଣଚନ୍ଦ୍ରପୁର, ସିଧାମୁଳା, ଶରଧାପୁର, କୃଷ୍ଣପଲ୍ଲୀ, କନ୍ଧପଥର, ଢୋଲମରା	ଖଣ୍ଡପଡ଼ା	ନୟାଗଡ଼
17	ଖଳିସରା, ରଗଡ଼ିସାହି, ହରିରାଜପୁର ଓରଫ ନଙ୍ଗଳକଣ୍ଠା, ପତୁରିଆ, ପାଣ୍ଡରାସିଙ୍ଗା, ଗୋପାଳପ୍ରସାଦ, ଇନ୍ଦିପଟା, କିଶୋର ପ୍ରସାଦ/କିଶୋରପ୍ରସାଦ, କାଳିଆପଡା, ପୂର୍ଣ୍ଣଚନ୍ଦ୍ରପୁର, ଗୋକୁଳ, ପଡଞ୍ଜା, ଗଣିଆ, ଜଙ୍ଗଲ, ମହାନଦୀ ସଂରକ୍ଷିତ ଜଙ୍ଗଲ , ଗୋପାଳପୁର, ଏରଣ୍ଡିପଥର, ବାରନାଥମୁଣ୍ଡିଆ, କରଡ଼ାପଡ଼ା, ବେଲପଡ଼ା ବେଛପୁରି, ବେଲପଡ଼ାପାଟଣା, ବିଜୟନଗର, ପୂର୍ଣ୍ଣଚନ୍ଦ୍ରପୁର, ବିନ୍ଧ୍ୟଗିରୀ, ବେଲପଡ଼ା ବେଛପୁରି, ଗୋପିବଲ୍ଲଭପୁର, ବାଲିସାହି, ଦୁଃଖପାଇକରା	ଗଣିଆ	ନୟାଗଡ଼
18	ଭାଲିଆପଦର	ଦଶପଲ୍ଲା	ନୟାଗଡ଼
19	ରାମପଲି, ଜଙ୍ଗଲ, ପଙ୍କାଳସାହି	ନୟାଗଡ଼	ନୟାଗଡ଼
20	ହାତିଆଶିଳା, ଜୋଡାସାହି, କଣ୍ଟିଆମ୍ବା, ନଇତଇଳା, ରାମଜେନା, ଆମ୍ବଝରି, କାଚପଲି / କାଚ୍‌ପଲି, ଭାଲିଆପଦର, ସଁପଡା / ସଂପଡା, ମସକାବାରି, କପାଗଡୁ, ବାଲନ୍ଦା, କାସିଆରି , ଅଭୟପୁର, ପାରାଢିପ, କରଡାପଲି / କରଡ଼ାପଲ୍ଲୀ , ପୋକାସୁଙ୍ଗା , ବ୍ରାହ୍ମଣଦେଇ, ରାମପଲି, କୁଶବିଡା, ଚଡକମରା / ଚଡ଼କମରା, କେନ୍ଦୁବଣିଆ, ସୁରୁକାବାରି, ବଡତଇଳା, ସାନଦୁରୁପା, ବଡଦୁରୁପା, ତୁରୁତୁରୀ, ଓଡ଼କପା, ସେନ୍ତେରୀ, ପୁରୁଣାପାଣି, ସିଙ୍ଗାରପଲି / ସିଙ୍ଗରାପଲ୍ଲୀ, କଇଥପଲି, ସୁଣ୍ଡିଝୋଲା, କାଳିଆମ୍ବା, ଘଡେଇବନ୍ଧ, ଆମ୍ବପଡା, ନୂଆଗାଁ, ଜାମୁଝୋଲା, ବାହାଡାଝୋଲା, ହରିପୁର, ଶିଆରିମାଳ / ସିଆରିମାଳ, ବନ୍ଧାଭୂଇଁ, ଯୟପୁର / ଜୟପୁର, ବାହାଡାଝୋଲା, କସିକିଆରି, ବେରୁଆଁବାରୀ, ଅମେଇଁମୁହିଁ, ସିଙ୍ଗପୁର, ବଡବେରଣା, ଜୟପଲୀ/ଯୟପଲୀ, ହାତିମୁଣ୍ଡା ସଂରକ୍ଷିତଜଙ୍ଗଲ, ଉଦୟପୁର, ବାରକାଥୁଆଲାରି, ଯିଗିନିପଡା, ଚଢେଇମରା / ଚଢ଼େଇମରା, ଲଡୁକେଶ୍ୱରପୁର, ଶିଖରଗୋଛା, କୋରଡା / କୋରଡା,. ମୁଦରାଙ୍ଗ, ରାଣୀ ମହଲ, ବଡକାଠୁଆବାରି, ବ୍ରଜସୁନ୍ଦରପୁର, ସିଙ୍ଗାପୁର, ଗୋହିରବାଦୁ, ଗୁଣ୍ଡୁରାସାହି, ବଡତଇଳା, ବାମୁରି,ଭାଟସାହି, ବଡକାଠୁଆବାରି, କାନବଙ୍କ, କୁସାକଟା, କଖାରୁମଡା	ନୂଆଗାଁ	ନୟାଗଡ଼
21	ରାଣୀମହଲ, ସୁର୍କାବାଡି, ବ୍ରଜସୁନ୍ଦରପୁର	ରଣପୁର	ନୟାଗଡ଼
22	କୁକୁଡ଼ିଆ	କୋଦଳା	ଗଂଜାମ / ଗଞ୍ଜାମ
23	କରଚୁଲି ସଂରକ୍ଷିତ ଜଙ୍ଗଲ, ବୁରୁଗୁଙ୍ଗୀ ସଂରକ୍ଷିତ ଜଙ୍ଗଲ, କାଇ ସଂରକ୍ଷିତ ଜଙ୍ଗଲ, ସାପୁଆ ସଂରକ୍ଷିତ ଜଙ୍ଗଲ, ହାତିମୁଣ୍ଡା ସଂରକ୍ଷିତ ଜଙ୍ଗଲ, ମହାନଦୀ ସଂରକ୍ଷିତ ଜଙ୍ଗଲ, ଆମ୍ବିଠି ସଂରକ୍ଷିତ ଜଙ୍ଗଲ, ନନ୍ଦନିଆ ସଂରକ୍ଷିତ ଜଙ୍ଗଲ, ମଇଁସିବିନ୍ଧା ସଂରକ୍ଷିତ ଜଙ୍ଗଲ, କଂସରା ସଂରକ୍ଷିତ ଜଙ୍ଗଲ, ପଞ୍ଚୁପାଣ୍ଡବ ସଂରକ୍ଷିତ ଜଙ୍ଗଲ, ଦେଭୁଇଁ ସଂରକ୍ଷିତ ଜଙ୍ଗଲ, ବାହାଡାଝୋଲା ସଂରକ୍ଷିତ ଜଙ୍ଗଲ, ପଲାବା ସଂରକ୍ଷିତ ଜଙ୍ଗଲ		

a) ଗୋପାଲପୁର- ଗୋପାଲପୁର(ଓପିଟିସିଏଲ) 400 କେଭି ଡି/ସି (କ୍ୱାଡ) ଲାଇନ

କ୍ର. ନଂ	ଗ୍ରାମର ନାମ	ତହସିଲ	ଜିଲ୍ଲା
1	ବଡକୁଶସ୍ଥଳି, ସାନକୁଶସ୍ଥଳି, ବାଲାଗିପଲ୍ଲୀ, ଝଡାଙ୍କୁଲି, ଗୁରୁଣ୍ଡି, ଲୁହାଝର, ସାତକୁଟୁଣି	ବ୍ରହ୍ମପୁର	ଗଂଜାମ / ଗଞ୍ଜାମ
2	ସାମନ୍ତରାପୁର, ସନ୍ତରାମପୁର, ତାଲାପଲ୍ଲୀ, କାଟୁରି, ଲୋକନାଥପୁର, କାମାପଲ୍ଲୀ, ଗୋଲାପାଲି, ଶିଖାପାଲି, ବ୍ରାହ୍ମଣିଆ ପଲ୍ଲୀ, ପାଇତାରୀ, ସୁନ୍ଦରପୁର, ନୌପାଲି, ଜଗତାପଲ୍ଲୀ, କେଉଟାପଲ୍ଲୀ, ବାଗରପଲ୍ଲୀ, ବାଲରାମପୁର, ମାଧୁଆ, ବ୍ରାହ୍ମଣିପଲ୍ଲୀ, ସିନ୍ଦୁରାପଲି, ଚିକଲଖଣ୍ଡି, ତୋଟାପଲ୍ଲୀ, ଗୋବିନ୍ଦପୁର, କରାତଳି, ଶ୍ରୀରାମପୁର, ଲଣ୍ଡାବାଉଁଶ, ଭିକାରୀପଲ୍ଲୀ, ଭିକାରିପଲି, ସାନ୍ତରାପୁର, ନରସିଂହପୁର, ନରସିଙ୍ଗପୁର, କରାପଲି, କରାପଲ୍ଲୀ, ନୁଆଁପାଇ

ସଂକ୍ଷେପରେ

ରନ୍ଧନ ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ

ପଟ୍ଟାମୁଣ୍ଡାଇ,୬।୩(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତ ବାଲିପାଟଣା ଜଗନ୍ନାଥ ମନ୍ଦିର ନିକଟରେ ଗୁରୁବାର ଅପରାହ୍ନ ୫ ଘଟିକା ସମୟରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅଜିତ ଦାସଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଗାସ୍ ସିଲିଣ୍ଡର ରେଗୁଲେଟର ଖରାପ ଥିବାରୁ ଏପରି ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଚାଳ ଛପର ଘର ସାଙ୍ଗକୁ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇରୁ ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଜିତ୍ ପାଣି ପାଇପ ମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ହସ୍ତଶିଳ୍ପୀଙ୍କୁ ପ୍ରମାଣପତ୍ର ବଣ୍ଟନ

ମାର୍ଶାଘାଇ,୬।୩
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଗୁରୁବାର ମାର୍ଶାଘାଇ ବ୍ଲକ ମେହେନ୍ଦିନଗର ପଞ୍ଚାୟତ ଆରକେ ପାଟଣା ଗ୍ରାମର ଟେରାକୋଟା ହସ୍ତଶିଳ୍ପୀ ପ୍ରଶିକ୍ଷାର୍ଥୀମାନଙ୍କୁ ହସ୍ତଶିଳ୍ প বିଭାଗ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। କେନ୍ଦ୍ରାପଡ଼ା ହସ୍ତଶିଳ୍ପ ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଜିଲା କୁମ୍ଭକାର ସମାଜର ସାଧାରଣ ସମ୍ପାଦକ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ସାମାଜିକ କର୍ମୀ ଭରତ ଚନ୍ଦ୍ର ଲେଙ୍କା, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରିୟଜିତ ସାହୁ , ସତ୍ୟଜିତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଟେରାକୋଟା ନିପୁଣ ହସ୍ତଶିଳ୍ପୀ ନିରଞ୍ଜନ ବେହେରା, ସ୍ଥାନୀୟ ଶିଳ୍ପୀ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଗ୍ରାମର ୧୫ ଜଣ ମହିଳା ହସ୍ତଶିଳ୍ପୀଙ୍କୁ ମାଟିରେ ବିଭିନ୍ନ ପ୍ରକାର ଟେରାକୋଟା ସାମଗ୍ରୀ ନିର୍ମାଣ କୌଶଳ ବିଷୟରେ ଜିଲା ହସ୍ତଶିଳ୍ପୀ ବିଭାଗ ପକ୍ଷରୁ ୬ ମାସିଆ ପ୍ରଶିକ୍ଷଣ ଶିବିର କରାଯାଇଥିଲା । ସମ୍ପୃକ୍ତ ମହିଳା ପ୍ରଶିକ୍ଷାର୍ଥୀମାନଙ୍କୁ ଆଜିର କାର୍ଯ୍ୟକ୍ରମରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

ଚୋରା ମଦ ବେପାରୀଙ୍କୁ ଉଠାଇନେଲା ପୋଲିସ

ରାଜକନିକା,୬।୩(ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ବରୁଣାଡିଆ ଗାଁ ମୁଣ୍ଡରେ ଜଣେ ଭିନ୍ନକ୍ଷମ ଯୁବକ ଏକ କେବିନ କରି ସେଥିରେ ଜଳଖିଆ ଓ ଚାଖଣା ବିକ୍ରି କରିବା ଆଳରେ ଦୀର୍ଘ ଦିନହେବ ମଦ ବିକ୍ରି କରୁଥିଲେ। ଅନେକ ଦିନରୁ ସେହି ଅଞ୍ଚଳର କେତେଜଣ ବରିଷ୍ଠ ନାଗରିକ ଓ ସାମାଜିକ କର୍ମୀ ପୋଲିସ ଓ ଅବକାରୀ ବିଭାଗରେ ଅଭିଯୋଗ କରିଥିଲେ। କିନ୍ତୁ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଗୁରୁବାର ବରୁଣାଡିଆ ପଞ୍ଚାୟତ ଜନପ୍ରତିନିଧି ଲକ୍ଷ୍ମୀପ୍ରିୟା ନାୟକ ରାଜକନିକା ପୋଲିସକୁ ସୂଚନା ଦେବାପରେ ଥାନା ଅଧିକାରୀ ସଞ୍ଜୟ ମଲିକ ବରୁଣାଡିଆରେ ପହଞ୍ଚି ସମ୍ପୃକ୍ତ ମଦ ବେପାରୀ ଜିତେନ୍ଦ୍ର ସେଠାଙ୍କୁ ଗିରଫ କରିଛନ୍ତି।

ବ୍ରିଟିଶ କେନାଲ ସେତୁ କାମ ବନ୍ଦକଲେ ଗ୍ରାମବାସୀ

ବିରୋଧ କରୁଥିବା ଗ୍ରାମବାସୀଙ୍କୁ ଠିକାସଂସ୍ଥା କର୍ମଚାରୀଙ୍କ ଧମକ

ମହାକାଳପଡ଼ା, ୬।୩
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବ୍ରିଟିଶ ନିର୍ମିତ ଜମୁ-ମାର୍ଶାଘାଇ ମୁଖ୍ୟ କେନାଲ ଯାଁଅରା-ତିଥି ଗ୍ରାମ ଗଡା ଠାରେ ଏକ ସେତୁନିର୍ମାଣ କାମ ଚାଲିଥିଲା। ହେଲେ ସେଠାରେ ସେ ସଂକ୍ରାନ୍ତରେ କୌଣସି ସୂଚନା ଫଳକ ନାହିଁ। ନିମ୍ନମାନର ଚିପସ୍, ସିମେଣ୍ଟ, ଲୁହା ରଡ଼, ଧସା ବାଲି ଆଦି ବ୍ୟବହାର କରାଯାଉଛି। ପିଲର ଢଳେଇ ଚାଲିଥିବା ବେଳେ ଲୁହା ଶଟର ଖୋଲା ହେବା ପରେ ଲୁହାରଡ଼ ପଦାକୁ ଦିଶୁଛି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଗୁରୁବାର କାମ ବନ୍ଦ ରଖିଛନ୍ତି। ଏହାପରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଦାସଙ୍କୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସ୍ଥାନୀୟ ବାସିନ୍ଦାଙ୍କୁ ଠିକାସଂସ୍ଥାର ଜଣେ କର୍ମଚାରୀ ରିଭଲଭର ଦେଖାଇ ଧମକ ଦେଇ ଥିବା ଗ୍ରାମର ପ୍ରସନ୍ନ ପରିଡ଼ା, ସୂର୍ଯ୍ୟକାନ୍ତ ପରିଡ଼ାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଣ୍ଡୁରି ଖୁଣ୍ଟିଆ, ନୀଳମଣି ଖଣ୍ଟୁଆଳ, ପହଲି ପରିଡ଼ା, ଜିତେନ୍ଦ୍ର ପରିଡ଼ା, ମଙ୍ଗୁଳି ପରିଡ଼ା, ସ୍ମୃତି ରଞ୍ଜନ ଖୁଣ୍ଟିଆ, ବିତିତ୍ର ସାହୁ , ଟୁଲୁ ଖଣ୍ଟୁଆଳ, ପ୍ରଦୀପ ପରିଡ଼ା, ପବିତ୍ର ପରିଡ଼ା, ପ୍ରଶାନ୍ତ ରାଉତ, ଗଜେନ୍ଦ୍ର ଖୁଣ୍ଟିଆ, ଦୀପକ ପରିଡ଼ା, ପ୍ରତାପ ପରିଡ଼ା, ହେମନ୍ତ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ପ୍ରଧାନଙ୍କ ସହିତ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ସମ୍ଭବ ହୋଇ ପାରି ନାହିଁ ।

ବନ୍ଦ ପଡ଼ିଥିବା ନିର୍ମାଣ କାର୍ଯ୍ୟ।

ଯାଜପୁର ଯଯାତି କେଶରୀ ମେଡିକାଲ କଲେଜ ସମ୍ମୁଖରେ ପ୍ରତିଷ୍ଠା କରାଯାଇଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଶାଳ ପ୍ରତିମୂର୍ତ୍ତି ସମ୍ମୁଖରେ ଗୁରୁବାର ବ୍ୟାସନଗର ପୌର ପରିଷଦର ବିଜେଡି କାଉନସିଲମାନେ ଫୋଟୋ ଉଠାଉଛନ୍ତି।

ଧର୍ମଶାଳା ବିଜେଡିର ପ୍ରତିବାଦ ସଭା

ଧର୍ମଶାଳା,୬।୩(ବଟକୃଷ୍ଣ ପରିଡ଼ା):

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ ନ କରିବା ପାଇଁ ଭାଜପା ସରକାର ନେଇଥିବା ନିଷ୍ପତ୍ତିକୁ ବିରୋଧ କରିଛି ଧର୍ମଶାଳା ବିଜେଡି। ଗୁରୁବାର ଅପରାହ୍ନରେ ଏନେଇ ଏକ ପ୍ରତିବାଦ ସଭା କରାଯାଇଛି। ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାରେ ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ରସୁଲପୁର ବ୍ଲକ୍ ବିଜେଡି ସଭାପତି ଲୋକନାଥ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ପ୍ରିୟନାଥ ମହାପାତ୍ର, ଦୁଶାସନ ସାହୁ, ଉତ୍କଳମଣି ଦାସ, ରାଜକିଶୋର ମହାନ୍ତି, ଅମରେନ୍ଦ୍ର ରାୟ, ଯୁବ ସଭାପତି କ୍ଷୀତିଶ ନାୟକ, ଛାତ୍ର ଜିଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଛାତ୍ର ବ୍ଲକ୍ ସଭାପତି ଜଗଦାନନ୍ଦ ରାଉତ, ଜିଲା ପରିଷଦ ସଭ୍ୟ ସୁଧାଶୁଁ ସାହୁ, ଚକ୍ରଧର ବେହେରା, ପ୍ରସନ୍ନ ରାଉତ, କାର୍ତ୍ତିକ ମଲ୍ଲିକ, ମମତା ଦଣ୍ଡପାଟ ପ୍ରମୁଖ ଯୋଗଦେଇ ବିଜୁ ବାବୁ ଓଡ଼ିଆଲୋକଙ୍କ ହୃଦୟରେ ରହିଛନ୍ତି ଓ ରହିବେ। ସରକାର ଯୋଜନା, ପୁରସ୍କାରର ନାମ ବଦଳାଇ ପାରନ୍ତି। ମାତ୍ର ବିଜୁ ଜୟନ୍ତୀରେ ପାଳିତ ହେଉଥିବା ପଞ୍ଚାୟତିରାଜ ଦିବସକୁ ବାତିଲ କରିବା ରାଜ୍ୟ ସରକାରଙ୍କ ହୀନମାନ୍ୟତା ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ପ୍ଲାକ କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ।

ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

ଆଜିଠୁ ଯାଜପୁର ଜିଲା ଯୁବମହୋତ୍ସବ ୧୦ରେ ଜିଲାପାଳଙ୍କ ଅଫିସ ଘେରିବ କଂଗ୍ରେସ

ଯାଜପୁରରୋଡ୍,୬।୩
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ଗୋଶାଳାସ୍ଥିତ ଏନସି ହାଇସ୍କୁଲ ପ୍ରାଙ୍ଗଣରେ ଯାଜପୁର ଜିଲା ଯୁବ ମହୋତ୍ସବ ପାଳନ ପାଇଁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଯୁବ ମହୋତ୍ସବ ୭ରୁ ୧୨ ତାରିଖ ଯାଏ ଚାଲିବ। ଏହା ଏନସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେଶନର ସଭାପତି ଦୁଷ୍ମନ୍ତ କୁମାର ନାୟକ, ଆବାହକ ଅଯୋଧ୍ୟା ଜେନା, ସଂଗଠନ ସମ୍ପାଦକ ନିରଞ୍ଜନ ଘଡାଇ, ସମ୍ପାଦକ ଅଶ୍ୱିନୀ ଦାସ, ମିଡିଆ ସେଲ ସମ୍ପାଦକ ହେମନ୍ତ ଧୀର ଓ ଉପ ସଭାପତି ହୃଷିକେଶ ସାହୁ ସୂଚନା ଦେଇଛନ୍ତି।

ମହୋତ୍ସବରେ ଜିଲାର ୧୦ ବ୍ଲକ ଓ ୨ ପୌର ପରିଷଦର ଯୁବପ୍ରତିଭାଙ୍କୁ ନେଇ କଳା, ସାହିତ୍ୟ, ସଂସ୍କୃତି, ସଂଗୀତ, ଲୋକନୃତ୍ୟ ଓ କ୍ରୀଡ଼ା କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ

ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ପଲ୍ଲୀଶ୍ରୀ ମେଳା, ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘଟନ ଉତ୍ସବରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ ଏବଂ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଅତିଥି ଭାବେ ଯୋଗ ଦେବେ। ସାମାଜିକ କର୍ମୀ ଓ ଯୁବ ପ୍ରତିଭାଙ୍କୁ ଫାଉଣ୍ଡେସନ ତରଫରୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର କର୍ମକର୍ତ୍ତା ବିଭୂତି ଭୂଷଣ ପାଳ, ମୋହନ ଚରଣ ମଲ୍ଲିକ, ବ୍ରଜେଶ୍ୱରୀ ସିଂ, ଜ୍ଞାନରଞ୍ଜନ ରାଉତ, ସରୋଜ ଦେ, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନାରୀ ନିର୍ଯାତନା ମୁଖ୍ୟ ପ୍ରସଙ୍ଗ

ଯାଜପୁର ଟାଉନ,୬।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ରାଜ୍ୟରେ ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଦରଦାମ ବୃଦ୍ଧିକୁ ନେଇ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଆଗାମୀ ୧୦ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳ କାର୍ଯ୍ୟାଳୟ ଘେରାଉ ପାଇଁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗୁରୁବାର ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନବନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବାଙ୍କୀ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ସଂପର୍କରେ ଆଲୋଚନା କରିଥିଲେ। ଭାଜପା ସରକାର କ୍ଷମତାଶାଳୀ ହେବା ଦିନଠାରୁ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧିପାଇବାରେ ଲାଗିଛି। ଯାହାକି ଅତ୍ୟନ୍ତ ଉଦବେଗଜନକ, ଏଥି ସହିତ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାବେଳେ ନ୍ୟାୟ ପାଇଁ ଲୋକେ ହଟହଟା ହେଉଛନ୍ତି। ନାରୀଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

୧୦ ତାରିଖରେ ସ୍ଥାନୀୟ ଜିଆନାଳୀ ଛକଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହିତ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବଡ଼ଚଣାର ନେତା ଅଜୟ ସାମଲ, ଧର୍ମଶାଳା ନେତା କିଷାନ ପଣ୍ଡା, ଯାଜପୁର ନେତା ସୁଦୀପ କର, ବିଞ୍ଝାରପୁରର କନକଲତା ମଲିକ,ସୁକିନ୍ଦାର ବିଭୁ ରାଉତ,ବରିଷ୍ଠ ନେତା ସନ୍ତୋଷ ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ସାଂସଦ ଅଂଚଳ ଦାସ, ମହିଳା ସଭାନେତ୍ରୀ ଆରତୀ ଦେଓ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ନାରାୟଣ ସାମନ୍ତ, ମିହିର ମିଶ୍ର, ଦେବେନ୍ଦ୍ର ପଣ୍ଡା,ଦିଲିପ ଦାଶ, ବିଭୂତି ମହାପାତ୍ର, ଭରତ ପରିଡା, ଚନ୍ଦ୍ର ଶେଖର ସାହୁ ପ୍ରମୁଖ ବିଭିନ୍ନ ବ୍ଲକରୁ ଶତାଧିକ ନେତୃବୃନ୍ଦ ଯୋଗ ଦେଇଥିଲେ। ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲା ସଭାପତି ରାଉତ ନିବେଦନ କରିଥିଲେ।

ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ ନେତା ।

ବୁଲିଲା ବୈଷୟିକ ଶିକ୍ଷା ସଚେତନତା ରଥ

ସିଂହପୁର,୬।୩
(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ସନ୍ତୋଷୀ କମ୍ପ୍ୟୁଟର ଏକଡେମୀ ଆନୁକୂଲ୍ୟରେ ବୈଷୟିକ ଶିକ୍ଷା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାମଲ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି।

ସରକାରୀ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରି ଛାତ୍ରୀଛାତ୍ର ନିଯୁକ୍ତି ସୁବିଧା ପାଇପାରିବେ ବୋଲି ନିର୍ଦ୍ଦେଶକ ନିଳମଣି ରାଉତ, ସହଯୋଗୀ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ମଲ୍ଲିକ ଓ ଶ୍ୟାସୁନ୍ଦର ସାହୁ ବକ୍ତବ୍ୟରେ କହିଛନ୍ତି। କାର୍ଯ୍ୟକ୍ରମରେ ଇଂଲିଶ ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ବିଜୟ କୁମାର ପତି, ସୁରେନ୍ଦ୍ର କୁମାର ସାମଲ, କୈଳାସ ଚନ୍ଦ୍ର ମିଶ୍ର ଓ ଚନ୍ଦ୍ରହାସ୍ୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାଣିକୋଇଲି,୬।୩(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଗ୍ୟାରେଜରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ହରିପୁର ନିବାସୀ ବୀର କିଶୋର ସାହୁଙ୍କ ପୁଅ ସରୋଜ (୨୬)। ବୀର କିଶୋର ପାଣିକୋଇଲିର କାଙ୍କଲାପାଟଣା ଗ୍ରାମରେ ରହୁଥିଲେ। ତାଙ୍କ ପୁତ୍ର ସ୍ଥାନୀୟ ଏକ ମାର୍ବଲ ଦୋକାନର ଗାଡ଼ି ଚଳାଇବା ସହିତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଗ୍ୟାରେଜରେ ରାତିରେ ଶୋଉଥିଲେ। ଗୁରୁବାର ସକାଳୁ ଗ୍ୟାରେଜରେ ଥିବା ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଗ୍ୟାରେଜ ମାଲିକ ସକାଳୁ ଗ୍ୟାରେଜ ଖୋଲିବାକୁ ଡ଼ାକିବା ପରେ ସରୋଜ ନ ଶୁଣିବାରୁ ବାଧ୍ୟ ହୋଇ ସଟର ଭାଙ୍ଗି ଦେଖିବା ପରେ ସରୋଜ ସିଲିଂ ଫ୍ୟାନରେ ଝୁଲୁଥିବା ଦେଖି ଅନ୍ୟ ଦୋକାନୀଙ୍କୁ ଖବର ଦେଇଥିଲେ। ଖବର ପାଇ ପାଣିକୋଇଲି ଥାନାର ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ଏସ୍‌ଆଇ ବିଶ୍ୱରଂଜନ ଦାସ ଓ ପଶାନ୍ତ ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ ଟିମ ଦ୍ୱାରା ତଦନ୍ତ କରିଥିଲେ। ତଦନ୍ତ ପରେ ମୃତ ଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ସଂକ୍ରାନ୍ତରେ ସରୋଜଙ୍କ ଭାଇ ଅଜିତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୫ /୨୫ ରୁଜୁ କରିଛି।

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା

ଦଶରଥପୁର, ୬।୩
(ସୁଶାନ୍ତ କୁମାର ବେହୁରିଆ):

ରାଜ୍ୟ ସରକାରଙ୍କ ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ ନ କରିବା ଓ ଛୁଟି ଦିବସକୁ ବାତିଲ କରିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଏନେଇ ଦଶରଥପୁର ବ୍ଲକ ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଭାଜପା ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା କର୍ଣ୍ଣାଟକେଶରୀ ଦାସ

ସଂକ୍ଷେପରେ

ରନ୍ଧନ ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ

ପଟ୍ଟାମୁଣ୍ଡାଇ,୬।୩(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତ ବାଲିପାଟଣା ଜଗନ୍ନାଥ ମନ୍ଦିର ନିକଟରେ ଗୁରୁବାର ଅପରାହ୍ନ ୫ ଘଟିକା ସମୟରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅଜିତ ଦାସଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଗାସ୍ ସିଲିଣ୍ଡର ରେଗୁଲେଟର ଖରାପ ଥିବାରୁ ଏପରି ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଚାଳ ଛପର ଘର ସାଙ୍ଗକୁ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇରୁ ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଜିତ୍ ପାଣି ପାଇପ ମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ବ୍ରିଟିଶ କେନାଲ ସେତୁ କାମ ବନ୍ଦକଲେ ଗ୍ରାମବାସୀ

ବିରୋଧ କରୁଥିବା ଗ୍ରାମବାସୀଙ୍କୁ ଠିକାସଂସ୍ଥା କର୍ମଚାରୀଙ୍କ ଧମକ

ମହାକାଳପଡ଼ା, ୬।୩
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବ୍ରିଟିଶ ନିର୍ମିତ ଜମୁ-ମାର୍ଶାଘାଇ ମୁଖ୍ୟ କେନାଲ ଯାଁଅରା-ତିଥି ଗ୍ରାମ ଗଡା ଠାରେ ଏକ ସେତୁନିର୍ମାଣ କାମ ଚାଲିଥିଲା। ହେଲେ ସେଠାରେ ସେ ସଂକ୍ରାନ୍ତରେ କୌଣସି ସୂଚନା ଫଳକ ନାହିଁ। ନିମ୍ନମାନର ଚିପସ୍, ସିମେଣ୍ଟ, ଲୁହା ରଡ଼, ଧସା ବାଲି ଆଦି ବ୍ୟବହର କରାଯାଉଛି। ପିଲର ଢଳେଇ ଚାଲିଥିବା ବେଳେ ଲୁହା ଶଟର ଖୋଲା ହେବା ପରେ ଲୁହାରଡ଼ ପଦାକୁ ଦିଶୁଛି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ବାଧ ହୋଇ ଗୁରୁବାର କାମ ବନ୍ଦ ରଖିଛନ୍ତି। ଏହାପରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଦାସଙ୍କୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସ୍ଥାନୀୟ ବାସିନ୍ଦାଙ୍କୁ ଠିକାସଂସ୍ଥାର ଜଣେ କର୍ମଚାରୀ ଚିଭଲଭର ଦେଖାଇ ଧମକ ଦେଇ ଥିବା ଗ୍ରାମର ପ୍ରସନ୍ନ ପରିଡ଼ା, ସୂର୍ଯ୍ୟକାନ୍ତ ପରିଡ଼ାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଣ୍ଟୁରି ଖୁଣ୍ଟିଆ, ନୀଳମଣି ଖଣ୍ଟୁଆଳ, ପହଲି ପରିଡ଼ା, ଜିତେନ୍ଦ୍ର ପରିଡ଼ା, ମଙ୍ଗୁଳି ପରିଡ଼ା, ସ୍ମୃତି ରଞ୍ଜନ ଖୁଣ୍ଟିଆ, ବିତିତ୍ର ସାହୁ , ଟୁଲୁ ଖଣ୍ଟୁଆଳ, ପ୍ରଦୀପ ପରିଡ଼ା, ପବିତ୍ର ପରିଡ଼ା, ପ୍ରଶାନ୍ତ ରାଉତ, ଗଜେନ୍ଦ୍ର ଖୁଣ୍ଟିଆ, ଦୀପକ ପରିଡ଼ା,

ବନ୍ଦ ପଡ଼ିଥିବା ନିର୍ମାଣ କାର୍ଯ୍ୟ।

ସମବାୟ ବ୍ୟାଙ୍କ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

ଆଳି,୬।୩(ବନମାଳୀ ସେନାପତି)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଆଳି ଶାଖାରେ କାର୍ଯ୍ୟରତ ଜଣେ ମହିଳା ଆକାଉଣ୍ଟାଣ୍ଟଙ୍କୁ ଜଣେ ଯୁବକ ଅସଦାଚରଣ କରିବା ସହିତ ହତ୍ୟା ଧମକ ଦେଇଥିବା ଆଳି ଥାନାରେ ଅଭିଯୋଗ ହୋଇଛି । ସମ୍ପୃକ୍ତା ଆକାଉଣ୍ଟାଣ୍ଟ ନିଜ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୪ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୩ ସମୟରେ ସେ ବ୍ୟାଙ୍କରେ କାମ କରୁଥିବା ବେଳେ ସୌଭାଗ୍ୟ ରଞ୍ଜନ ସାମଲ ନାମକ ଜଣେ ଯୁବକ ତାଙ୍କୁ ବ୍ୟାଙ୍କରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଓ ତାଙ୍କ ପୁଅକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ସୌଭାଗ୍ୟ ପ୍ରତିଦିନ ବ୍ୟାଙ୍କକୁ ଆସି ୪ରୁ ୫ ଥର ଉଠାଣ ଓ ବୀମା ପାସ କରିବା ପାଇଁ ତାଙ୍କୁ କହୁଥିଲେ । ହେଲେ ସେ ଏପରି କରିବା ପାଇଁ ମନା କରିଥିଲେ । ଗତ ୪ ତାରିଖ ଦିନ ଏନ୍ଇଏଫ୍ଟି କରିବାକୁ ସେ କହିଥିଲେ । ଏନ୍ଇଏଫ୍ଟି କରିବା ସମ୍ପୂର୍ଣ୍ଣ ଭାବେ ଅନୈତିକ ହୋଇଥିବାରୁ ତାହା କରିବାକୁ ସେ ମନା କରିଦେଇଥିଲେ । ଫଳରେ ସୌଭାଗ୍ୟ ତାଙ୍କୁ ଟେଲିଫୋନରେ ପ୍ରତାପ ପରିଡ଼ା, ହେମନ୍ତ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ପ୍ରଧାନଙ୍କ ସହିତ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ସମ୍ଭବ ହୋଇ ପାରି ନାହିଁ । ଗାଳିଗୁଲଜ କରିବା ସହ ବ୍ୟାଙ୍କକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପୂର୍ବରୁ ମଧ୍ୟ ସୌଭାଗ୍ୟ ତାଙ୍କୁ ୨ରୁ୩ ଥର ଅସଦାଚରଣ କରିଥିବା ନେଇ ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ସେ ବ୍ୟାଙ୍କର ପରିଚାଳକ ଓ ସମବାୟ ବ୍ୟାଙ୍କର (ସିଇଓ)ଙ୍କୁ ମଧ୍ୟ ଅବଗତ କରିଛନ୍ତି । ସେ ଜଣେ ମହିଳା କର୍ମଚାରୀ ହୋଇଥିବାରୁ ଏହି ଘଟଣା ପରେ ସେ ମାନସିକ ଭାବେ ଭାଙ୍ଗି ପଡିଛନ୍ତି । ସୌଭାଗ୍ୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ଆଳି ଥାନାରେ ଏକ ମାମଲା(ନଂ.୧୧୧/୨୫) ରୁଜୁ କରିବା ପରେ ଗୁରୁବାର ଆଳି ପୋଲିସ ବ୍ୟାଙ୍କକୁ ଯାଇ ଘଟଣା ଦିନର ସିସିଟିଭି ଫୁଟେଜ ଯାଞ୍ଚ କରିଛି। ଏ ନେଇ ବ୍ୟାଙ୍କ ପରିଚାଳକଙ୍କୁ ପଚାରିବାରୁ ସେ କାଉଣ୍ଟରରେ ଆକାଉଣ୍ଟାଣ୍ଟ ଓ ଗ୍ରାହକଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୋଗ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। ପୋଲିସ କେବଳ ସିସିଟିଭି ଯାଞ୍ଚ କରି ଯାଇଥିବା ସେ କହିଛନ୍ତି । ଏ ନେଇ ଆଳି ପୋଲିସର ପ୍ରତିକ୍ରିୟା ମିଳିପାରିନି ।

ହସ୍ତଶିଳ୍ପୀଙ୍କୁ ପ୍ରମାଣପତ୍ର ବଣ୍ଟନ

ମାର୍ଶାଘାଇ,୬।୩
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଗୁରୁବାର ମାର୍ଶାଘାଇ ବ୍ଲକ ମେହେନ୍ଦିନଗର ପଞ୍ଚାୟତ ଆରକେ ପାଟଣା ଗ୍ରାମର ଟେରାକୋଟା ହସ୍ତଶିଳ୍ପୀ ପ୍ରଶିକ୍ଷାର୍ଥୀମାନଙ୍କୁ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି । କେନ୍ଦ୍ରାପଡ଼ା ହସ୍ତଶିଳ୍ପ ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ରାପଡ଼ା ଜିଲା କୁମ୍ଭକାର ସମାଜର ସାଧାରଣ ସମ୍ପାଦକ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ସାମାଜିକ କର୍ମୀ ଭରତ ଚନ୍ଦ୍ର ଲେଙ୍କା, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରିୟଜିତ ସାହୁ , ସତ୍ୟଜିତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଟେରାକୋଟା ନିପୁଣ ହସ୍ତଶିଳ୍ପୀ ନିରଞ୍ଜନ ବେହେରା, ସ୍ଥାନୀୟ ଶିଳ୍ପୀ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଗ୍ରାମର ୧୫ ଜଣ ମହିଳା ହସ୍ତଶିଳ୍ପୀଙ୍କୁ ମାଟିରେ ବିଭିନ୍ନ ପ୍ରକାର ଟେରାକୋଟା ସାମଗ୍ରୀ ନିର୍ମାଣ କୌଶଳ ବିଷୟରେ ଜିଲା ହସ୍ତଶିଳ୍ପୀ ବିଭାଗ ପକ୍ଷରୁ ୬ ମାସିଆ ପ୍ରଶିକ୍ଷଣ ଶିବିର କରାଯାଇଥିଲା । ସମ୍ପୃକ୍ତ ମହିଳା ପ୍ରଶିକ୍ଷାର୍ଥୀମାନଙ୍କୁ ଆଜିର କାର୍ଯ୍ୟକ୍ରମରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଫଳରେ ଆମ୍ଭେମାନେ ଟେରାକୋଟା ସାମଗ୍ରୀ ନିର୍ମାଣକରି ରୋଜଗାର କରି ପରିବାରର ଉନ୍ନତିରେ ସହାୟକ ହୋଇପାରିବୁ ବୋଲି ହସ୍ତଶିଳ୍ପୀ ସଫଳା ବେହେରା, ହରପ୍ରିୟା ମୁଦୁଲି, ନମିତା ବେହେରା,ରଶ୍ମିତା ବେହେରା ପ୍ରମୁଖ ମତବ୍ୟକ୍ତ କରିଛନ୍ତି ।

କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ରାଜକନିକା,୬।୩(ସଞ୍ଜୟ କୁମାର ଦାଶ/ରବିନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିଃ ରାଜକନିକା ଶାଖାର ୨୨ତମ ସ୍ୱନକ୍ଷତ୍ର ଦିବସ ବୁଧବାର ପାଳିତ ହୋଇଯାଇଛି। ଶାଖା ପରିଚାଳକ ସୁକାନ୍ତ କୁମାର ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶୀଦାର ଜମାକାରୀମାନଙ୍କୁ ଆର୍ଥିକ ନେଶଦେଶ ସେବା ଯୋଗାଇଦେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥି ଭାବେ ମୁଖ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ ଯୋଗଦେଇ ଗ୍ରାହକମାନଙ୍କ ହାତରେ ସୋସାଇଟି ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଯୋଜନା ରଖାଯାଇଛି ବୋଲି କହିଥିଲେ। ଯାଜପୁର ଟାଉନ ଶାଖା ପରିଚାଳକ ତପନ କୁମାର ମହାନ୍ତି, ସାଲେପୁର ଶାଖା କୋଷାଧ୍ୟକ୍ଷ ସୌମେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାହକମାନଙ୍କୁ ସେବା ପ୍ରଦାନ ଓ ବ୍ୟବସାୟୀ ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଏହିଅବସରରେ ୩ଜଣ ଭଲ ଜମାକାରୀଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ରାଜକନିକା ଶାଖାର କୋଷାଧ୍ୟକ୍ଷ ଚିନ୍ମୟ ସେନାପତିଙ୍କ ସମେତ କର୍ମଚାରୀ ଏସ.କେ ବାସୁ, ମହେନ୍ଦ୍ର ବସ୍ତିଆ, ଦେବୀପ୍ରସାଦ ଦାସ, ସୀମାରାଣୀ ବେହେରା, ଝୁନିନାଥ ଶର୍ମା, ତୁଷାର ଜେନା, ରଞ୍ଜିତ ସାହୁ, ବାମଦେବ ଦାସ, ସେକ୍ ଇମାନ ଓ ଏଜେଣ୍ଟ ଗୋପାଳ ଚନ୍ଦ୍ର ସାହୁ, ବିକାଶ ଚନ୍ଦ୍ର ପାଣିଗ୍ରାହୀ, ସଚ୍ଚିଦାନନ୍ଦ ଦାସ, ଚନ୍ଦ୍ର ଶେଖର ଦାସ, କ୍ଷିତିଶ ସାହୁ ଓ ପ୍ରକାଶ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

ରାଜନଗର,୬।୩
(ଭାସ୍କର ରାଉତରାୟ)

ରାଜନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରାଜନଗର ପ୍ରାଥମିକ ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ରବିନ୍ଦ୍ର ନାଥ ନାୟକଙ୍କ ବିୟୋଗରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଗ୍ରାମ ମହିଷାସୁର ପଞ୍ଚାୟତ ଚଣ୍ଡିଆପଲ୍ଲୀଠାରେ ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ,ପ୍ରାକ୍ତନ ବିଧାୟକ ଡା.ଅଲେଖ କୁମାର ଜେନା, ଭାଜପା ନେତା ଲଳିତ କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ,ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ,ସମବାୟବିତ ଘନଶ୍ୟାମ ଜେନା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ,ଜଗନ୍ନାଥ ଦାସ,ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ , ସମୀର କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତାଙ୍କର ପୁଅ ବିଶ୍ୱନାଥ ନାୟକ, ଜ୍ଞାନ ରଞ୍ଜନ ନାୟକ,ରଶ୍ମିରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଧ୍ରୁବ ଅନପୂର୍ଣା କଳା ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

ଯୁକ୍ତ ୨ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ଦାବିକଲା ଏସ୍ଏଚ୍ଆରସି

କେନ୍ଦ୍ରାପଡ଼ା,୬।୩(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ଥିବା ଏକ କଲେଜରେ ଅସଦାଚରଣ ମାମଲାକୁ ନେଇ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ଜିଲା ପୋଲିସକୁ ଷ୍ଟେଟ ହ୍ୟୁମାନ ରାଇଟ୍ସ କାଉନସିଲ(ଏସ୍ଏଚ୍ଆରସି) ପକ୍ଷରୁ ଗୁରୁବାର ଦାବି ହୋଇଛି। ଏ ସମ୍ପର୍କରେ ରାଜ୍ୟ ସଭାପତି ସସ୍ମିତା ଦାସ କହିଛନ୍ତି, ଯୁକ୍ତ ୨ର ଏହି ମୃତକ ନାବାଳିକା ଛାତ୍ରୀଙ୍କୁ କପି ଯାଞ୍ଚ ଆଳରେ ସଂପୃକ୍ତ କଲେଜର ଅଧ୍ୟାପକ ଅସଦାଚରଣ କରିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପରିବାର ସଦସ୍ୟ ଏନେଇ ଅଭିଯୋଗପତ୍ର ଦେଇଥିଲେ ମଧ୍ୟ ତଦନ୍ତରେ ଶିଥିଳତା ପ୍ରକାଶ ପାଇଛି।

ଏସ୍ଏଚ୍ଆରସି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ହେଲା ସେ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆଶଙ୍କାର ସମାଧାନ ନ ହେବା ପର୍ଯ୍ୟନ୍ତ ଏଠାରେ ଅଧ୍ୟୟନରତ ଶିକ୍ଷାର୍ଥୀଙ୍କ ଉପରେ କୁପ୍ରଭାବ ପଡୁଛି। ତଦନ୍ତକୁ ତ୍ୱରାନ୍ୱିତ ପାଇଁ ଏହି ଦାବିପତ୍ର ଦିଆଯାଇଥିବା ଦାସ କହିଛନ୍ତି। ଏସ୍ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲା ସଭାପତି ପ୍ରତାପ କୁମାର ପାଢ଼ୀ ଏଏସ୍ପିଙ୍କୁ ପ୍ରଦାନ କରିଛନ୍ତି।

ଚୋରା ମଦ ବେପାରୀଙ୍କୁ ଉଠାଇନେଲା ପୋଲିସ

ରାଜକନିକା,୬।୩(ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ବରୁଣାଡିଆ ଗାଁ ମୁଣ୍ଡରେ ଜଣେ ଭିନକ୍ଷମ ଯୁବକ ଏକ କେବିନ କରି ସେଥିରେ ଜଳଖିଆ ଓ ଚାଖଣା ବିକ୍ରି କରିବା ଆଳରେ ଦୀର୍ଘ ଦିନହେବ ମଦ ବିକ୍ରି କରୁଥିଲେ। ଅନେକ ଦିନରୁ ସେହି ଅଞ୍ଚଳର କେତେଜଣ ବରିଷ୍ଠ ନାଗରିକ ଓ ସାମାଜିକ କର୍ମୀ ପୋଲିସ ଓ ଅବକାରୀ ବିଭାଗରେ ଅଭିଯୋଗ କରିଥିଲେ। କିନ୍ତୁ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଗୁରୁବାର ବରୁଣାଡିଆ ପଞ୍ଚାୟତର ଜନପ୍ରତିନିଧି ଲକ୍ଷ୍ମୀପ୍ରିୟା ନାୟକ ରାଜକନିକା ପୋଲିସକୁ ସୂଚନା ଦେବାପରେ ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ସଦଳବଳେ ବରୁଣାଡିଆରେ ପହଞ୍ଚି ସମ୍ପୃକ୍ତ ମଦ ବେପାରୀ ଜିତେନ୍ଦ୍ର ସେଠୀଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୨୫ଲିଟର ମଦ ଜବତ କରାଯାଇଛି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ମାର୍ଶାଘାଇ,୬।୩
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଗୁରୁବାର ଅପରାହ୍ନରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଡାକ୍ତରଖାନା ରେ ଆବଶ୍ୟକୀୟ ଷ୍ଟାଫ କ୍ୱାର୍ଟର୍ସ, ପାନୀୟ ଜଳ ସମସ୍ୟା, ରୋଗୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହ ସେ ଡାକ୍ତରଖାନା ବୁଲି ଦେଖିଥିଲେ। ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ

ବୈଠକରେ ବିଧାୟକ ଓ ଅନ୍ୟମାନେ।

ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ରୋଗୀ କଲ୍ୟାଣ ସମିତି ବାର୍ଷିକ ୫ ଲକ୍ଷ ଟଙ୍କା ଅନୁଦାନ ରାଶି ଅନୁମୋଦନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ପଞ୍ଚାନନ ମଲିକ, ତହସିଲଦାର ଶ୍ରୀକାନ୍ତ ପରିଜା. ଜିଲା ଲେପର୍ସି ଅଧିକାରୀ ଡା.ପ୍ରଦୀପ ଦାସ, ମେଡିକାଲ ଇନଚାର୍ଜ ଡ. ଅମ୍ରିତ ଦାସ, ଡା.ରିତେଶ ସାହୁ,ଡା.ସର୍ଣ୍ଣପ୍ରଭା ରଥ, ବିପିଏମ୍ ହିମାଦ୍ରୀ ମହାରଥୀ, ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ ସ୍ୱାଇଁ, ସହ ଶିକ୍ଷାଧିକାରୀ ସୁଶାନ୍ତ ବେଉରା, ପାନୀୟଜଳ ଯନ୍ତ୍ରୀ ରାଜେନ୍ଦ୍ର ସିଂ ଉପସ୍ଥିତ ଥିଲେ।

ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ ଦାବି

ରାଜରାସ୍ତାକୁ ଓହ୍ଲାଇଲା ବିଜେଡି

ବିଜେଡି ନେତା ଓ କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି।

ପଟ୍ଟାମୁଣ୍ଡାଇ,୬।୩(କଳ୍ପତରୁ ନାୟକ)

ଓଡିଆ ଅସ୍ମିତା ଦ୍ୱାହି ଦେଇ ଶାସନକୁ ଆସିଥିବା ଭାଜପା ସରକାର ଓଡିଶାର ବରପୁତ୍ରଙ୍କୁ ଭୁଲି ଅଣସାମ୍ବିଧାନିକ ଭାବେ ପଞ୍ଚାୟତିରାଜ ଦିବସ ଅର୍ଥାତ୍ ମାର୍ଚ୍ଚ ୫କୁ ପରିବର୍ତ୍ତନ କରିବାକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ରାଜନୀତି ଜୋର ଧରିଛି। କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଏଥିପାଇଁ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ, ନଗର,ଯୁବ ଛାତ୍ର ବିଜେଡି ପକ୍ଷରୁ ଗୁରୁବାର ବିଜୁ ପଟ୍ଟାନାୟକ ଛକରେ ଗଣଧାରଣା ଦିଆଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି କିଶୋର ସାହୁଙ୍କ ନେତୃତ୍ୱରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହ ଶତାଧିକ ଦଳୀୟ କର୍ମୀ ଓ ନେତାମାନେ ପୋଖରିଆପଡା ହରପାର୍ବତୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବାଇପାସ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି କର୍ମୀମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପ୍ରତିବାଦ ସଭାରେ ରାଜନଗର

ବସ୍-ସ୍କୁଟି ଧକ୍କା, ଜଣେ ମୃତ

ପାତ୍ରପୁର,(ଉମା ଚରଣ ନେପାକ)କେ.ନୂଆଗାଁ ଥାନା ଅନ୍ତର୍ଗତ ମୈଶାନପୁର ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ ଘରୋଇ ବସ୍‌କୁ ଏକ ସ୍କୁଟି ଧକ୍କା ଦେଇଥିବା ବେଳେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପାତ୍ରପୁର କଂସାରୀ ସାହିର ମଙ୍ଗଳା ସାହୁ (୬୦)। ମଙ୍ଗଳା କୌଣସି କାମରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମଙ୍ଗଳାଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଗ୍ରାମକୁ ମୃତଦେହ ପହଞ୍ଚିବ ବୋଲି ଜଣାପଡ଼ିଛି।

ଗଞ୍ଜାମ ଜିଲା ଅବକାରୀ ଅଧୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୬।୩(ଦିଲୀପ ସାମଲ):
ଗଞ୍ଜାମ ଜିଲା ଅବକାରୀ ଅଧିକ୍ଷକ ଭାବେ ଅମରେନ୍ଦ୍ର ଜେନା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଯାଜପୁର ଜିଲାରେ କାର୍ଯ୍ୟରତ ଥିଲେ। ଗଞ୍ଜାମ ଜିଲାରେ ଦାୟିତ୍ୱ ଗ୍ରହଣ ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଜିଲାରେ ଅବକାରୀ ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବା ସହ ବେଆଇନ ମାଦକ ଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଅବକାରୀ ଅଧିକ୍ଷକ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଅଲାରିଗଡ଼ରେ ରକ୍ତଦାନ ଶିବିର

ଶେରଗଡ଼,୬।୩(ସୂର୍ଯ୍ୟ ନାରାୟଣ ଦାଶ)
ଅଲାରିଗଡ଼ଠାରେ ଜୀନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ବିଜେଡ଼ି ସଭାପତି ଶରତଚନ୍ଦ୍ର ପାତ୍ର ଶୁଭାରମ୍ଭ କରିଥଲେ। ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବ୍ରହ୍ମପୁର ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ହୀନ ବେହେରା, ବିପ୍ଳବ ସେଠୀ, ଶିବରାମ ଭୂୟାଁ, ସମେତ ବହୁ ସରପଞ୍ଚ ସମିତି ସଭ୍ୟ ଯୋଗଦେଇ ରକ୍ତ ଦାନ କରିଥିଲେ। ବିଜୁ ଜୟନ୍ତୀ ଅବସରରେ ବହୁ ନେତା କର୍ମୀ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବର୍ତ୍ତମାନ ବ୍ଲଡ ବ୍ୟାଙ୍କରେ ରକ୍ତର ଅଭାବ ଥିବା ବେଳେ ବ୍ଲକ୍ ବିଜେଡ଼ିର ଏହି ପ୍ରୟାସକୁ ପ୍ରଶଂସା କରାଯାଇଛି।

ରୋଗୀକଲ୍ୟାଣ ସମିତି ବୈଠକ

କବିସୂର୍ଯ୍ୟନଗର,୬।୩(କୃପାସିନ୍ଧୁ ସ୍ୱାଇଁ)
ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର ବୈଠକ ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଡାକ୍ତର ସୁଶାନ୍ତ କୁମାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସିଡିପିଓ ବୀଣାପାଣି ମିଶ୍ର,ବିଇଓ ଅଭିମନ୍ୟୁ ସାହୁ, ବିପିଏମ ସୁନୀଲ ପଣ୍ଡା ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ରୋଗୀ କଲ୍ୟାଣ ସମିତି ସଦସ୍ୟ ମଧ୍ୟରେ ପ୍ରଭାତ ସାମଲ, ବିଶଙ୍କର ପାତ୍ର, କୈଳାସ ଚନ୍ଦ୍ର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ଦିନ ହେଲା ରହିଥିବା ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ସହ ଏକ୍ସ-ରେ ମେସିନ କାର୍ଯ୍ୟକ୍ଷମ ଲାଗି ବିଧାୟକ ପରାମର୍ଶ ଦେଇଥିଲେ। ଦୁଇଜଣ ଡାକ୍ତର ନିଯୁକ୍ତି,ଦୁଇ ସ୍ପେସାଲିଷ୍ଟ ଡାକ୍ତର ଆଣିବା, ଫାର୍ମାସିଷ୍ଟ, ବିଭିନ୍ନ ଉପକରଣ କ୍ରୟ, ୪ ଟିଏସି, ପବ୍ଲିକ ଶୌଚାଳୟ ଆଦି ବହୁ ଉନ୍ନତିମୂଳକ କାର୍ଯ୍ୟଲାଗି ପଦକ୍ଷେପ ଗ୍ରହଣ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ମାମୁଡିହରେ ପ୍ରତିଷ୍ଠା ହେବ ସାଧାରଣ ସୁବିଧା କେନ୍ଦ୍ର

ଆସିକା,୬।୩(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ଅନ୍ତର୍ଗତ ଦେବଭୂମି ପଞ୍ଚାୟତର ମାମୁଡିହ ଗ୍ରାମରେ ପାରମ୍ପରିକ କଂସା ପିତଳ ବାସନକୁସନ ଓ ବିଭିନ୍ନ କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ପ୍ରସ୍ତୁତ ଲାଗି ଏକ ସ୍ୱତନ୍ତ୍ର ପରିଚୟ ରହିଛି । ପୁରୁଷାନୁକ୍ରମେ କାର୍ଯ୍ୟ କରି ଆସୁଥିବା ଏହି କାରଗିରଙ୍କୁ ପ୍ରୋତ୍ସାହିତ କରିବା ଲାଗି ଏଠାରେ ଏକ ସାଧାରଣ ସୁବିଧା କେନ୍ଦ୍ର ସ୍ଥାପନ ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏଥିମଧ୍ୟରେ ଗଞ୍ଜାମ ଜିଲ୍ଲା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ପକ୍ଷରୁ ଆସିକା ତହସିଲଦାରଙ୍କୁ ଏହି କେନ୍ଦ୍ର ନିର୍ମାଣ ଲାଗି ୧ଏକର ଜାଗା ଦେବା ଓ ଏହାକୁ ରାଜ୍ୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରାଯାଇଥିବା ଆସିକା ତହସିଲଦାର ସଙ୍ଗୀତା ସେନ ସୂଚନା ଦେଇଛନ୍ତି । ଏହି କେନ୍ଦ୍ର ମାଧ୍ୟମରେ ହସ୍ତଶିଳ୍ପ କାରିଗରଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

ମାମୁଡିହ ଗ୍ରାମର ଶତାଧିକ ପରିବାର ପୁରୁଷାନୁକ୍ରମେ ଏହି ପେଷାକୁ ବଞ୍ଚାଇ ରଖିଛନ୍ତି । ତେବେ ଏହି କୈଳିକ ପେସାଧାରୀଙ୍କ ଲାଗି ଆବଶ୍ୟକୀୟ ପୁଞ୍ଜିନିବେଶ ଓ ସେମାନଙ୍କ ପ୍ରସ୍ତୁତ ଜିନିଷର ବିକ୍ରିବଟା ଲାଗି ବଜାର ସୃଷ্টি କରିବା ଆବଶ୍ୟକ ହୋଇପଡିଛି।

କାର୍ଯ୍ୟରେ ନିମଗ୍ନ ଜଣେ କାରିଗର।

ଉପକୃତ ହେବେ କଂସା ପିତଳ କାରିଗର

ଏତଦ ଅବସରରେ ଗତ ଜାନୁଆରୀ ୩ ତାରିଖରେ ତତ୍କାଳୀନ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଆସିକା ତହସିଲଦାର ସେନ ପ୍ରମୁଖ ମାମୁଡିହ ଗ୍ରାମରେ ଏକ ବୈଠକ କରି କଂସା ପିତଳ କାରିଗରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କଂସା ପିତଳ କାରିଗରଙ୍କୁ ଆବଶ୍ୟକୀୟ ପୁଞ୍ଜି ପ୍ରଦାନ ସହ ବଜାର ସୃଷ୍ଟି ଏବଂ ଏହି ଗ୍ରାମର ସାମଗ୍ରିକ ବିକାଶ ପୂର୍ବକ ଏହାକୁ ଏକ ପାରମ୍ପରିକ କାରୁକାର୍ଯ୍ୟର ପର୍ଯ୍ୟଟନସ୍ଥଳ ଭାବେ ପରିଗଣିତ କରିବା ଲାଗି ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଏହି କାରିଗରଙ୍କ ଦ୍ୱାରା ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ କିସମର କଂସା ପିତଳ ବାସନ କୁସନ ଠାରୁ ଆରମ୍ଭ କରି ଘଣ୍ଟ, ଘଣ୍ଟା, ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଓ ବିଭିନ୍ନ କାରୁକାର୍ଯ୍ୟ ସମ୍ପନ୍ନ ପୁରସ୍କାର ସାମଗ୍ରୀ ପ୍ରସ୍ତୁତ ହୋଇଆସୁଛି।

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାଜସ୍ୱ ମନ୍ତ୍ରୀ

ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିବା ରାଜସ୍ୱ ମନ୍ତ୍ରୀ ଓ ଅନ୍ୟମାନେ।

ରାଇକିଆ,୬।୩(ପ୍ରଦୀପ ବେହେରା)
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର କନ୍ଧମାଳ ଜିଲା ରାଇକିଆ ଗସ୍ତ କରି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ। ଶିବ ମନ୍ଦିର ନିକଟ ରେ ଆୟୋଜକ କମିଟି ଏବଂ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଶିବ ମନ୍ଦିର, ବନ ଦୁର୍ଗା ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ସହ କନ୍ଧମାଳ ଏମପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲା ଭାଜପା ସଭାପତି ପଣ୍ଡିତ ବିଶି ମାଝୀ, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ମାନ ଗୋବିନ୍ଦ ପ୍ରଧାନ, ଜଗନ୍ନାଥ ସାହୁ, ଲିଙ୍ଗରାଜ ଦଳ ବେହେରା, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, ଭାଜପା ମଣ୍ଡଳ ସଭାପତି ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜକ କମିଟି ପକ୍ଷରୁ ସଭାପତି ସତ୍ୟବାନ ପାତ୍ର, ସମ୍ପାଦକ ବାଇନାଥ ଦାସ, ସୁରେନ୍ଦ୍ର ପଣ୍ଡା, ଶ୍ରୀଧର ଦାସ, ବିକ୍ରମାଦିତ୍ୟ ପାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ବିଦ୍ୟାଳୟ ଫିଁ' ବାକି ଥିବାରୁ ୨ ଛାତ୍ର ପରୀକ୍ଷା ଦେଇ ନ ପାରିବା ଘଟଣା

ତଦନ୍ତ କଲେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ

ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଳୟରେ କାଗଜପତ୍ର ତନଖି କରୁଛନ୍ତି।

ଦାରିଙ୍ଗବାଡି, ୬।୩ (ଅରୁଣ ସାହୁ)
କନ୍ଧମାଳ ଜିଲା ଦାରିଙ୍ଗବାଡି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ପାଦ୍ରୀ ପିଓ ଇଂରାଜୀ ମିଡିୟମ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ ପରୀକ୍ଷାରୁ କେତେ ଜଣ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟରେ ଫିଁ'ବାବଦକୁ ବକେୟା ଥିବା ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ୨ଜଣ ଛାତ୍ରଙ୍କୁ ପରୀକ୍ଷା ଦେବାରୁ ବଞ୍ଚିତ କରିଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କିତ ଖବର ପ୍ରକାଶ ପରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗ ସଚିବ କନ୍ଧମାଳ ଜିଲା ମଜିଷ୍ଟ୍ରେଟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଦାରିଙ୍ଗବାଡି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ପାଦ୍ରୀପିଓ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ୨ଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି, କେତେ ଜଣ ଏହି ପରୀକ୍ଷା ଦେଇ ପାରିନାହାନ୍ତି ତାହା ବୁଝିବା ସହ ବିଦ୍ୟାଳୟର ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। କିଛି ଡକ୍ୟୁମେଣ୍ଟର ନକଲକୁ ସେ ନେଇ ଯାଇଛନ୍ତି। ସେ ଏହାର ସମ୍ପୂର୍ଣ୍ଣ ତଦନ୍ତ କରି ସାରିବା ପରେ ଜିଲା ପ୍ରଶାସନକୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ତଦନ୍ତ ସମୟରେ ବିଦ୍ୟାଳୟର ପ୍ରିନ୍ସିପାଲ ଇତିଶ୍ରୀ ପଟିଛା, ପରିଚାଳକ ଜୋସେଫ ମାଇକଲ ଓ ଅନ୍ୟମାନଙ୍କୁ ଜାଲି ପଚାରା ଉଚରା କରିଥିଲେ। ଏସମ୍ପର୍କରେ ପରିଚାଳକ ଜୋସେଫ ମାଇକଲଙ୍କୁ ପଚାରିବାରୁ ସେ କହିଲେ, ୨ ଜଣ ଛାତ୍ର ଷଷ୍ଠ ଶ୍ରେଣୀର ଫ୍ରାଞ୍ଚାଇଜ ଦିଗାଲ ଏବଂ ସପ୍ତମର ଅରବିନ୍ଦ ଦିଗାଲ ଏହି ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ପରୀକ୍ଷା ଦେବାପାଇଁ ସୁଯୋଗ ପ୍ରଦାନ କରାଯାଇଛି। ତେବେ ସେମାନେ ପ୍ରଥମ ଦିନ ଆସିଥିଲେ ତା'ପରଦିନଠାରୁ ଆଉ ଆସୁନାହାନ୍ତି। ପ୍ରିନ୍ସିପାଲ ପଟିଛା କହିଛନ୍ତି, ଉଭୟ ଛାତ୍ରଙ୍କ ବକେୟା ଫିଁ' ଦାଖଲ କରିବାକୁ ପରୀକ୍ଷା ପୂର୍ବରୁ ସେମାନଙ୍କ ଅଭିଭାବକମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଯେଉଁ ଅଭିଭାବକମାନେ ବକେୟା ଫି ପ୍ରଦାନ କରି ନ ଥିବେ ସେମାନଙ୍କ ପିଲାଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବନି ବୋଲି କୁହାଯାଇଥିଲା। ତେବେ ଆମେ ପରୀକ୍ଷାରୁ କିଛି ସମୟ ବଞ୍ଚିତ କରି ପୁଣି ପରୀକ୍ଷା ଦେବାକୁ ସେମାନଙ୍କୁ ସୁଯୋଗ ଦେଇଥିଲୁ। ମାତ୍ର ସେତେବେଳକୁ ସମ୍ପୃକ୍ତ ୨ ଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନେ ନେଇ ଚାଲିଯାଇଥିଲେ ବୋଲି ସେ କହିଛନ୍ତି।

ରାଇକିଆରେ ନୂଆ ତହସିଲଦାର

ରାଇକିଆ,୬।୩ (ପ୍ରଦୀପ ବେହେରା)
ରାଇକିଆରେ ନୂତନ ତହସିଲଦାର ଭାବେ ବରିଆଳ ମୁର୍ମୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଯାଜପୁରର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସମସ୍ତଙ୍କର ସହଯୋଗରେ ରାଇକିଆ ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। କାର୍ଯ୍ୟରେ ଯୋଗ ଦେବା ପରେ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ପୂର୍ବରୁ ଏଠାରେ ସୁଭଦ୍ର ମୁଣ୍ଡିକା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ।

ମାର୍ଚ୍ଚରେ ବି କନ୍ଧମାଳରେ ଶୀତ

ରାଇକିଆ,୬।୩ (ପ୍ରଦୀପ ବେହେରା)
ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଗରମ ଅନୁଭୂତ ହେଲାଣି। ମାତ୍ର କନ୍ଧମାଳ ଜିଲାରେ ଏହି ସମୟରେ ସକାଳୁ ଥଣ୍ଡା ଅନୁଭୂତ ହେଉଛି। ସକାଳୁ ବାହାରକୁ ଗଲେ ଶୀତବସ୍ତ୍ର ଆବଶ୍ୟକ ପଡୁଛି। ରାତିରେ କିମ୍ବା ଭୋରୁରୁ ବସଷ୍ଟାଣ୍ଡଗୁଡିକରେ ଅପେକ୍ଷାରତ ଯାତ୍ରୀ ନିଆଁ ଜାଳି ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ ସକାଳୁ ଏହିପରି ଥଣ୍ଡା ଏପ୍ରିଲ ମାସ ପର୍ଯ୍ୟନ୍ତ ଅନୁଭୂତ ହେଉଥିବା ବେଳେ ଚଳିତ ବର୍ଷ ହେବ ମାର୍ଚ୍ଚ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ଅନୁଭୂତ ହେଉଛି। ଥଣ୍ଡା ଯୋଗୁ ମହୁଲ ଫୁଲ ଭଲ ହେଉଥିବାରୁ ଏହାକୁ ମହୁଲ ଥଣ୍ଡା ବୋଲି ଅଞ୍ଚଳବାସୀ ନାଗରିକ ପ୍ରକାଶ କରିଛନ୍ତି ।

ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ବୁଗୁଡ଼ା,୬।୩(କାଳିଚରଣ ଦାଶ)
ବୁଗୁଡ଼ା ସଙ୍ଗମ କଲ୍ୟାଣୀ ମଣ୍ଡପ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚଳିତ ବର୍ଷ ବଜେଟ ସମ୍ପର୍କରେ ଆଲୋକପାତ କରିବା ସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ରୁଡ଼ିକ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଏବଂ ଦଳୀୟ ସଂଗଠନକୁ କିଭଳି ଭାବରେ ତୃଣମୂଳସ୍ତରରେ ମଜବୁତ କରାଯିବ ସେ ନେଇ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ବୁଗୁଡ଼ା ନଗର ଭାଜପା ସଭାପତି ଭାବେ କେଦାର ନାଥ ମହାରଣା ଓ ପ୍ରଭାରୀ ଭାବେ ପ୍ରଦୀପ କୁମାର ଦାଶଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବୁଗୁଡ଼ା ବ୍ଲକ୍‌ର ୪୧ ନମ୍ବର ଜିଲାପରିଷଦ ଜୋନର ମଣ୍ଡଳ ସଭାପତି ଭାବେ ଭଗବାନ ଜେନା ଓ ପ୍ରଭାରୀ ଭାବେ ସଞ୍ଜୟ ଜେନା, ୪୨ ନମ୍ବର ଜୋନର ମଣ୍ଡଳ ସଭାପତି ଭାବେ କାର୍ତ୍ତିକ ମଙ୍ଗାଳ ଓ ପ୍ରଭାରୀ ଭାବେ ସୁଶାନ୍ତ କୁମାର ଡାକୁଆ ଏବଂ ୪୩ନଂ ଜୋନର ମଣ୍ଡଳ ସଭାପତି ଭାବେ ସୁନୀଲ କୁମାର ପ୍ରଧାନ ଓ ପ୍ରଭାରୀ ଭାବେ ଦିଲ୍ଲୀପ ପ୍ରଧାନଙ୍କୁ ନିଯୁକ୍ତି କରାଯାଇଥିଲା। ଏଥି ସହ ବୁଗୁଡ଼ା ବ୍ଲକ୍ ଆମ୍ବା ଅଧ୍ୟକ୍ଷ ଭାବେ କୃଷକ ନେତା ସନ୍ତୋଷ କୁମାର ସାହୁଙ୍କୁ ନିଯୁକ୍ତି କରାଯାଇଥିଲା।

ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୬।୩(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମର କିରଣ ଦାସଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ସେହି ଗ୍ରାମର ଚନ୍ଦନ ରଣାଙ୍କୁ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଏସଆଇ ଜଗବନ୍ଧୁ ବାର୍ଲା ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ ମାରଣାସ୍ତ୍ର ଠେଙ୍ଗା, ଲୁହାଛଡ଼ ଜବତ କରାଯାଇଛି। କେସ୍ ନଂ.୬୭/୨୫। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ଗତ ୨୬ ତାରିଖ ସନ୍ଧ୍ୟା ସାଢ଼େ ୭ ଟାରେ କିରଣ ତାଙ୍କ ଗ୍ରାମର ବୁଢ଼ୀଘାଇ ବନ୍ଧ ନିକଟ ରେଷ୍ଟ ସେଡ୍‌ରେ ବସିଥିଲେ। ପୂର୍ବ ଯୋଜନା ଅନୁସାରେ ଚନ୍ଦନ ଏବଂ ତାଙ୍କର ଜଣେ ସହଯୋଗୀ ଏକ ବାଇକ୍‌ରେ ସେଠାରେ ପହଞ୍ଚି କିରଣଙ୍କୁ ଜାଗର ଯାତ୍ରା ଦେଖିଯିବା ପାଇଁ କୌଶଳ କରି ଡାକି ନେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଏକ ନିଛାଟିଆ ସ୍ଥାନରେ ଠେଙ୍ଗା ଓ ଲୁହା ଛଡ଼ରେ ନିର୍ଯ୍ଯୁକ ମାଡ଼ ମାରିଥିଲେ। ଏଥିରେ କିରଣଙ୍କ ମୁଣ୍ଡ ଫାଟିବା ସହ ୪ଟି ଦାନ୍ତ ଭାଙ୍ଗି ଯାଇଥିଲା। ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ିଯିବାରୁ ଉଭୟେ ତାଙ୍କୁ ଚେକି ନେଇ ନିକଟସ୍ଥ ଏକ ଚାଷଜମିରେ ଫୋପାଡ଼ି ଚାଲି ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ କିରଣଙ୍କ ଚେତା ଫେରିବା ପରେ ସେ ତାଙ୍କ ମା'ଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ମା'ଝୁଟୁରି ଗାଁର କିଛି ଲୋକଙ୍କ ସହ ପହଞ୍ଚି କିରଣଙ୍କୁ ଉଦ୍ଧାର କରି ନୂଆପଡ଼ା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।ଏନେଇ ଝୁଟୁରୀ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଆଇଆଇସି କିଶୋର ସାମଲ ମକଦ୍ଦମା ରୁଜୁ ତଦନ୍ତ କରାଇଥିଲେ।

ବିଧାୟକ

କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା/କାଏମା,୬।୩
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଉତ୍ତ୍ୟକ୍ତ ଲୋକେ କାଏମା-କୋତପୁର ରାସ୍ତାର ଗୋପନଗରଠାରେ ଟାୟାର ଜାଳି ଅବରୋଧ କରଛନ୍ତି ।

ଧର୍ମଶାଳା ଥାନା ଅନ୍ତର୍ଗତ ଗୋକନେଶ୍ୱରଠାରୁ ରମାପୁରକୁ ସଂଯୋଗ କରୁଥିବା କେଲୁଆ ନଦୀବନ୍ଧ ରାସ୍ତାର ଗୋପନଗର ନିକଟରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଗୋପନଗର ନଦୀଘାଟରୁ ବେଆଇନ ଭାବେ ବାଲି ବୋଝେଇ କରି ନଦୀ ବନ୍ଧକୁ ଉଠୁଥିବା ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଭଗବାନପୁର ଗ୍ରାମର ରବୀନ୍ଦ୍ର ମଲିକଙ୍କ ପୁଅ ଦେବାଶିଷ ମଲିକ(୨୬)। ଗୁରୁତର ହେଲେ ନୂଆପାଟଣା ଗ୍ରାମର ନିଧି ମଲିକଙ୍କ ପୁଅ ସାଗର ମଲିକ(୨୫)। ଏହି ଘଟଣା ପରେ କ୍ଷତିପୂରଣ ଓ ବାଲିଘାଟ ବନ୍ଦ ଦାବିରେ ସ୍ଥାନୀୟ ଲୋକେ ଏବଂ ମୃତକଙ୍କ ପରିବାର ଉତ୍ତ୍ୟକ୍ତ ହୋଇ କାଏମା-କୋତପୁର ରାସ୍ତାର ଗୋପନଗରଠାରେ ଟାୟାର ଜାଳି ୮ଘଣ୍ଟା ଧରି ରାସ୍ତା ଅବରୋଧ କରିଛନ୍ତି। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଛି।

ଭୋର ପ୍ରାୟ ୫ଟା୩୦ରୁ ୬ଟାମଧ୍ୟରେ ଉଭୟ ଯୁବକ ଓଡି୦୫ୟୁ୩୫୯୦ ବାଇକ ଯୋଗେ କୋତପୁରପଟରୁ ଜାରକା ଅଭିମୁଖେ ଆସୁଥିଲେ। ଏହି ସମୟରେ ଟ୍ରାକ୍ଟର ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଥିଲା। ସାଗର ଗୁରୁତର ହୋଇଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ରାସ୍ତା ଅବରୋଧ ଯୋଗୁ ଦଶମ ଶ୍ରେଣ ପରୀକ୍ଷାର୍ଥୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ପହଞ୍ଚି ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। ବିଧାୟକ ହିମାଂଶୁ ସାହୁ ମୃତକଙ୍କ ପରିବାର ଲୋକଙ୍କୁ ୨ଲକ୍ଷ ଟଙ୍କା ସହାୟତା ଦେଇଛନ୍ତି। ଗୁରୁତରଙ୍କ ସମସ୍ତ ମେଡିକାଲ ଖର୍ଚ୍ଚ ସେ ବହନ କରିବେ ବୋଲି ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରାଯାଇଛି। ଡ୍ରାଇଭର ଫେରାର ଥିବା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୬।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଏକତରଫା ପ୍ରେମକୁ ନେଇ ଡବଲ ମର୍ଡର ମାମଲା

ଏକତରଫା ପ୍ରେମକୁ ନେଇ ଡବଲ ମର୍ଡର ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଦୋଷୀଙ୍କୁ ଅଧିକ ୬ମାସ ଜେଲଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ଥାନା ମିର୍ଜାପୁର(ସାଲେପୁର) ଅଞ୍ଚଳର ସୁନିଲ କୁମାର ଜେନା(୨୪) ବିକମ୍ ପଢୁଥିବା ସମୟରେ ମିର୍ଜାପୁର ମହାନ୍ତିସାହିରେ ଘର ଭଡ଼ା ନେଇ ରହୁଥିବା ଜଣେ ବ୍ୟକ୍ତିଙ୍କ ଝିଅଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବତୀ କଟକର ଏକ ଘରୋଇ କଲେଜରେ ଯୁକ୍ତ୨ ବିଜ୍ଞାନ ଛାତ୍ରୀ ଭାବେ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ତାଙ୍କୁ ସୁନିଲ ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବାପରେ ୨୦୨୦ ଜୁଲାଇ ୫ ରାତି ୧୦ଟା୩୦ରେ ଯୁବତୀଙ୍କ ଘରେ ପଶି ତାଙ୍କ ବାପା ଓ ମା'ଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀଙ୍କୁ ଗ୍ରାମବାସୀ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପଠାଇଥିଲେ। ୨୦ଦିନ ଚିକିତ୍ସିତ ହେବାପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ବି ସୁନିଲ ଯୁବତୀଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କ ବାମ ଆଖିକୁ ସଂପୂର୍ଣ୍ଣ ନଷ୍ଟ କରିଦେଇଥିଲେ।

ଯୁବତୀଙ୍କ ମା' ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ବାପା ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଘଟଣାପରଦିନ ଯୁବତୀଙ୍କ ମାମୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୫/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବୃତ୍ତାନ୍ତ ଶୁଣାଣି କରି ୨୩ ସାକ୍ଷୀ ଓ ୩୫ ଦସ୍ତାବିଜ୍‌ର ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର ମୋନାଲି ରାଇସା ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ।

ପଞ୍ଚାୟତିରାଜ ଦିବସ ପରିବର୍ତ୍ତନକୁ ବିଜେଡିର ବିରୋଧ

ଚଣ୍ଡିଖୋଲ,୬।୩ (ପ୍ରଦୀପ୍ତ କୁମାର ପୃଷ୍ଟି):

ମାର୍ଚ୍ଚ ୫ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ରାଜ୍ୟ ସରକାର ଏହାକୁ ପରିବର୍ତ୍ତନ କରିଛନ୍ତି। ଏଥିସହିତ ଉକ୍ତ ଦିବସର ଛୁଟିକୁ ମଧ୍ୟ ବାତିଲ କରିଛନ୍ତି। ଏହାକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ଗୁରୁବାର ରାଜ୍ୟର ବିଭିନ୍ନ ବ୍ଲକ୍ ସମ୍ମୁଖରେ ବିଜେଡି କର୍ମୀ ଗଣଧାରଣା ଦେଇ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। ବଡ଼ଚଣା ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଯୁବନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ କହିଛନ୍ତି, ଭାଜପା ସରକାର ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିବା ପରେ ମହାପୁରୁଷଙ୍କୁ ଅସମ୍ମାନ କରିବା, ମୂର୍ତ୍ତି ଭାଙ୍ଗିବା, ମହାପୁରୁଷଙ୍କ ନାମରେ ନାମିତ ବହୁ ଯୋଜନାକୁ ପରିବର୍ତ୍ତନ କରିବା ନିତିଦିନିଆ କଥା ହୋଇଗଲାଣି। ମାର୍ଚ୍ଚ ୫ରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସକୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏପ୍ରିଲ ୨୪କୁ ଘୁଞ୍ଚାଇବେବା ହିନ ରାଜନୈତିକ ଉଦ୍ଦେଶ୍ୟ। ଓଡ଼ିଆଙ୍କ ହୃଦୟରୁ କେହି ବିଜୁବାବୁଙ୍କୁ ହଟାଇ ପାରିବେ ନାହିଁ। ବଡ଼ଚଣା ବ୍ଲକ୍‌ରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଦଳୀୟ ଭିତ୍ତିରେ ଚାଲୁଥିବା କାର୍ଯ୍ୟକୁ ମାର୍ଚ୍ଚ ଶେଷ ବେଳକୁ ବିରୋଧ କରିବା ପାଇଁ ୨୦ହଜାର କର୍ମୀ ବ୍ଲକ ଘେରାଉ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଅମର ମହାନ୍ତ, ନରଞ୍ଜନ ସେନାପତି, ଜ୍ଞାନରଞ୍ଜନ ସାହୁ, କୁଳମଣି ବାରିକ, ଧନେଶ୍ୱର ବେହେରା, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ସାମଲ, ମାନଗୋବିନ୍ଦ ସେଠୀ, ଆଶିଷ ରଂଜନ ଚୌଧୁରୀ, ପ୍ରଭାକର ସାମଲ, ଦିଲୀପ କୁମାର ନାୟକ, ନିରଞ୍ଜନ ବିଶ୍ୱାଳ, ଜଗନ୍ନାଥ ମୁଦୁଲି, ତାପସ ରାୟ ଓ ଗଣେଶ୍ୱର ସାମଲ ପ୍ରମୁଖ ସାମିଲ ହୋଇ ସରକାରଙ୍କୁ ସମାଲୋଚନା କରିଛନ୍ତି।

ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡି କର୍ମୀଙ୍କ ଧାରଣା ।

ସୁଭଦ୍ରା ଯୋଜନାର ପଞ୍ଚାୟତସ୍ତରୀୟ ସଚେତନତା

ଜାରକା ପଞ୍ଚାୟତରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ।

ଧର୍ମଶାଳା,୬।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକର କେତେକ ପଞ୍ଚାୟତରେ ମହିଳାମାନଙ୍କ ଦ୍ୱାରା ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ସଶସ୍ତ୍ରୀକରଣ ଓ ସାମାଜିକ କଲ୍ୟାଣ ବାର୍ତ୍ତା ଆଧାରରେ ଏହି ଶୋଭାଯାତ୍ରା କରାଯାଇଛି। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡି କର୍ମୀ ଓ ଛାତ୍ରୀମାନେ ସାମିଲ ହୋଇଥିଲେ। ଜାରକା ପଞ୍ଚାୟତ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ଜାରକା ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଦୀପ୍ତିଲତା ସାହୁ, ସିଡିପିଓ ସ୍ୱର୍ଣ୍ଣରେଖା ବେହେରା, ସୁପରଭାଇଜର୍ ସ୍ନେହମୟୀ ଶତପଥୀ, ରାଜକା ସରପଞ୍ଚ ସୁଦାମ ଚରଣ ବେହେରା, ଜାରକା ପିଇଓ ସଞ୍ଜୟ ପିଙ୍ଗୁଆ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗଙ୍ଗାଧରପୁର ପଞ୍ଚାୟତରେ ସରପଞ୍ଚ ତ୍ରିଲୋଚନ ଜେନାଙ୍କ ନେତୃତ୍ୱରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଭୟପୁର ପଞ୍ଚାୟତରେ ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତ ଓ ପିଇଓ ସୁଦେଷ୍ଣା ସାମଲଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା।

ଶିକ୍ଷା ବିକାଶରେ ଘରୋଇ ବିଦ୍ୟାଳୟ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦଶରଥପୁର,୬।୩
(ସୁଶାନ୍ତ କୁମାର ବେହୁରିଆ)

ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଦଶରଥପୁରସ୍ଥିତ ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପ୍ରଥମ ଦିନରେ ଆୟୋଜିତ ସଭାରେ ମୁଖ୍ୟତିଥିଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଶିକ୍ଷାର ବିକାଶ ଦିଗରେ ଘରୋଇ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଜିଲାପରିଷଦ ସଭାପତି ଗୌତମ ରାୟ ଯୋଗଦେଇ ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ତେଣୁ ଶିକ୍ଷୟତ୍ରୀଶିକ୍ଷକ ଶିକ୍ଷା ମାଧ୍ୟମରେ ମାଟି ପିଣ୍ଡୁଳା ସଦୃଶ୍ୟ କୋମଳ ପିଲାଙ୍କ ମୂଳଦୁଆକୁ ମଜଭୁତ ଭାବେ ଗଢ଼ିତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅର୍ଣ୍ଣବାପ୍ରସାଦ ରଣା, ଶିକ୍ଷାବିତ ହରେରାମ ପଣ୍ଡା, ଚଳଚ୍ଚିତ୍ର ଅଭିନେତ୍ରୀ ଈକ୍ଷା ବର୍ତ୍ତା ଓ ପ୍ରଧାନଶିକ୍ଷକ ଲକ୍ଷ୍ମଣ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହାବ୍ୟତୀତ ଦଶରଥପୁର ବ୍ଲକର ସାମୟିକ ମନୋଜ ଦାସ, ସୁଶାନ୍ତ ବେହୁରିଆ, ସବ୍ୟସାଚୀ ଦାସ, ମାନସ ସାହୁ, ଭିତରଞ୍ଜନ ମଲ୍ଲିକ, ଧୀରେନ୍ଦ୍ର ମଲ୍ଲିକ, ସତ୍ୟଜିତ ସାମଲ ଓ ସୀତାଂଶୁ ଶେଖର ଜେନା ପ୍ରମୁଖଙ୍କୁ ଅତିଥି ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଜଗବନ୍ଧୁ ଦାସ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଭକ୍ତବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

ମାଟ୍ରିକ୍ ପରୀକ୍ଷା ଶେଷ, ଫଳାଫଳକୁ ଅପେକ୍ଷା

ଧର୍ମଶାଳା,୬।୩(ବଟକୃଷ୍ଣ ପରିଡ଼ା):

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗତ ମାସ ୨୧ ତାରିଖରୁ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଛି। ଧର୍ମଶାଳା ବ୍ଲକର ମୋଟ୍ ୧୮ ପରୀକ୍ଷା କେନ୍ଦ୍ରରେ ୨୯୯୪ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ କରିଥିବାବେଳେ ୨୯୬୧ ଜଣ ପରୀକ୍ଷା ଦେଇଛନ୍ତି। ଏଥିମଧ୍ୟରୁ ସାଧାରଣ ବର୍ଗରେ ୨୭ ଜଣ ଓ ମଧ୍ୟମାରେ ୬ ଜଣ ମୋଟ୍ ୩୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ଚଳିତ ବର୍ଷ ଅଣ୍ଟିଆସ୍ଥିତ ପଞ୍ଚାୟତ ହେଙ୍ଗୁଳା ହାଇସ୍କୁଲରେ ୧୬୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୭ଜଣ ଅନୁପସ୍ଥିତ ଥିଲେ। ଏଠାରେ ଗଣିତ ପରୀକ୍ଷାରେ ଜଣେ କପି କରି ଧରାପଡ଼ିଥିବା ବେଳେ ଅନ୍ୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ଯାଜପୁର ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ସୂଚନା ନେଇଛନ୍ତି। ତେବେ ପରୀକ୍ଷା ଶେଷ ହୋଇଥିବାବେଳେ ଫଳାଫଳକୁଅଭିଭାବକ ଓ ପରୀକ୍ଷାର୍ଥୀଙ୍କ ଅପେକ୍ଷା ରହିଛି।

ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ପାଚିକା, ସହାୟିକା ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ବିଇଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପାଚିକା, ସହାୟିକା ସଂଘର ମହିଳା ଓ ଅନ୍ୟମାନେ ।

ଧର୍ମଶାଳା/କାଏମା,୬।୩(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଏଆଇୟୁଟିୟୁସି ଧର୍ମଶାଳା ଶାଖା ସହବଦ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଗୁରୁବାର ଧର୍ମଶାଳା ବ୍ଲକ୍ ଏଜୁକେଶନ ଅଫିସ(ବିଇଓ) ସମ୍ମୁଖରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଚିକା ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ନ ଦେବା ଯାଏ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ସହ ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ଓ ଅବସର ବୟସ ସୀମା ୬୫କୁ ବୃଦ୍ଧି କରିବାକୁ ଦାବି କରାଯାଇଛି।

ସଂଗଠକ ପ୍ରଭାତୀ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇୟୁଟିୟୁସି ଯାଜପୁର ଜିଲା ସମ୍ପାଦକ ସୁରେଶ ପ୍ରଧାନ, ମନୋଜ ସେଠୀ, ମିନାକ୍ଷୀ ମହାନ୍ତି, ପୁଷ୍ପଲତା ସୁବୁଧି, ସାବିତ୍ରୀ ନାୟକ, ସ୍ୱର୍ଣ୍ଣଲତା ଦାସ, ରେବ ଦାସ, ସସ୍ମିତା ମହାରଣା ପ୍ରମୁଖ ଯୋଗଦେଇ ସରକାରୀ ଉଦାସୀନତାର ତୀବ୍ର ପ୍ରତିବାଦ କରିଥିଲେ। ପରେ ପାଚିକାମାନେ ବିଇଓ ଅଭୟ କୁମାର ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ।

ନିଆଁ ଲିଭା କାର୍ଯ୍ୟରେ ସାମିଲ ହେଲେ ବିଧାୟକ

ଚଣ୍ଡିଖୋଲ,୬।୩(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ବୁଧବାର ରାତିରେ ବିଧାୟକ ଅମର କୁମାର ନାୟକ ଭୁବନେଶ୍ୱର ଅଭିମୁଖେ ଫେରୁଥିବାବେଳେ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଛତିଆ ନିକଟ ଏକ ଜଳଖିଆ ଦୋକାନରେ ନିଆଁ ଲାଗିଥିବା ଦେଖି ବିଧାୟକ ଅଟକିଥିଲେ। ପରେ ସୁରକ୍ଷା କର୍ମୀଙ୍କ ସହ ମିଶି ନିଆଁ ଲିଭାଇବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ନେଳିଆ ଗ୍ରାମର କାଳିଆ ନାମ୍ନୀ ଦୋକାନୀଙ୍କୁ ମଧ୍ୟ ଖବର ଦେଇଥିଲେ। ଦୋକାନୀ ଓ ତାଙ୍କ ପରିବାର ଲୋକେ ସଙ୍ଗେ ସଙ୍ଗେ ପହଞ୍ଚିଥିଲେ। ପଞ୍ଚାୟତବାସୀ ପହଞ୍ଚି ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଛୋଟ ଜଳଖିଆ ଦୋକାନ କରି ପରିବାର ଚଳାଉ ଥିବା କାଳିଆଙ୍କ ଦୋକାନ ଅଧା ପୋଡି ଯାଇଥିଲେ ମଧ୍ୟ କିଛି ଜିନିଷ ବର୍ତ୍ତି ଯାଇଥିଲା।

ବିଧାୟକ ଏକ ଦୋକାନରେ ଲାଗିଥିବା ନିଆଁ ଲିଭାଉଛନ୍ତି ।

ICICI Bank | ଶାଖା କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001

ସର୍ବସାଧାରଣ ବିଜ୍ଞପ୍ତି- ବନ୍ଧକ ପରିସମ୍ପତ୍ତିର ବିକ୍ରୟ ପାଇଁ ଟେଣ୍ଡର ତଥା ଇ-ନିଲାମ

[ନିୟମ 8(6)ର ବ୍ୟବସ୍ଥାପନ ଦେଖନ୍ତୁ]

ସ୍ଥାବର ପରିସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ବିଜ୍ଞପ୍ତି

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, 2002 ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, 2002ର ନିୟମ 8 (6)ର ବ୍ୟବସ୍ଥାପନ ଅଧୀନରେ ସ୍ଥାବର ସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ଦ୍ୱାରା ସାଧାରଣ ଭାବେ ଜନସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)

ସଂକ୍ଷେପରେ

ଧାର ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ନାଉଗାଁ,୬।୩(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଗୋଠଦା ଇଚ୍ଛାପୁର ଗ୍ରାମରେ ଧାର ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ ହୋଇଥିବା ଲିଖିତ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଉମେଶ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସକାଳେ ସେ ବଡ଼ଭାଇ କୈଳାସଙ୍କୁ ପୂର୍ବରୁ ଧାର ଦେଇଥିବା ଟଙ୍କା ମାଗିଥିଲେ। ଏହି ସମୟରେ କୈଳାସ, ତାଙ୍କ ସ୍ତ୍ରୀ ଓ ପୁଅ ମିଳିତ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିଶୁଣି ଉମେଶଙ୍କ ସ୍ତ୍ରୀ ବାହାରକୁ ଆସି ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଉମେଶଙ୍କ ମୁଣ୍ଡ ଫାଟିଯିବା ସହ ହାତ, ଅଣ୍ଡା ଆଦି ଭାଙ୍ଗିଯାଇଛି। ସେହିପରି ତାଙ୍କ ସ୍ତ୍ରୀଙ୍କ ମୁଣ୍ଡ ଫାଟିବା ସହ ହାତ ଭାଙ୍ଗିଯାଇଛି। ଆକ୍ରମଣ ପରେ କୈଳାସଙ୍କ ପରିବାର ଲୋକେ ନିକଟରେ ଥିବା ଉମେଶଙ୍କ ବାଇକ୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏପରିକି ଆକ୍ରମଣ ବିଷୟରେ କାହାକୁ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଏବେ ଉମେଶ ଓ ତାଙ୍କ ସ୍ତ୍ରୀ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ବିଷୟରେ ଥାନା ଅଧିକାରୀ ପ୍ରଦୀପ୍ତ କାନୁନ୍‌ଗୋଙ୍କୁ ପଚାରିବାରେ ଅଭିଯୋଗ ପରେ ତଦନ୍ତ ଜାରି ରହିଥିବା କହିଛନ୍ତି।

ନିଆଁ ଲିଭା କାର୍ଯ୍ୟରେ ସାମିଲ ହେଲେ ବିଧାୟକ

ଚଣ୍ଡିଖୋଲ,୬।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ବୁଧବାର ରାତିରେ ବିଧାୟକ ଅମର କୁମାର ନାୟକ ଭୁବନେଶ୍ୱର ଅଭିମୁଖେ ଫେରୁଥିବାବେଳେ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଛତିଆ ନିକଟ ଏକ ଜଳଖିଆ ଦୋକାନରେ ନିଆଁ ଲାଗିଥିବା ଦେଖି ବିଧାୟକ ଅଟକିଥିଲେ। ପରେ ସୁରକ୍ଷା କର୍ମୀଙ୍କ ସହ ମିଶି ନିଆଁ ଲିଭାଇବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ନେଳିଆ ଗ୍ରାମର କାଳିଆ ନାମ୍ନୀ ଦୋକାନୀଙ୍କୁ ମଧ୍ୟ ଖବର ଦେଇଥିଲେ। ଦୋକାନୀ ଓ ତାଙ୍କ ପରିବାର ଲୋକେ ସଙ୍ଗେ ସଙ୍ଗେ ପହଞ୍ଚିଥିଲେ। ପଞ୍ଚାୟତବାସୀ ପହଞ୍ଚି ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

ଶୌଚାଳୟ, ପାନୀୟ ଜଳ, ପାର୍କିଂକୁ ଗୁରୁତ୍ୱ

ସେବା କର ଆଦାୟକୁ ନେଇ ଗୁରୁତ୍ୱପୂର୍ଣ ବୈଠକ

ଜଗତ୍‌ସିଂହପୁର, ୬।୩
(ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ପୌରପରିଷଦ ସଭାଗୃହରେ ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନାଙ୍କ ସଭାପତିତ୍ୱରେ ଗୁରୁବାର ଯୁଜର ଫିକୁ ନେଇ ଏକ ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପରିଷଦର ଅଧକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ସ୍ୱଚ୍ଛ ସାଥି, ସୁପରଭାଇଜର ଓ ବଜାର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଠାରୁ ମାସିକ ହିସାବରେ ସେବାକର ଆଦାୟ ବାବଦରେ ନିର୍ବାହୀ ଅଧିକାରୀ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗାନ୍ଧୀ ଛକ ବଜାର କମିଟିର ନିରଞ୍ଜନ ସେଠି ଅସନ୍ତୋଷ ପ୍ରକାଶ କରି ଏସବୁ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଶୋଷଣ ବୋଲି ପ୍ରକାଶ କରିଥିଲେ। ଶ୍ରୀରାମ ବଜାର କମିଟିର ସମ୍ପାଦକ ବିଜୟ କୁମାର ରାଉତ ପ୍ରଥମେ ସେବା ଦେଇ ପରେ କର ଆଦାୟ କରିବାକୁ କହିଥିଲେ। ବଜାରରେ ଅତିକମ୍‌ରେ ଦୁଇଟା ଶୌଚାଳୟ, ପିଇବା ପାଣିର ବ୍ୟବସ୍ଥା, ଓ ବ୍ୟବସାୟୀମାନଙ୍କ ଗାଡି ରଖିବା ପାଇଁ ବ୍ୟବସ୍ଥା ସହ ପ୍ରତେକ ଦିନ ସଫେଇ କାର୍ଯ୍ୟ, ରାସ୍ତାରେ ଲାଗିଥିବା ବିଜୁଳି ଲାଇଟକୁ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ମ୍ୟୁନିସିପାଲିଟିର ପାଣ୍ଠି ବଢାଇବା ପାଇଁ ହୋଲଡିଂ ଟିକସରେ ନୂତନତ୍ୱ, ସହରରେ ପାର୍କିଂ ଫି ଆଦାୟ ସହ ଯେଉଁ ଗୃହଗୁଡିକ ବିନା ହୋଲଡିଂରେ ଅଛି ତାକୁ ଯାଞ୍ଚ କରାଯାଉ। ସହରର ବଡ଼ ଅଟ୍ଟାଳିକାରେ ଚାଲିଥିବା ବ୍ୟସାୟିକ ପ୍ରତିଷ୍ଠାନ ଗୁଡିକ ଅତି କମ୍ ଟିକସ ପ୍ରଦାନ କରୁଥିବାରୁ ସେଗୁଡିକ ଉପରେ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି, ରାସ୍ତା ପାର୍ଶ୍ୱରେ ଲାଗିଥିବା ଗଛଗୁଡିକର ରକ୍ଷଣାବେକ୍ଷଣ ସହ ନିୟମିତ ବ୍ୟବଧାନରେ ପାଣି ଦେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌର ପ୍ରସାଦ ମହାନ୍ତି, ବିଜୟ ଦାଶ, ପ୍ରମୋଦ ମହାପାତ୍ର, ବୁବୁ ମହାନ୍ତି ସଭାପତି ଗଳୁପଡା ବଜାର କମିଟି ସଦସ୍ୟ ଉପସ୍ଥିତ ଥିଲେ। ମ୍ୟୁନିସିପାଲିଟିର ଉନ୍ନତି ପାଇଁ ଅଧକ୍ଷା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଉପାଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।

କୋଲକାତାରୁ କନ୍ୟାକୁମାରୀ ୩୮୦୦ କିମି କାର୍ ରାଲି

ପାରାଦୀପ ଆସିଥିବା ନୌସେନାର ପ୍ରତିନିଧିମଣ୍ଡଳୀ। ରାଲିରେ ଆସିଥିବା କାର୍।

ପାରାଦୀପ,୬।୩(ଶରତ ରାଉତ)

- ଅଗ୍ନିପଥ ଯୋଜନାରେ ମହିଳା ସାମିଲ ହେବାକୁ ଆହ୍ୱାନ
- ମହିଳା ସଶକ୍ତୀକରଣ ପାଇଁ ନୌସେନା ପକ୍ଷରୁ ଆୟୋଜନ କରାଯାଇଛି

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାରେ ମହିଳାମାନେ ସାମିଲ ହେବା ପାଇଁ ଭାରତୀୟ ନୌସେନା ପକ୍ଷରୁ କୋଲକାତାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସଚେତନତା କାର୍ ରାଲି ଆୟୋଜନ କରାଯାଇଛି। ଉକ୍ତ ରାଲିର ୨୪ ଜଣିଆ ପ୍ରତିନିଧି ଦଳ ଗୁରୁବାର ପାରାଦୀପରେ ପହଞ୍ଚିଛି। ଏହି ରାଲି ଦେଶର ଉପକୂଳବର୍ତ୍ତୀ ରାଜ୍ୟ ତଥା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁର ଚେନ୍ନାଇ ଦେଇ କନ୍ୟାକୁମାରୀ ପର୍ଯ୍ୟନ୍ତ ଯିବ। ସମୁଦାୟ ୩୮୦୦ କିଲୋମିଟର ପର୍ଯ୍ୟନ୍ତ ହେବାକୁଥିବା ଏହି ରାଲି ସମ୍ପର୍କରେ ନୌସେନାର ବରିଷ୍ଠ କମାଣ୍ଡର ଅଶ୍ୱିନୀ କୁମାର ତ୍ରିପାଠୀ କୁହନ୍ତି, ନୌସେନା ପକ୍ଷରୁ ପ୍ରଥମଥର ଲାଗି ଏହି ରାଲି ଆୟୋଜନ କରାଯାଇଛି। ଦେଶରେ ସ୍କୁଲ କଲେଜକୁ ଯାଇ ଛାତ୍ରୀମାନଙ୍କୁ ଉତ୍ସାହିତ କରୁଛି। ସେମାନଙ୍କୁ ସରକାରଙ୍କ ଅଗ୍ନିପଥ ଯୋଜନାରେ ସାମିଲ ହେବାକୁ ମହିଳା ସଶକ୍ତୀକରଣ ପାଇଁ ଏହା ଏକ ଅଭିନବ ପ୍ରୟାସ। ନୌସେନାରେ ପୁରୁଷ ତୁଳନାରେ ମହିଳାଙ୍କ ସଂଖ୍ୟା କମ୍। ସେମାନଙ୍କୁ ସମାନ ଅଧିକାର ଦେବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହି ରାଲି ସମୟରେ ନୌସେନା ଟିମ୍ ବିଭିନ୍ନ ସ୍କୁଲ କଲେଜକୁ ଯାଇ ଛାତ୍ରୀମାନଙ୍କୁ ଭେଟିବେ। ପାରାଦୀପରେ ଏହି ରାଲି ବିଭିନ୍ନ ସ୍କୁଲ ବୁଲିବା ପରେ କେନ୍ଦ୍ରାପଡ଼ା ଜିଲା ଅଭିମୁଖେ ଯାଇଛି।

ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୬।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଏକତରଫା ପ୍ରେମକୁ ନେଇ ଡବଲ ମର୍ଡର ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଦୋଷୀଙ୍କୁ ଅଧିକ ୬ମାସ ଜେଲଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ଥାନା ମିର୍ଜାପୁର(ସାଲେପୁର) ଅଞ୍ଚଳର ସୁନିଲ କୁମାର ଜେନା(୨୪) ବିକମ୍ ପଢୁଥିବା ସମୟରେ ମିର୍ଜାପୁର ମହାନ୍ତିସାହିରେ ଘର ଭଡ଼ା ନେଇ ରହୁଥିବା ଜଣେ ବ୍ୟକ୍ତିଙ୍କ ଝିଅଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବତୀ କଟକର ଏକ ଘରୋଇ କଲେଜରେ ଯୁକ୍ତ୨ ବିଜ୍ଞାନ ଛାତ୍ରୀ ଭାବେ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ତାଙ୍କୁ ସୁନିଲ ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବାପରେ ୨୦୨୦ ଜୁଲାଇ ୫ ରାତି ୧୦ଟା୩୦ରେ ଯୁବତୀଙ୍କ ଘରେ ପଶି ତାଙ୍କ ବାପା ଓ ମା'ଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀଙ୍କୁ ଗ୍ରାମବାସୀ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପଠାଇଥିଲେ। ୨୦ଦିନ ଚିକିତ୍ସିତ ହେବାପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ବି ସୁନିଲ ଯୁବତୀଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କ ବାମ ଆଖିକୁ ସଂପୂର୍ଣ୍ଣ ନଷ୍ଟ କରିଦେଇଥିଲେ। ଯୁବତୀଙ୍କ ମା' ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ବାପା ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଘଟଣାପରଦିନ ଯୁବତୀଙ୍କ ମାମୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୫/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବୃତ୍ତାନ୍ତ ଶୁଣାଣି କରି ୨୩ ସାକ୍ଷୀ ଓ ୩୫ ଦସ୍ତାବିଜ୍‌ର ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ହୋହଲ୍ଲା

ଜଗତ୍‌ସିଂହପୁର, ୬।୩
(ପ୍ରମୋଦ କୁମାର ନାୟକ)

ଟିପିସିଓଡିଏଲ୍ ଜଗତ୍‌ସିଂହପୁର ସବ୍‌ଡିଭିଜନ କାର୍ଯ୍ୟାଳୟରେ ଗୁରୁବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ସିପି-ମକୁନ୍ଦପୁର ଗ୍ରାମର ପ୍ରଭାତୀ ନାୟକଙ୍କ ପୁଅ ଜ୍ୟୋତିପ୍ରକାଶ ସେଠାରେ ହୋହଲ୍ଲା କରିଥିଲେ। କେଉଁ ଆଧାରରେ ବିନା ସୂଚନାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଗଲା ବୋଲି ସେ ପ୍ରଶ୍ନ କରିବା ସହ ଉତ୍ତର ଚାହିଁବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଅନ୍ୟପଟେ ଜ୍ୟୋତିପ୍ରକାଶ ଓ ଅନ୍ୟ ୨ ଜଣ ଏହି କାର୍ଯ୍ୟାଳୟରେ ପ୍ରବେଶକରି ଗାଳିଗୁଲଜ କରିଥିବା ନେଇ ସବ୍‌ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍) ଦୀପକ କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ତାଙ୍କ କାର୍ଯ୍ୟାଳୟରେ ଜ୍ୟୋତିପ୍ରକାଶଙ୍କ ସହ ଅନ୍ୟ ୨ ଜଣ ପ୍ରବେଶ କରି ବିନା କାରଣରେ ଗାଳିଗୁଲଜ କରିଥିଲେ। ବିନା କାରଣରେ ଏବଂ ବିନା ସୂଚନାରେ କାହିଁକି ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଗଲା ବୋଲି ପ୍ରଶ୍ନକରି ଏଭଳି ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ପରିସ୍ଥିତିରେ ବିଦ୍ୟୁତ୍ ବିଲ୍ ଦେଖାଇବା ପାଇଁ କୁହାଯାଇଥିଲେ ସୁଦ୍ଧା ସେମାନେ କିଛି ଶୁଣି ନ ଥିଲେ। ବିଭାଗୀୟ କନିଷ୍ଠ ପରିଚାଳକ (ନଂ.୧) ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରେଖି ପୋଲିସ ସହାୟତା ପାଇଁ ଥାନାକୁ କଲ୍ କରିଥିଲେ। ୨/୩ ମାସ ପୂର୍ବରୁ ଜ୍ୟୋତିପ୍ରକାଶ ଏହି କାର୍ଯ୍ୟାଳୟରେ ପହଞ୍ଚି ବିଦ୍ୟୁତ୍ ସେବା ବିଚ୍ଛିନ୍ନ କଲେ ଦେଖିଦେବେ ବୋଲି ଧମକ ଦେଇଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

ପାଚିକା, ସହାୟିକା ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ବିଇଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପାଚିକା, ସହାୟିକା ସଂଘର ମହିଳା ଓ ଅନ୍ୟମାନେ।

ଧର୍ମଶାଳା/କାଏମା,୬।୩(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଏଆଇୟୁଟିୟୁସି ଧର୍ମଶାଳା ଶାଖା ସହବଦ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଗୁରୁବାର ଧର୍ମଶାଳା ବ୍ଲକ୍ ଏଜୁକେଶନ ଅଫିସ୍(ବିଇଓ) ସମ୍ମୁଖରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଚିକା ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ନ ଦେବା ଯାଏ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ସହ ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ଓ ଅବସର ବୟସ ସୀମା ୬୫କୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ସଂଗଠକ ପ୍ରଭାତୀ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇୟୁଟିୟୁସି ଯାଜପୁର ଜିଲା ସମ୍ପାଦକ ସୁରେଶ ପ୍ରଧାନ, ମନୋଜ ସେଠୀ, ମିନାକ୍ଷୀ ମହାନ୍ତି, ପୁଷ୍ପଲତା ସୁବୁଧି, ସାବିତ୍ରୀ ନାୟକ, ସ୍ୱର୍ଣ୍ଣଲତା ଦାସ, ରେବ ଦାସ, ସସ୍ମିତା ମହାରଣା ପ୍ରମୁଖ ଯୋଗଦେଇ ସରକାରୀ ଉଦାସୀନତାର ତୀବ୍ର ପ୍ରତିବାଦ କରିଥିଲେ। ପରେ ପାଚିକାମାନେ ବିଇଓ ଅଭୟ କୁମାର ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ।

ଦେୟ ମୁକ୍ତ ପ୍ରମାଣପତ୍ରକୁ ନେଇ ବିବାଦ

କୁଜଙ୍ଗ ଓକିଲ ସଂଘ ନିର୍ବାଚନ

■କଥା କଟାକଟି ଭିଡିଓ ଭାଇରାଲ ପରେ ଥାନାରେ ଅଭିଯୋଗ

କୁଜଙ୍ଗ,୬।୩(ମନୋଜ ପ୍ରଧାନ)

ମାର୍ଚ୍ଚ ୨୯ରେ କୁଜଙ୍ଗ ଓକିଲ ସଂଘ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ସଂଘରୁ ନିଲମ୍ବିତ ଜଣେ ଆଇନଜୀବୀ ବର୍ତ୍ତମାନର ସମ୍ପାଦକଙ୍କୁ ଦେୟ ମୁକ୍ତ ପ୍ରମାଣ ପତ୍ର ମାଗିବାକୁ ନେଇ କଥା କଟାକଟି ହୋଇଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରଣକୁ ନେଇ ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଯେଉଁମାନେ ନିର୍ବାଚନରେ ପ୍ରାର୍ଥୀ ହେବେ ସେମାନଙ୍କ ପାଇଁ ଓକିଲ ସଂଘର ଦେୟ ମୁକ୍ତ ପ୍ରମାଣ ପତ୍ର ଜରୁରୀ ଅଟେ। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଆଇନଜୀବୀ ଗତିକୃଷ୍ଣ ଶତପଥୀ ବର୍ତ୍ତମାନର ଓକିଲ ସଂଘ ସମ୍ପାଦକ ଅନ୍ତର୍ଯାମୀ ନାରାୟଣ ଦାସ ଯାଦବଙ୍କୁ ଦେୟ ମୁକ୍ତ ପ୍ରମାଣପତ୍ର ଦେବାକୁ କହିଥିଲେ। ଆଇନଜୀବୀ ଶତପଥୀ ୨୦୨୧ରୁ କୁଜଙ୍ଗ ଓକିଲ ସଂଘରୁ ନିଲମ୍ବିତ ହୋଇଥିବାରୁ ତାଙ୍କୁ ଦେୟ ମୁକ୍ତ ପ୍ରମାଣପତ୍ର ଦେଇହେବ ନାହିଁ ବୋଲି ସମ୍ପାଦକ ଯାଦବ କହିଥିଲେ। ଏହି ନିଲମ୍ବନ ବେଆଇନ ଏବଂ ରାଜ୍ୟ ବାର କାଉନ୍‌ସିଲରୁ ଆସିଥିବା ତାଲିକାରେ ତାଙ୍କ ନାଁ ଅଛି ବୋଲି ଗତିକୃଷ୍ଣ କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏହାକୁ ଗତିକୃଷ୍ଣ ନିଜ ମୋବାଇଲରେ ରେକର୍ଡିଂ କରୁଥିବା ନେଇ ଜଣାପଡ଼ିବାରୁ ଉଭୟଙ୍କ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ପରବର୍ତ୍ତୀ ସମୟରେ ରେକର୍ଡିଂ କରିଥିବା ଭିଡିଓକୁ ଗତିକୃଷ୍ଣ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିଲେ। ଓକିଲ ସଂଘକୁ ନିନ୍ଦିତ କରିବା ପାଇଁ ଉଦ୍ୟମ କରିବା ଓ ବାରମ୍ବାର ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଗୁରୁବାର ଅପରାହ୍ନରେ ସଂଘ ଲେଟର ପ୍ୟାଡ୍‌ରେ ଗତିକୃଷ୍ଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନ୍ତର୍ଯାମୀ ଥାନାରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରୀ ବଂଇଶୀଧର ପ୍ରଧାନ ଙ୍କୁ ପଚାରିବାରେ, ଅଭିଯୋଗକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ଘଟଣା ସମ୍ପର୍କରେ ଅନୁଧାନ ଚାଲିଛି । ପ୍ରାଥମିକ ଅବସ୍ଥାରେ ଅଭିଯୋଗକୁ ଷ୍ଟେସନ ଡାଇରୀ କରାଯାଇଛି ବୋଲି ବଂଇଶୀଧର କହିଛନ୍ତି।

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସକୁ ବାତିଲ

ବିଜେଡିର ପ୍ରତିବାଦ, ସ୍ମାରକପତ୍ର

ରଘୁନାଥପୁର,୬।୩
(ରାଜେନ୍ଦ୍ର ନାରାୟଣ ସିଂହ)

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନକୁ ବାତିଲ କରାଯିବା ନେଇ ରଘୁନାଥପୁର ବ୍ଲକଛକ ନିକଟସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ତିର୍ତ୍ତୋଲ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିବାଦ ସଭା ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀରେ ପାଳିତ ହେଉଥିବା ପଞ୍ଚାୟତିରାଜ ଦିବସକୁ ବାତିଲ କରିବା ବିଜୁବାବୁଙ୍କ ପ୍ରତି ଅପମାନ ଏବଂ ଓଡିଶାବାସୀଙ୍କ ପ୍ରତି ଉପହାସ ବୋଲି ପ୍ରକାଶ କରିଛନ୍ତି। ଏହି ପ୍ରତିବାଦ ସଭାରେ ବିରିଡି ବ୍ଲକ ସଭାପତି ରବୀନ୍ଦ୍ର ରାଉଜ, ଦେବୀପ୍ରସାଦ ତ୍ରିପାଠୀ, ରଘୁନାଥପୁର ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ରଜତ ପାତ୍ର, ଜିଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

ଏରସମା,(ଦୀପ୍ତି ଖଣ୍ଟୁଆଳ): ଏରସମା ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ବିଜେଡି ସଭାପତି ପୀତବାସ ଗଚ୍ଛାୟତ ସଭାପତିତ୍ୱ କରି ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ ତାରିଖକୁ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ସରକା

ଦୁର୍ଗମ କାଞ୍ଜିଆମ୍ବ ଗାଁରେ ପହଞ୍ଚିଲା ବ୍ଲକ ପ୍ରଶାସନ

ବିଶ୍ୱାସର ଆମ୍ବୁଲିପିରେ ଭାବପ୍ରବଣ ଦର୍ଶକ

୧୧କେନ୍ଦ୍ରରେ ୧୫୩୬ ମାଟ୍ରିକ୍ ପରୀକ୍ଷା ଦେଲେ, ୧୦ ଅନୁପସ୍ଥିତ

ଧରାକୋଟ,୬।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଆଦିବାସୀ ଅଧ୍ୟୁଷିତ ସାବା ପଞ୍ଚାୟତର କାଞ୍ଜିଆମ୍ବ ଗାଁ ବିକାଶ ଠାରୁ ବହୁ ଦୂରରେ ରହିଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ଅବଗତ ହେବା ପରେ ବିଡିଓ ଡେନିସ ବେହେରା ଉକ୍ତ ଦୁର୍ଗମ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଗାଁର ରାସ୍ତା, ପିଇବା ପାଣି, ଆଲୋକୀକରଣ କିପରି ହେବ ସେ ସମ୍ପର୍କରେ ରୋଡ ମ୍ୟାପ ପ୍ରସ୍ତୁତ କରିବାକୁ ଅନ୍ୟ ଅଫିସାରମାନଙ୍କୁ କହିଛନ୍ତି । ଏହି ଗାଁରେ ୧୯ଟି ପରିବାର ବାସ କରନ୍ତି। ଗାଁଟି ଧରାକୋଟ ତହସିଲ ଓ ମାଣିକପୁର ରାଜସ୍ୱ ସର୍କଲ ଅଧୀନରେ ରହିଥିଲେ ମଧ୍ୟ ଏହା ରାଜସ୍ୱ କିମ୍ବା ପଡ଼ା ଗାଁର ମାନ୍ୟତା ପାଇନାହିଁ । କାରଣ ଏଠାରେ ବସବାସ କରୁଥିବା ଆଦିବାସୀ ପରିବାରର ଲୋକେ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ପରିମଳ ପଞ୍ଚାୟତର ପୁଷ୍ପଙ୍ଗ ଗାଁର ମୂଳ ବାସିନ୍ଦା । ବର୍ତ୍ତମାନ ସୁଦ୍ଧା ସେମାନେ ପରିମଳ ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ରାଶନ ସାମଗ୍ରୀ ପାଉଛନ୍ତି । ଏପରିକି ୨୦୨୪ ସାଧାରଣ ନିର୍ବାଚନରେ ସେମାନେ ଗଜପତି ଜିଲ୍ଲାର ନିଜ ଗାଁରେ ମତଦାନ କରିଥିବା ଜଣାପଡ଼ିଛି । ସେମାନେ ଗତ ତିନି ଚାରି ବର୍ଷ ପୂର୍ବରୁ କାଞ୍ଜିଆମ୍ବ ଗାଁରେ ବସତି ସ୍ଥାପନ କରିଥିଲେ ମଧ୍ୟ ସରକାରୀ ପ୍ରକ୍ରିୟା ଅନୁଯାୟୀ ନିଜର ଠିକଣା ବଦଳାଇ ନ ଥିବା ଯୋଗୁଁ ଧରାକୋଟ ବ୍ଲକର ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି।

ନାଟକ 'ବିଶ୍ୱାସର ଆମ୍ବୁଲିପି'ର ଏକ ଦୃଶ୍ୟ।

ନୟାଗଡ଼,୬।୩ (ଲୋକନାଥ ମିଶ୍ର)

ନାଟ୍ୟଧାରା,ନୟାଗଡ଼ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ନୟାଗଡ଼ର ପଠାଣି ସାମନ୍ତ ଅଡିଟୋରିୟମରେ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳା ଚାଲୁ ରହିଛି। ଗୁରୁବାର ନାଟ୍ୟମେଳାର ପଞ୍ଚମ ସନ୍ଧ୍ୟାରେ ସ୍ୱସ୍ତି ଝଙ୍କାର ରାଉରକେଲା ପ୍ରଯୋଜିତ ନାଟକ 'ବିଶ୍ୱାସର ଆମ୍ବୁଲିପି' ମଞ୍ଚସ୍ଥ ହୋଇଛି। ମଞ୍ଚରେ ପ୍ରଫେସର ପତିବରଙ୍କୁ ଦେଖିବାକୁ ମିଳେ। ପ୍ରଫେସର ଅବିନାଶ ଦାସ ଏବଂ ତାଙ୍କ ସ୍ତ୍ରୀ ଆଶା ଦେବୀଙ୍କ ଭିତରେ ଏକ ସୁନ୍ଦର ସୃଜନ ପରିବାରଟିଏ ଗଢିଉଠିଥାଏ। ପରସ୍ପର ଭିତରେ ଏତେ ନିବିଡ଼ପଣ, ସେମାନଙ୍କୁ ନ ଦେଖିଲେ ଚିନ୍ତା କରାଯାଇ ପାରିବନି। ହଠାତ୍ ପରିବାର ଭିତରେ ଉଠିଲା ଝଡ଼ । ଏକ ଭୁଲ ବୁଝାମଣାକୁ କେନ୍ଦ୍ର କରି ମାନସିକ ସନ୍ତୁଳନରେ ଛଟପଟ ହେଲେ ଦୁଇଟି ଆତ୍ମା । ଏହିଭଳି ଏକ ବିଶ୍ୱାସ ଅବିଶ୍ୱାସ ଏବଂ ଭାବପ୍ରବଣତାର

ରାଜ୍ୟସ୍ତରୀୟ ନାଟ୍ୟମେଳାର ପଞ୍ଚମ ସନ୍ଧ୍ୟା

ଆତ୍ମବିଶ୍ୱାସ ମଧ୍ୟରେ ଗତି କରିଛି ନାଟକ ବିଶ୍ୱାସର ଆମ୍ବୁଲିପି। ଶେଷରେ ଭୁଲ ବୁଝାମଣାରେ ପଡ଼େ ପୂର୍ଣ୍ଣଚ୍ଛେଦ ପୁଣି ଫେରି ଆସେ ପୂର୍ବ ପରିବେଶ। ଏପରି ଏକ ପରିବାର କୈନ୍ଦ୍ରିକ ନାଟକରେ ସମ୍ପୂର୍ଣ୍ଣ ହଜି ଯାଇଥିଲେ ପ୍ରେକ୍ଷାଳୟରେ ଉପସ୍ଥିତ ଭରପୁର ଦର୍ଶକ। ଆୟୋଜିତ ନାଟ୍ୟମେଳାର ପଞ୍ଚମ ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣି ଏବଂ ସଙ୍ଗୀତ ନିର୍ଦ୍ଦେଶକ ସୁଶାନ୍ତ ପାଣି ଯୋଗଦାନ କରିଥିଲେ। ନାଟକ 'ବିଶ୍ୱାସର ଆମ୍ବୁଲିପି'କୁ ଡ.ସୁଧାଂଶୁ ନାୟକ ରଚନା କରିଥିବା ବେଳେ ରାଜୀବ ପାଣି ନିର୍ଦ୍ଦେଶନା ଏବଂ ଡ.ସୁଶାନ୍ତ ପାଣି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ବିଭିନ୍ନ ଭୂମିକାରେ ରାଜୀବ ପାଣି, ରାଜକୁମାର ମହାନ୍ତି, ଗଙ୍ଗାଧର ଜେନା,ବିଶଜ୍ଜି ନାୟକ, କିଶୋରୀ ମୋହନ କର, ବବି ମହାଳିକ, ସତ୍ୟମ ପାଣି, ପଞ୍ଚାନନ ମହାନ୍ତି ଓ ସ୍ୱାଗତିକା ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିଥିଲେ। ଶୁକ୍ରବର ଅନ୍ତିମ ଦିବସରେ ଓଡ଼ିଶାର ସୁପ୍ରସିଦ୍ଧ ହାସ୍ୟ କଳାକାର ପ୍ରଜ୍ଞା ଖଡୁଆଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ସୋମରସ' ମଞ୍ଚସ୍ଥ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଖଣ୍ଡପଡା,୬।୩(ଅଜୟ କୁମାର ମହାରଣା)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆଜି ଗୁରୁବାର ପୂର୍ବାହ୍ନ ୯ଟା ଠାରୁ ଆରମ୍ଭ ହୋଇ ଶୃଙ୍ଖଳିତ ଭାବରେ ସାଢେ ୧୧ଟାରେ ଶେଷ ହୋଇଛି । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧିନ ଖଣ୍ଡପଡା ରାମଚନ୍ଦ୍ର ହାଇସ୍କୁଲ ନୋଡାଲ ସେଣ୍ଟରରେ ୧୧ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୫୪୬ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବା ବେଳେ ଆଜି ୭ମ ଦିବସ ଥାର୍ଡ ଲାଙ୍ଗୁଏଜ ଓଡିଆ ପରୀକ୍ଷାରେ ବିଭିନ୍ନ କେନ୍ଦ୍ରରେ ୧୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି । ଏଥି ମଧ୍ୟରେ ଖଣ୍ଡପଡା ବ୍ଲକ ଅଧିନ କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ, ନୀଳମାଧବ ନୋଡାଲ ବିଦ୍ୟାପୀଠ କଣ୍ଟିଲୋ, ଖଣ୍ଡପଡା ଆରସି ହାଇସ୍କୁଲ, ଶିଖରପୁର ନୋଡାଲ ହାଇସ୍କୁଲ ଓ ବନମାଳୀପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ଖଣ୍ଡପଡା ନୋଡାଲ ସେଣ୍ଟର ଅଧିନରେ ଥିବା ଭାପୁର ବ୍ଲକ ବଳଦିଆ ନୂଆଗାଁ ହାଇସ୍କୁଲ କେନ୍ଦ୍ରରେ ୫ଜଣ ଏପରି ସମୁଦାୟ ୧୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନୋଡାଲ ସେଣ୍ଟର ଇନଚାର୍ଯ୍ୟ ତଥା ଆରସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ଠାରୁ ପ୍ରକାଶ । ନୋଡାଲ କେନ୍ଦ୍ରରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିବା ଜଣାପଡିଛି। ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀମତି ନନ୍ଦଙ୍କ ଠାରୁ ପ୍ରକାଶ ।

ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର, ରାସ୍ତାରୋକୋ

ଦିଗପହଣ୍ଡି,୬।୩ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଗୋକର୍ଣ୍ଣପୁର ପଞ୍ଚାୟତ ଅନଙ୍ଗପୁର ଗ୍ରାମ ମୁଖ୍ୟରାସ୍ତାରେ ଗୁରୁବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଅନଙ୍ଗପୁର ଗ୍ରାମର ସୀମା ସେଠୀ (୬୫)। ସେ ରାସ୍ତା ପାର ହେଉଥିବା ସମୟରେ ଗୋକର୍ଣ୍ଣପୁର ଗ୍ରାମରୁ ଦିଗପହଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ହୋଣ୍ଡା ୟୁନିକର୍ଣ୍ଣ ବାଇକ (ଓଡି୦୭ ଏଆର ୨୫୮୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଦୁଇଟି ଯାକ ଗୋଡ଼ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ସଜ୍ଞାହୀନ ଅବସ୍ଥାରେ ପଡ଼ିଯାଇଥିଲେ। ଘଟଣାପରେ ସ୍ଥାନୀୟ ବହୁ ସଂଖ୍ୟକ ଗ୍ରାମବାସୀ ଦିଗପହଣ୍ଡି–ବ୍ରହ୍ମପୁର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକିରହିଥିଲା। ଦିଗପହଣ୍ଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ଘଟିଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ବୃଦ୍ଧଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ପୋଲିସ ପକ୍ଷରୁ ଆଇନ ସଚେତନତା

ଆଇନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୋଲିସ ଅଧିକାରୀମାନେ।

ଖଣ୍ଡପଡା,୬।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନା ପରିସରରେ ବୁଧବାର ପୋଲିସ ପକ୍ଷରୁ ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ସମ୍ବିଧାନରେ ପୂର୍ବରୁ ଆଇପିସି ନିୟମ ଲାଗୁ ହୋଇଥିଲା। ତେବେ ଏହି ନିୟମରେ ଅଧିକ ସୁଧାର ଆଣିବା ନିମନ୍ତେ ୨୦୨୪ରେ ତାହାକୁ ପରିବର୍ତ୍ତନ କରାଯାଇଛି। ନୂତନ ଆଇନ କାର୍ଯ୍ୟକାରୀତାକୁ ନେଇ ବୁଧବାର ସନ୍ଧ୍ୟାରେ ଖଣ୍ଡପଡା ଥାନା ପରିସରରେ ଥାନାଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସନାତନ କାଲ ଯୋଗଦେଇ ଅପରାଧୀକ ଆଇନ ସଚେତନତା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଖଣ୍ଡପଡା ବାର ଆସୋସିସନର ସଂପାଦକ ବିକ୍ରମ କେଶରୀ ଦେଓ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଭାରତୀୟ ନାଗରିକ ସୁରକ୍ଷା ସଂହିତା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଂଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ, କୋସକା ଫାଣ୍ଡି ଅଧିକାରୀ ଜୟଦେବ ରଣା, ଗଡିଅଆସାହି ଫାଣ୍ଡି ଅଧିକାରୀ, ଅବସରପ୍ରାପ୍ତ ଅଧ୍ୟାପକ ତଥା ସାମାଜିକକର୍ମୀ ଜନ୍ମେଜୟ ନାୟକ ଉପସ୍ଥିତ ରହି ନୂତନ ଆଇନ ସମ୍ପର୍କରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ । ଏହି ଆଇନରେ ସ୍ଥାନୀତ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ସଂହିତା ଓ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଖଣ୍ଡପଡା ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ, ଜନପ୍ରତିନିଧି, ବହୁ ବୁଦ୍ଧିଜୀବିଙ୍କ ସମେତ ବହୁ ମହିଳା ଓ ପୋଲିସ କର୍ମଚାରୀ ଯୋଗଦେଇଥିଲେ।

ସେମିରେ ଧର୍ମଶାଳା ଫୁଟବଲ ଟିମ୍

ରାଜ୍ୟସ୍ତରୀୟ ଭାପୁର ଫୁଟବଲ ଟୁର୍ନାମେଣ୍ଟ

ନୟାଗଡ଼,୬।୩ (ଲୋକନାଥ ମିଶ୍ର)

ନୟାଗଡ ଜିଲ୍ଲା ଭାପୁର ବ୍ଲକ ଭାପୁର ମହୋତ୍ସବ ପଡିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ଓ ମୋ ମାଟି ଭାପୁର ଅନୁଷ୍ଠାନ ସହଯୋଗରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁ ରହିଛି। ଗୁରୁବାର ପଞ୍ଚମ ଦିବସର ଗ୍ରୁପ 'ବି'ର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଧର୍ମଶାଳା ଫୁଟବଲ ଟିମ ଯାଜପୁର ୨–୧ ଗୋଲରେ ଜୟ ଦୁର୍ଗା କ୍ଲବ ଖୋର୍ଦ୍ଧାକୁ ପରାସ୍ତ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧର ଖେଳର ୧୫ ମିନିଟରେ ଖୋର୍ଦ୍ଧା ଦଳର ମଳୟ ସ୍ୱାଇଁ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ପରେ ଯାଜପୁର ଦଳର ଏମଡି ଆଲମାସ ଗୋଲ ପରିଶୋଧ କରି ମ୍ୟାଚକୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଯାଜପୁର ଦଳର ଏମଡି ଆଲମାସ ପୁଣି ଏକ ଗୋଲ ଦେଇ ୨–୧ରେ ଖୋର୍ଦ୍ଧାକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ଶିକ୍ଷକ ଚରଣ ସାହୁ, ସମ୍ମାନୀତ ଅତିଥି ଶିକ୍ଷକ ଅଭିମନ୍ୟୁ ରଣସିଂହ, ସାମାଜିକ କର୍ମୀ କୁଳମଣି ଲେଙ୍କା , ଗଙ୍ଗାଧର ବାରିକ, ପ୍ରଭାତ କୁମାର ସାମନ୍ତରାୟ, ରବିନ୍ଦ୍ର ଖୁଣ୍ଟିଆ, ଗୋବର୍ଦ୍ଧନ ଦେହୁରୀ, ଚକ୍ରଧର ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ କମିଶନର ଭାବେ ଅବଦୁଲ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ । ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ଧର୍ମଶାଳା ଫୁଟବଲ କ୍ଲବ ଯାଜପୁର ସହ ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ହେବ ବୋଲି ସଭାପତି ବ୍ରଜବନ୍ଧୁ ବେହେରାଙ୍କଠାରୁ ପ୍ରକାଶ।

ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

ଦଶପଲ୍ଲା,୬।୩ (ପ୍ରକାଶ କୁମାର ପାଣି)

ଗୁରୁବାର ଦଶପଲ୍ଲାରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ସ୍ଥାନୀୟ ଗୋବିନ୍ଦ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଭାଜପା ନୟାଗଡ଼ ଜିଲ୍ଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସମବାୟ ,ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ , ମୁଖ୍ୟବକ୍ତା ରୁପେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଓଡ଼ିଶା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା,ଖଣ୍ଡପଡା ବିଧାୟକ ଦୁସ୍ମନ୍ତ ସ୍ୱାଇଁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରାର୍ଥୀ ରାଘବ ମଲିକ, ସନ୍ୟାସୀ ନାୟକ ସମେତ ବହୁ ଭାଜପା ନେତା ଓ କର୍ମୀ ଯୋଗଦାନ କରିଥିଲେ । ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ଉପରେ ମନ୍ତ୍ରୀ ଏବଂ ଏମ୍‌ପି ସମେତ ଅତିଥି ବୃନ୍ଦ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏଥିରେ ଏମ୍‌ପି ପ୍ରତିନିଧି ଅଞ୍ଜନ ଦାଶ, କିଶୋର ଦଳବେହେରା,ଭାଜପା ଦଶପଲ୍ଲା ଏନ୍‌ଏସି ସଭାପତି ମନୋଜ ସାହୁ, ମଧ୍ୟଖଣ୍ଡ ମଣ୍ଡଳ ସଭାପତି ଭାଗ୍ୟଲକ୍ଷ୍ମୀ ଦାଶ ସମେତ ବହୁ ଭାଜପା କର୍ମୀ ଯୋଗଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ।

ଗିରିସୋଲାରେ ନିର୍ମାଣ ହେବ ଟ୍ରକ୍ ଟର୍ମିନାଲ

ଛତ୍ରପୁର,୬।୩ (ସନ୍ତୋଷ ପାଢୀ):

ବ୍ରହ୍ମପୁର ସହର ଉପକଣ୍ଠ ଚିକିଟି ତହସିଲ ଅଧୀନ ଗିରିସୋଲାଠାରେ ଟ୍ରକ ଟର୍ମିନାଲ ନିର୍ମାଣ କରାଯିବାକୁ ଚୂଡାନ୍ତ ହୋଇଛି। ଗତ ୪ ବର୍ଷ ପୂର୍ବେ ଏହା ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା । କେତେବେଳେ ଜମି ସମସ୍ୟା ତ ଆଉ କେତେବେଳେ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ଜମି ହସ୍ତାନ୍ତରରେ ବିଳମ୍ବ ଦେଖା ଦେଇଥିଲା । ଏପରିକି ଠିକ ସମୟରେ ଅର୍ଥ ମଞ୍ଜୁରରେ ବିଳମ୍ବଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଡିଜାଇନରେ ପରିବର୍ତ୍ତନ, ଅନୁଦାନରେ ପରିବର୍ତ୍ତନ, ରାଜ୍ୟ ସରକାରଙ୍କ ସ୍ତରରେ ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନ ଲାଗି ଏହାର କାମ ଆରମ୍ଭ ହୋଇପାରି ନ ଥିଲା। ଏବେ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ଆବଶ୍ୟକ ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଥିବା ଜଣାଯାଇଛି। ଚିକିଟି ତହସିଲଦାରଙ୍କ ନିକଟରେ ଏଥିପାଇଁ ଆବଶ୍ୟକୀୟ କାଗଜପତ୍ର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଦାଖଲ ହୋଇଛି । ତେଣୁ ଖୁବଶୀଘ୍ର ବ୍ରହ୍ମପୁର ସହର ଉପକଣ୍ଠରେ ଟ୍ରକ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ଆଶା ଦେଖାଦେଇଛି। ବ୍ରହ୍ମପୁର ଉପକଣ୍ଠ ଚିକିଟି ତହସିଲ ଅଧୀନ ଗିରିସୋଲାଠାରେ ଥିବା ୧୪.୬୧୧ ଏକର ସରକାରୀ ଜମିରେ ଏହି ଟ୍ରକ ଟର୍ମିନାଲ ନିର୍ମାଣ କରାଯିବ। ସେଠାରେ ଟ୍ରକ ପାର୍କିଂ ସ୍ଥାନ ରହିବା ସହ ଟ୍ରକ ଡ୍ରାଇଭର, ହେଲପରମାନଙ୍କ ପାଇଁ ଡର୍ମିଟାରୀ ରହିବ।

ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

ତୁଣପୁର କ୍ଲବ ଚାମ୍ପିୟନ

ଖଣ୍ଡପଡା,୬।୩(ଅଜୟ କୁମାର ମହାରଣା)

ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ବଜରଙ୍ଗୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ କରି ୨ଦିନ ବ୍ୟାପୀ ଅନୁଷ୍ଠିତ ଦିବାରାତ୍ର ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ଉଦ୍‌ଯାପନ ଦିବସ । ୧୬ ଗୋଟି ଦଳକୁ ନେଇ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କଟକ ଜିଲ୍ଲା ବଡମ୍ବା ତୁଣପୁର କ୍ରିକେଟ କ୍ଲବ ସହିତ ବେଣାଗାଡିଆ ଅଧୀନ କାବୁଆ କ୍ରିକେଟ କ୍ଲବର ମୁକାବିଲା ହୋଇଥିଲା । ତୁଣପୁର ଦଳ ଟସ ଜିଣି ବ୍ୟାଟିଂ ଆରମ୍ଭ କରି ୮ ଓଭରରେ ୩ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା । ଜବାବରେ କାବୁଆ ଟିମ ୭.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଚାମ୍ପିୟନ ତୁଣପୁର ଦଳର ଜିଲ୍ଲୁ ୪୫ ରନ ସଂଗ୍ରହ କରି ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଥିଲେ । ଜ୍ୟୋତି ରଂଜନ ପାତ୍ର ଓ ସୌମ୍ୟ ରଂଜନ ରାଉତ ଖେଳକୁ ପରିଚାଳନା କରିଥିଲେ । ଏ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଧାୟକ ଦୁସ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସିନେ ଅଭିନେତା ପୁପିନ୍ଦର ସି

ଜନଶୁଣାଣି ଅଭିଯୋଗ ସମାଧାନ ନୈରାଶ୍ୟଜନକ

ଯାଜପୁର,୬।୩(ହର୍ଷବର୍ଦ୍ଧନ ବେହେରା):

ଜନଶୁଣାଣି ହେଉଛି ଓଡ଼ିଶା ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଅନ୍ୟତମ। ତେବେ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ଦୀର୍ଘ ସମୟ ଧରି ବିଚାରାଧୀନ ରହିବା ଏହି ଅନ୍‌ଲାଇନ ପଦକ୍ଷେପର ଉଦ୍ଦେଶ୍ୟକୁ ବିଫଳ କରୁଛି। ଏହାର ସ୍ଥିତି ସମୀକ୍ଷା କରିବା ସମୟରେ ୩୧।୧।୨୦୨୫ ସୁଦ୍ଧା ବିଭିନ୍ନ ବିଭାଗରେ ଅଭିଯୋଗର ସମାଧାନ ୮୦ ପ୍ରତିଶତରୁ କମ୍ ରହିଛି। ସେଥିମଧ୍ୟରୁ ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗର ଅଭିଯୋଗଗୁଡ଼ିକର ସମାଧାନ ସଫଳତା ଅତି ନୈରାଶ୍ୟଜନକ ହୋଇଛି। ଏହି ବିଭାଗରେ ଜନଶୁଣାଣୀ ପୋର୍ଟାଲରେ ପ୍ରାପ୍ତ ୩୩୭୦ଟି ଅଭିଯୋଗ ମଧ୍ୟରୁ ମାତ୍ର ୨୧୭୫ର ସମାଧାନ(୬୫%) ହୋଇଥିବାବେଳେ ୪୫ଟି ଖାରଜ ଏବଂ ୧୧୫୦ଟି ଅଭିଯୋଗର ବିଚାର ନ ହୋଇ ପଡି ରହିଛି। ସେହିପରି ସୋସିଆଲ ମିଡ଼ିଆର ପ୍ରାପ୍ତ ୧୪୦୮ଟି ଅଭିଯୋଗ ମଧ୍ୟରୁ ୭୯୯ଟି ସମାଧାନ (୫୭%)ହୋଇଥିବାବେଳେ ୩୯ଟି ଖାରଜ ଓ ୫୭୦ଟି ପଡି ରହିଛି। ଏହିକ୍ରମରେ ନିର୍ମାଣ ବିଭାଗ ପକ୍ଷରୁ ଅତିରିକ୍ତ ଶାସନ ସଚିବ ପ୍ରଦୀପ କୁମାର ସାହୁ ଯେଉଁ ଅଧିକାରୀମାନେ ୮୦% ଜନଶୁଣାଣିର ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହାନ୍ତି ସେମାନଙ୍କୁ ଜବାବ ତଲବ କରିବାକୁ ବିଭାଗୀୟ ମୁଖ୍ୟଯନ୍ତ୍ରୀ(ସିଭିଲ ତଥା ରାସ୍ତା), ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ଯନ୍ତ୍ରୀ ମୁଖ୍ୟ, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଓ ମୁଖ୍ୟସ୍ଥପତିଙ୍କୁ ୫।୩।୨୦୨୫ରେ ନିର୍ଦ୍ଦେଶ ଜାରି କରିଛନ୍ତି।

ନିର୍ମାଣ ବିଭାଗରେ ଠିକାଦାର ପ୍ରୀତି ଯୋଗୁ ଅଧିକାଂଶ ଉନ୍ନୟନ ପ୍ରକଳ୍ପ ନିମ୍ନମାନର ହେଉଥିବା ନେଇ ସଂପୃକ୍ତ

ଓଡ଼ିଶା ନିର୍ମାଣ ବିଭାଗ

- ୮୦%ରୁ କମ ସମାଧାନ ହୋଇଥିବାରୁ ଅଧିକାରୀଙ୍କୁ ଜବାବ ତଲବ
- ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି

ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି। ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିର୍ମାଣାଧୀନ ରାସ୍ତା ପ୍ରକଳ୍ପଗୁଡିକ ମଧ୍ୟରୁ ଅଧିକାଂଶ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରୁନାହିଁ। ସେଥିମଧ୍ୟରୁ କେତେକ ପ୍ରକଳ୍ପ କାମ ନ ସରୁଣୁ ବିଭିନ୍ନ ସ୍ଥାନରେ ଦବି ଯାଇ ଫାଟି ଯାଉଥିବା ଦେଖିବାକୁ ମିଳିଛି। ଏହାସହ କେତେକାଂଶରେ ବ୍ରିଜ୍ କାର୍ଯ୍ୟଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏଥିରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ପାଖରେ ସମାଧାନ ବାଟ ନ ଥିବାରୁ ଏଭଳି ଭାବେ ସନ୍ତୋଷଜନକ ସମାଧାନ ହୋଇ ପାରୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।

ନିର୍ମାଣ ବିଭାଗରୁ ମିଳିଥିବା ରିପୋର୍ଟ ଅନୁସାରେ ଜନଶୁଣାଣିରୁ ମିଳିଥିବା ଅଭିଯୋଗର ଯାଜପୁର ଜିଲା ପାଣିକୋଇଲି ଡିଭିଜନରେ ୬୫%, ଅନୁଗୋଳ ଡିଭିଜନରେ ୫୦%, ବଲାଙ୍ଗୀରରେ ୭୭%, ବାଲେଶ୍ୱର-୨ ଡିଭିଜନରେ ୬୪%, ବାଲିଗୁଡ଼ା ଡିଭିଜନରେ ୫୩%, ବରଗଡ଼ ଡିଭିଜନରେ ୬୪%, ଭୁବନେଶ୍ୱର ଡିଭିଜନର ୫ ଡିଭିଜନ କାର୍ଯ୍ୟାଳୟରେ ଯଥାକ୍ରମେ ୩୨%, ୫୦%, ୬୯%, ୪୪% ଓ ୫୦%, ଭଞ୍ଜନଗରରେ ୭୦%, ବୌଦ୍ଧରେ ୭୯%, ଚାରବାଟିଆରେ ୫୯%, କଟକ-୧ ଡିଭିଜନରେ ୭୩% ଓ କଟକ-୨ରେ ୨୫%, ଢେଙ୍କନାଳରେ ୭୮%, ଘଟଗାଁ ଡିଭିଜନରେ ୫୯%, ଜଗତସିଂହପୁରରେ ୫୬%, ଝାରସୁଗୁଡ଼ାରେ ୭୭%, କଣ୍ଟାବାଞ୍ଜିରେ ୬୩%, କେନ୍ଦ୍ରାପଡ଼ା-୧ ଡିଭିଜନରେ ୭୭% ଓ କେନ୍ଦ୍ରାପଡ଼ା-୨ରେ ୩୩%, କେନ୍ଦୁଝରରେ ୬୬%, ଖରିଆରରେ ୬୨%, ଖୋର୍ଦ୍ଧାରେ ୩୬%, କୋରାପୁଟରେ ୧୧%, ମୟୂରଭଞ୍ଜରେ ୧୩%, ନୟାଗଡ଼ରେ ୭୦%, ଫୁଲବାଣୀରେ ୨୧%, ପୁରୀରେ ୪୮%, ରାଜଗାଙ୍গପୁରରେ ୬%, ରାୟଗଡ଼ା-୧ରେ ୭୨% ଓ ରାୟଗଡ଼ା-୨ରେ ୭୭%, ରାଉରକେଲାରେ ୭୩%, ସମ୍ବଲପୁର-୧ରେ ୬୫% ଓ ସମ୍ବଲପୁର-୨ରେ ୭୫%, ସୁବର୍ଣ୍ଣପୁରରେ ୬୭% ଓ ସୁନ୍ଦରଗଡ଼ ଡିଭିଜନରେ ୭୧ ପ୍ରତିଶତ ଜନଶୁଣାଣୀ ପୋର୍ଟାଲରେ ଅଭିଯୋଗଗୁଡିକର ସମଧାନ ହୋଇପାରିଛି। ଉପରୋକ୍ତ ଡିଭିଜନର ସଂପୃକ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଜବାବ ତଲବ କରିବାକୁ ନିର୍ଦ୍ଦେଶ ହୋଇଛି।

ସେଲ୍‌ଫି କର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ମୃତ୍ୟୁଞ୍ଜୟ

@ ନିଖିଲ

@ ପିଣ୍ଟୁ

@ ସତ୍ୟବାନ

@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଜାଲପୁରରେ ବାଣ ବିସ୍ଫୋରଣ: ୫ ଗୁରୁତର

ବିସ୍ଫୋରଣରେ ନଷ୍ଟ ହୋଇଯାଇଥିବା ଘର।

ଯାଜପୁର ସଦର/ଯାଜପୁର ଟାଉନ,୬।୩(ସମର ବିଜୟ ଶରଣ/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଟାଉନ ଥାନା ଅଧୀନ ବାସୁଦେବପୁର ପଞ୍ଚାୟତର ଜାଲପୁର ଗ୍ରାମରେ ଗୁରୁବାର ବାଣ ବିସ୍ଫୋରଣ ଘଟିଛି। ଏଥିରେ ନଳିନୀକାନ୍ତ ପତି, ବ୍ରହ୍ମାନନ୍ଦ ଜେନା, ଅଜୟ ଜେନା, ବାଦଲ ପାତ୍ର ଓ ନାରାୟଣ ଚନ୍ଦ୍ର ବେହେରା ଗୁରତର ହୋଇଛନ୍ତି। ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବାଦଲ ଓ ନାରାୟଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ବେଆଇନ ବାଣ ତିଆରି ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭୟଙ୍କର ଶବ୍ଦ ହୋଇଥିଲା। ୩୦ ମିନିଟ ଧରି ବାଣ ବିସ୍ଫୋରଣ ଘଟିଥିଲା। ଶବ୍ଦ ଏତେ ଭୟଙ୍କର ଥିଲା ଯେ ଆଖପାଖ ଅଞ୍ଚଳର ଲୋକେ ଘରୁ ବାହାରକୁ ଜୀବନ ବିକଳରେ ପଳାଇ ଆସିଥିଲେ। ପରେ ଜଣାପଡ଼ିଲା ଯେ, ଗ୍ରାମର ପୀତବାସ ପତିଙ୍କ ଘରେ ବାଣ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ସମୟରେ ପାଖରେ ଥିବା ଘରଗୁଡ଼ିକ ଦୋହଲି ଯାଇଥିଲା। ଘର ମଧ୍ୟରେ ଥିବା ଆସବାବପତ୍ରଗୁଡିକ ଏଣେତେଣେ ପଡ଼ିଯାଇଥିଲା। ବିସ୍ଫୋରଣ ଘଟିଥିବା ଦୁଇ ବଖରା ପକ୍କା ଘର ଚୁରମାର ହୋଇ ଯାଇଥିଲା। ଘରର ଆସବାବ ପତ୍ର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ଯାଜପୁର ଅଗ୍ନିଶମ ସେବାବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟାଳୟକୁ ପଠାଇବା ସହ ନିଆଁକୁ ଆୟତ୍ତ କରିଥିଲେ। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ। ସର୍ତ୍ତସର୍କଟ ଯୋଗୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସାହାଯ୍ୟର ହାତ ବଢ଼ାଇବା ସହ ଗୁରୁତରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ରାଜକନିକା,୬।୩(ସଞ୍ଜୟ କୁମାର ଦାଶ):

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସିହୋପଡ଼ା ପଞ୍ଚାୟତ ଭାମଣ୍ଡା ଗାଁର ନୃସିଂହନାଥ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ପାଠ ପଢ଼ା ଚାଲୁଥିବା ବେଳେ କେତେଜଣ ଯୁବକ ଗୁରୁବାର ଅତର୍କିତ ଭାବେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସେମାନେ ବିଦ୍ୟାଳୟର ଆସବାବପତ୍ର ଭଙ୍ଗାରୁଜା କରିବା ସହିତ କେତେକ ସାମଗ୍ରୀ ନେଇ ଯାଇଥବା ପ୍ରଧାନ ଶିକ୍ଷକ ନରହରି ମୁର୍ମୁ ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ପୋଲିସ ଏକ ମାମଲା(ନଂ.୧୧୯/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ସୂଚନା ଦେଇଛନ୍ତି ।

ପ୍ରଧାନ ଶିକ୍ଷକ ମୁର୍ମୁଙ୍କ ଅଭିଯୋଗ ଅନୁଯାୟୀ, ଗତ ୫ତାରିଖରେ ବିଦ୍ୟାଳୟ ଚାଲୁଥିବା ସମୟରେ ଭାମଣ୍ଡା ଗାଁର କେତେଜଣ ଯୁବକ ଅତର୍କିତ ଭାବେ ବିଦ୍ୟାଳୟକୁ ପ୍ରବେଶକରି ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଇଙ୍ଗିତ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଆମ ପିଲାମାନଙ୍କୁ ଖାଇବା ପିଇବାରେ କାହିଁକି ହଇରାଣ କରୁଛ, ପଇସା କ'ଣ ତମ ବାପା ଦଉଛି । ଆମର ସବୁ ଦଳସହ ସମ୍ପର୍କ ଅଛି । ପୋଲିସ ଆମ ପକେଟରେ । ତମମାନଙ୍କ ନାମରେ ମିଛ କେଶ ଦେଇ ଚାକିରୀ ଖାଇବୁ ବୋଲି ଧମକ ଦେଇ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ଫୁଲମଣି ମୁର୍ମୁ ଏବଂ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କୁ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ । ଏହାପରେ ସେମାନେ ଅଫିସକୁ ପଶି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫୋପାଡିବା ସହିତ କିଛି ନେଇଯାଇଥିଲେ । ଏଥିସହ କ୍ଲାସ ରୁମ୍‌ରେ ଥିବା ବେଞ୍ଚ ଡେସ୍କକୁ ଭଙ୍ଗାରୁଜା କରିଥିଲେ । ଏହି ଘଟଣାରେ ଭୟଭୀତ ହୋଇ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବିଦ୍ୟାଳୟକୁ ଆସିବାକୁ ଅମଙ୍ଗ ହେଉଛନ୍ତି । ଆମମାନଙ୍କୁ ସୁରକ୍ଷା ଯୋଗାଇବା ସହ ଘଟଣାର ଠିକ ତଦନ୍ତ ପୂର୍ବକ ସରକାରୀ ଜିନିଷପତ୍ର ନଷ୍ଟ କରିଥିବା ଦୋଷୀମାନଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଏତଲାରେ ଦର୍ଶାଇଛନ୍ତି ।

୨ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣା

- ବିଦ୍ୟାଳୟ ଆସବାବପତ୍ର ଭାଙ୍ଗିଲେ, ନେଇଗଲେ
- ଥାନାରେ ଅଭିଯୋଗ କଲେ ପ୍ରଧାନ ଶିକ୍ଷକ

ସୂଚନାଯୋଗ୍ୟ, ଗତ ଶନିବାର ୨ଜଣ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ପାଠ ପାଇବା ବଦଳରେ ସେମାନଙ୍କୁ ଡାକିନେଇ ଅସଦାଚରଣ କରିଥିବା ଓ ଶିକ୍ଷୟିତ୍ରୀ ଫୁଲମଣି ମୁର୍ମୁ ତାଙ୍କୁ ଏହି କାମରେ ସହାୟତା କରିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ୫ ତାରିଖ ସ୍କୁଲ ପରିସରରେ ଉତ୍ତେଜନା ଦେଖାଯିବା ସହ ଏହି ଅଭାବନୀୟ ଘଟଣା ଘଟିଥିଲା । ଅଭିଭାବକମାନେ ଶିକ୍ଷକଙ୍କୁ ଟାଣାଓଟରା କରିବା ସହ ପୋଲିସ ଜିମା ଦେଇଥିଲେ।

ବଡ଼ଚଣାରେ ବଣୁଆ ହାତୀ

ବଡ଼ଚଣା ଅଞ୍ଚଳର ଏକ ଗାଁରେ ହାତୀ ପଶିଛି ।

ଚଣ୍ଡିଖୋଲ/ଛତିଆ,୬।୩(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):

ବଣୁଆ ହାତୀ ଯାଜପୁର ଜିଲାରେ ପ୍ରବେଶ କରିଛି। ବୁଧବାର ଏହି ହାତୀ ଜାରକା ବଜାରରେ ଥିବାବେଳେ ଗୁରୁବାର ସକାଳେ ଚଣ୍ଡିଖୋଲ, ବଡ଼ଚଣା ଦେଇ ବନ୍ଦାଳରେ ପହଞ୍ଚିଥିଲା। ଏହାପରେ କଢ଼େଇଛକ, ହାଟକରନ୍ଦା, ଶକୁନ୍ତଳାପୁର ଦେଇ ଚମ୍ପାପୁର ଓ ଛତିଆଠାରେ ପହଞ୍ଚିଥିଲା। ପରେ ଏକଡାଳିଆ, ରଙ୍ଗିଦାସପୁର ଓ ଗୋବିନ୍ଦପୁର ଦେଇ କଟକ ଜିଲାକୁ ପ୍ରବେଶ କରିଥିଲା। ହାତୀ ଶାନ୍ତ ସ୍ୱଭାବର ଥିବାରୁ କାହାର କିଛି କ୍ଷତି କରିନାହିଁ। ବେଳେ ବେଳେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଚାଷ ଜମି ଦେଇ ଗତି କରୁଛି। କେତେକ ଜମିରେ ଫସଲ ଖାଉଥିବା ଦେଖିବାକୁ ମିଳିଛି।

ବନବିଭାଗ ପକ୍ଷରୁ କଟକ ଡିଏଫ୍‌ଓ ପି. ଅର୍ଥନାରୀ, ଏସିଏଫ୍ ଅନିଲ କୁମାର ରାୟ, ସନ୍ତୋଷ କୁମାର ପତି, ରେଞ୍ଜର ଆଦିତ୍ୟ କୁମାର ପ୍ରଧାନଙ୍କ ସମେତ ୬ ରେଞ୍ଜ ଅଧୀନ କର୍ମଚାରୀ ହାତୀ ସୁରକ୍ଷାରେ ସାମିଲ ହୋଇଛନ୍ତି। ହାତୀ ଯିବା ସମୟରେ ହଜାରହଜାର ଲୋକ ପିଛା କରୁଥିବାରୁ ଏହାକୁ ବନ ବିଭାଗ ଅଧିକାରୀ ବାରଣ କରିଛନ୍ତି। ଏସିଏଫ୍ ଅନିଲ କୁମାର ରାୟ କହିଛନ୍ତି, ହାତୀ କପିଳାସ ଜଙ୍ଗଲରୁ ପଳାଇଯାଇଛି। ସେ କେନ୍ଦୁଝର ଓ ଭଦ୍ରକ ଜିଲାଦେଇ ଯାଜପୁର ଜିଲାକୁ ଗତ ୪ ତାରିଖରେ ପ୍ରବେଶ କରିଛି। ବିଭିନ୍ନ ନଦୀ ଅତିକ୍ରମ କରି ଆସି ସାରିଛି। ଏ ପର୍ଯ୍ୟନ୍ତ କୌଣସି ଠାରେ କାହାର କିଛି କ୍ଷତି କରିନାହିଁ। କଟକ ବନଖଣ୍ଡ ଓ ନନ୍ଦନକାନନ ବନଖଣ୍ଡର ଅଧିକାରୀମାନେ ଉପସ୍ଥିତ ରହିଛନ୍ତି। ହାତୀକୁ ଆଠଗଡ଼ ବନାଞ୍ଚଳ କ୍ଷେତ୍ରରେ ଛାଡ଼ିଦେବାକୁ ଚେଷ୍ଟା ଚାଲିଛି। ଥରେ ସେ ଜଙ୍ଗଲ ମଧ୍ୟରେ ପ୍ରବେଶ କରିଗଲେ ଆଉ କିଛି ଅସୁବିଧା ହେବନି। ହାତୀ ପଛରେ ନ ଯିବାକୁ ମାଇକ ଯୋଗେ ବାରମ୍ବାର ପ୍ରଚାର କରା ଯାଉଥିଲେ ମଧ୍ୟ ଲୋକେ ମାନୁନାହାନ୍ତି। ହାତୀ ପଛରେ ହଜାର ହଜାର ସଂଖ୍ୟାରେ ଲୋକେ ଆସିବା ଦ୍ୱାରା ହାତୀ ତା'ର ଗତିପଥ ବାରମ୍ବାର ପରିବର୍ତ୍ତନ କରୁଛି। ଖୁବ୍‌ଶୀଘ୍ର ହାତୀକୁ ଜଙ୍ଗଲ ମୁହାଁ କରିବାକୁ ଉଦ୍ୟମ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି।

ଅଗ୍ନିକାଣ୍ଡରେ ୩ ଦୋକାନ, ୮ ବାଇକ୍ ଜଳିଗଲା।

ପାରାଦୀପ,୬।୩(ଶରତ ରାଉତ):

ପାରାଦୀପ ଉପକଣ୍ଠ ଦୋଛକିରେ ଥିବା ଅସ୍ଥାୟୀ ଦୋକାନ ଘର ମଧ୍ୟରୁ ୩ଟି ଦୋକାନ ଅଗ୍ନିକାଣ୍ଡରେ ବୁଧବାର ରାତିରେ ପୋଡ଼ିଯାଇଛି। ସେଗୁଡ଼ିକ ମଧ୍ୟରେ ଚା' ଦୋକାନ, ଷ୍ଟେଶନେରି ଓ ଗ୍ୟାରେଜ ରହିଛି। ଏହି ନିଆଁରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଗ୍ୟାରେଜରେ ଥିବା ୮ଟି ପୁରୁଣା ବାଇକ୍ ଜଳିଯାଇଛି। ଖବରପାଇ କୁଜଙ୍ଗ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। କିନ୍ତୁ ସେତେବେଳକୁ ସବୁ ପୋଡ଼ିଯାଇଥିଲା। ରାତି ପ୍ରାୟ ୨ଟା ୩୦ରୁ ୩ଟା ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଚା' ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ନିଆଁରେ ସେଠାରେ ଥିବା ଦୁଇଟି ଗ୍ୟାସ୍ ସିଲିଣ୍ଡର ଫାଟି ଅନ୍ୟ ଦୁଇଟି ଦୋକାନକୁ ବ୍ୟାପୀ ଯାଇଥିଲା। ଏ ସମ୍ପର୍କରେ ଦୋକାନୀ ମାନସ ଲେଙ୍କା କୁହନ୍ତି, ଗ୍ୟାରେଜ୍ ପିଲା ଫୋନ୍ କରିବାରୁ ସେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

ଚାଷରେ ଯାନ୍ତ୍ରିକ ଉପକରଣ ବ୍ୟବହାର ପାଇଁ ପରାମର୍ଶ

କୃଷକ ମେଳାରେ ଯୋଗଦେଇଥିବା ଅଧିକାରୀଙ୍କ ଗହଣରେ ଚାଷୀମାନେ ।

କାଳିଆପାଣି, ୬।୩(ଅସିତ ମହାନ୍ତ):

ଟାଟାଷ୍ଟିଲ ଫାଉଣ୍ଡେଶନ(ଟିଏସ୍‌ଏଫ୍) ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସହଭାଗିତାରେ ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଏକ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗଦେଇଥିଲେ। ଓୟୁଏଟିର ପ୍ରଫେସର ଅଜୟ କୁମାର ଦାଶ, ନିହାର ରଞ୍ଜନ ସାହୁ, ପାର୍ଥସାରଥୀ ସ୍ୱାଇଁ, ଗଙ୍ଗେଶ୍ୱର ସ୍ୱାଇଁ ଓ ନବ କିଶୋର ସାହୁ ଯୋଗଦେଇ କୃଷି ସମ୍ପର୍କିତ ଆଲୋଚନା କରିବା ସହ ଚାଷରେ କିପରି ଯାନ୍ତ୍ରିକ ଉପକରଣ ବ୍ୟବହାର କରି ଅଧିକ ଅମଳ କରାଯାଇପାରିବ ସେନେଇ ମତ ରଖିଥିଲେ। ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ଏହି ଅବସରରେ ଚାଷରେ ବ୍ୟବହୃତ ହେଉଥିବା ଅନେକ ଯାନ୍ତ୍ରିକ ଉପକରଣର ପ୍ରଦର୍ଶନ କରାଯାଇଥିଲା। ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଶିଷ କୁମାର ବନ୍‌ଛୋର୍, ରଜତ କୁମାର ଶତପଥୀ ଓ ସୌଭାଗ୍ୟ ରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ କୃଷକ ମେଳା

୧୮ ଆଦିବାସୀ ପରିବାର ବିତାଉଛନ୍ତି ଅଭିଶପ୍ତ ଜୀବନ

ସ୍ଥାନାନ୍ତର ଓ ଥଇଥାନ ଦାବି କରୁଥିବା ଆଦିବାସୀ ।

- ସ୍ଥାନାନ୍ତର, ଥଇଥାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର
- ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ଥାନାନ୍ତର ପାଇଁ ମିଳିଲାନି ସହଯୋଗ
- ଡିଏଫ୍ଓଙ୍କ ପ୍ରତିଶ୍ରୁତି ପୂରଣ ନ ହେବାରୁ ବଢ଼ିଲା ଅସନ୍ତୋଷ
- ମହିଳାଙ୍କୁ ବାଘ ଖାଇଦେବା ପରେ ବଢ଼ିଥିଲା ଭୟ

ନୟାଗଡ଼,୬।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ଡମାଘାଟି ଗାଁରୁ ସ୍ଥାନାନ୍ତର ଓ ଥଇଥାନ ପାଇଁ ୧୮ ଆଦିବାସୀ ପରିବାର ୭ ବର୍ଷ ହେଲା ସଂଗ୍ରାମ କରି ଆସୁଥିଲେ ମଧ୍ୟ ସଫଳତା ମିଳିନାହିଁ। ୨୪ ବର୍ଷ ତଳେ ଜଣେ ମହିଳାଙ୍କୁ ବାଘ ଖାଇଦେବା ପରେ ଆଦିବାସୀମାନେ ସ୍ଥାନାନ୍ତର ଓ ଥଇଥାନ ପାଇଁ ଦାବି କରି ଆସୁଛନ୍ତି । ହେଲେ ସବୁ ପରିବାର ସ୍ଥାନାନ୍ତର ପାଇଁ ରାଜି ହେଉ ନ ଥିବାରୁ ପ୍ରାୟ ୧୮ ଆଦିବାସୀ ଗାଁ ଛାଡି ଅନ୍ୟତ୍ର ଯାଯାବର ଜୀବନଯାପନ କରୁଛନ୍ତି। ସେମାନଙ୍କୁ ଥଇଥାନ ପାଇଁ ଡିଏଫ୍ଓ ରାଜି ହେବା ପରେ ଆଦିବାସୀ ପରିବାରଙ୍କ ଆଶା ସଞ୍ଚାର ହୋଇଥିଲା । ହେଲେ ଡିଏଫ୍ଓଙ୍କ ପ୍ରତିଶ୍ରୁତି ପ୍ରତାରଣା ହେବା ପରେ ଆଦିବାସୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି ।

ଅଭିଯୋଗ ଅନୁସାରେ ଡମାଘାଟି ଗାଁ ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତରେ ରହିଛି। ୩୦ ପରିବାରର ୧୦୦ ଆଦିବାସୀ ଗାଁରେ ବାସ କରୁଥିଲେ। ଗାଁଟି ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ରହିଥିବାରୁ ସବୁବେଳେ ବାଘ ପରି ହିଂସ୍ରଜନ୍ତୁଙ୍କ ଭୟ ଲାଗି ରହିଥିଲା। ଗାଁରେ ବିଦ୍ୟୁତ୍ ନ ଥିବାବେଳେ ରାସ୍ତା ମଧ୍ୟ ନାହିଁ । ବିଦ୍ୟୁତ୍ ନ ଥିବାରୁ କାଠଗଣ୍ଡି ଜାଳି ସ୍ଥାନୀୟ ଲୋକ ରାତି କଟାନ୍ତି । ପୁଣି ଗାଁରେ ପୋଖରୀ ନ ଥିବାବେଳେ ଆଦୌ ନଳକୂପ ନାହିଁ । ଝରଣା ଜଳ ଓ କୂପ ଜଳ ଗାଁ ଲୋକଙ୍କ ଜୀବନ ବଞ୍ଚାଇ ଥାଏ। ପୁଣି ପାଠପଢ଼ା ପାଇଁ ସ୍ଥାନୀୟ ପିଲାମାନେ ୨୦ରୁ ୩୦ କିମି ଦୂରକୁ ଯାଇଥାଆନ୍ତି। ଗାଁଟି ରାଜସ୍ୱ ଗାଁ ହୋଇଥିବାବେଳେ ସର୍ବନିମ୍ନ ସୁବିଧା ପାଇଁ ସ୍ଥାନୀୟ ଲୋକ ଦାବି କରି ଆସୁଥିଲେ। ତେବେ ଜଣେ ମହିଳାଙ୍କୁ ବାଘ ଖାଇଦେବା ପରେ ଗାଁଲୋକ ସର୍ବନିମ୍ନ ସୁବିଧା ବଦଳରେ ସ୍ଥାନାନ୍ତର ଦାବି କରି ଆସୁଛନ୍ତି।

ଏ ନେଇ ଭ୍ରମର ମଲିକ କୁହନ୍ତି, ୧୯୯୦ ମସିହା କଥା । ମୋ ସ୍ତ୍ରୀ ଜଙ୍ଗଲକୁ ଶାଳପତ୍ର ସଂଗ୍ରହ କରିବାକୁ ଗାଁର ମହିଳାମାନଙ୍କ ସହ ଯାଇଥିଲେ। ହେଲେ ତାଙ୍କୁ ବାଘ ଖାଇଦେଲା। ଏହାପରେ ଲୋକେ ଗାଁରେ ରହିବାକୁ ନିରାପଦ ମନେ କରି ନ ଥିଲେ। ୧୯୯୧ରେ ପ୍ରଥମେ ମୋ ପରିବାର ଗାଁ ଛାଡିଥିଲେ। ପରେ ଜଣକ ପରେ ଜଣେ ଏପରି ୧୮ରୁ ଉର୍ଦ୍ଧ୍ୱ ପରିବାର ଗାଁ ଛାଡି ଯାଯାବର ଜୀବନ ବିତାଉଛନ୍ତି। ଆମେ ଅନ୍ୟତ୍ର ଥଇଥାନ ହେବାକୁ ଉଦ୍ୟମ କରୁଥିଲେ ମଧ୍ୟ ସଫଳତା ପାଇନୁ। ଏଥିପାଇଁ ୨୦୨୪ ନଭେମ୍ବର ୨୯ରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍ଓଙ୍କୁ ଭେଟି ଅନୁରୋଧ କରି ବିଫଳ ହେବା ପରେ ଚିନ୍ତା ବଢ଼ିଛି। ହରିହର ପ୍ରଧାନ କୁହନ୍ତି, ଗାଁରୁ ଆମେ ସ୍ଥାନାନ୍ତର ହେବା ପାଇଁ ଉଦ୍ୟମ କଲା ପରେ ୧୯୯୮ରେ ଗାଁରେ ପଲ୍ଲୀସଭା, ଗାଁ ସଭା ହୋଇଛି। ସରକାର ସ୍ଥାନାନ୍ତରିତ ହେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ହେଲେ ସବୁ ପରିବାର ଗାଁ ଛାଡିବାକୁ ଅରାଜି ହେବା ପରେ ସ୍ଥାନାନ୍ତର ପ୍ରକ୍ରିୟାରେ ବାଧା ଉପୁଜିଥିଲା। ଗତ ନଭେମ୍ବରରେ ଡିଏଫ୍ଓଙ୍କୁ ଭେଟିବା ପରେ ସେ ଆମ ଗାଁ ପାଖକୁ ଯାଇ ସ୍ଥାନାନ୍ତର ଓ ଥଇଥାନ ଦାବି ନେଇ ଆଲୋଚନା କରିଥିଲେ। ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ଥାନାନ୍ତର ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଗାଁରୁ ସ୍ଥାନାନ୍ତର ହେଲେ ସରକାର ୧୫ ଲକ୍ଷ ଟଙ୍କା ଓ ୧୦ ଡେସିମିଲ ଜମି ଯୋଗାଇ ଦେଉଛନ୍ତି। ପୁଣି ଜମି ନ ନେଲେ ୨୦ ଲକ୍ଷ ଟଙ୍କା ସହାୟତା ଦେଉଛନ୍ତି। ଏହା ବ୍ୟତୀତ ଅନ୍ୟ ସୁବିଧାସୁଯୋଗ ମିଳିବ ବୋଲି କହିଥିଲେ। ଗାଁଲୋକଙ୍କ ସ୍ଥାନାନ୍ତର ନେଇ ଆମ ମନରେ ଆଶା ସଞ୍ଚାର କରି ପରେ ସେ ଚୁପ ରହିଗଲେ। ଆମେ ଅଭିଶପ୍ତ ଜୀବନଯାପନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛୁ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍ଓ ଫାଲଗୁନି ସାରଥି ମଲିକଙ୍କ ତାଙ୍କ ଫୋନ୍ ନଂ.୯୪୩୯୦୩୫୦୮୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ନୂତନ ନ୍ୟାୟ ସଂହିତା ସମ୍ବନ୍ଧୀୟ କର୍ମଶାଳା

ନୟାଗଡ଼,୬।୩ (ଲୋକନାଥ ମିଶ୍ର)

ଭାରତ ବର୍ଷରେ ପ୍ରଚଳିତ ପ୍ରାୟ ୧୫୦ ବର୍ଷ ପୁରୁଣା ଏବଂ ବ୍ରିଟିଶ ସାମ୍ରାଜ୍ୟ ସମୟରେ ପ୍ରତିଷ୍ଠିତ ଦଣ୍ଡବିଧି ଆଇନ ଓ ସାକ୍ଷ ଆଇନକୁ ପରିବର୍ତ୍ତନ କରାଯାଇ ନୂତନ ଆଇନ ପ୍ରସ୍ତୁତ ହୋଇ ଲୋକାର୍ପିତ ହୋଇଥିବା ବେଳେ ଏହାର ବିଶେଷ ଦିଗ ଉପରେ ଏକ ଆଲୋଚନା ଚକ୍ର ନୟାଗଡ଼ର ମଡେଲ ଡିଗ୍ରୀ କଲେଜଠାରେ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ମାନସ ରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଇଟାମାଟି ଥାନା ଅଧିକାରୀ ଦିଲୀପ କୁମାର ଧଳ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଇନ ଉପରେ ସଚେତନ କରିଥିଲେ। ଆଇପିସି, ସିଆରପିସି. ଓ ଭାରତୀୟ ସାକ୍ଷ ନିୟମଗୁଡିକ ଭାରତୀୟ ଜନ ସାଧାରଣଙ୍କ ନିମନ୍ତେ ଅତି ସରଳ ଓ ଲୋକାଦୃତ ହେବା ଉଦ୍ଦେଶ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ ଅଧିନିୟମ ଭାବେ ଯଥାକ୍ରମେ ପରିବର୍ତ୍ତିତ ହୋଇ ନୂଆ ଆଇନ ଭାବେ ଜନସାଧାରଣଙ୍କ ପାଖେ ପହଞ୍ଚି ସାରିଛି। ଏହା ସରଳ ଭାଷାରେ ଲିଖିତ ହୋଇଥିବା ବେଳେ ଜନସାଧାରଣ କିପରି ଏଥିରୁ ସହଜ ସୁବିଧା ପାଇପାରିବେ ସେ ଦିଗରେ ସରକାର ବିଶେଷ ଦୃଷ୍ଟି ଦେଇଥିବା ଥାନା ଅଧିକାରୀ କହିଥିଲେ। ଉକ୍ତ ଥାନାର ଏସ.ଆଇ. ସାଗରିକ ସାମଲ ଛାତ୍ରୀଛାତ୍ରମାନଙ୍କୁ ମୋବାଇଲ ତଥା ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ ଭିତରେ ବ୍ୟବହାର କରିବା ସହିତ ଛାତ୍ରୀମାନେ ନିର୍ଭିକ ହେବାକୁ ପ୍ରବର୍ତ୍ତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋସ୍ନାରାଣୀ କର, ଗୌରମୋହନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଅପରାଜିତା ମିଶ୍ର,ସନ୍ତୋଷ ବେହେରା, ବିଜୟିନୀ ଶୁଭଦର୍ଶିନୀ, ରୀନା ଘଡେଇ, ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜୟରାମ ସିଂ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସେଇ ପସିଲେ ବିଜେଡି କର୍ମୀ

ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼,୬।୩(ଲୋକନାଥ ମିଶ୍ର)

ମାର୍ଚ୍ଚ ୫ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ଭାବେ ପୂର୍ବ ସରକାର ପାଳନ କରୁଥିଲେ । ହେଲେ ବର୍ତ୍ତମାନର ଭାଜପା ସରକାର ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନକୁ ନେଇ ବିଜେଡି ଗୁରୁବାର ରାଜରାସ୍ତାକୁ ଓହ୍ଲାଇଛି । ଏଥିପାଇଁ ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ରେ ଆୟୋଜିତ ପ୍ରତିବାଦ ସଭା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ଖୋଲି ବିଜେଡି କର୍ମୀମାନେ ଧସେଇ ପଶିଥିଲେ। ଶତାଧିକ ବିଜେଡି କର୍ମୀ ଓ ନେତାଙ୍କ ସମ୍ମୁଖରେ ହାତ ଗଣତି ପୋଲିସ ନୀରବଦ୍ରଷ୍ଟା ସାଜିଥିଲେ। ଏହାପରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆସି ବିଜେଡି ନେତାଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭା ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଥିଲା। ବିଜୁ ବାବୁଙ୍କୁ ଅସମ୍ମାନକୁ ଓଡ଼ିଶାବାସୀ ବିରୋଧ କରିବେ ବୋଲି ଉପସ୍ଥିତ ନେତାମାନେ କହିଥିଲେ। ଭାଜପା ସରକାର ଭୟଭୀତ ହୋଇ ଏଭଳି ନିଷ୍ପତ୍ତି ନେଇଛି ବୋଲି ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ କହିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ଓ ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ଜିଲା ପରିଷଦ ଅଧକ୍ଷ ଇ. ଦେବାଶିଷ ପଟ୍ଟନାୟକ କହିଥିଲେ। ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ଓ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଓ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ ଓ ଉପାଧକ୍ଷ ଗୁରୁ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଦଶପଲ୍ଲା ବ୍ଲକ ଅଫିସ ସମ୍ମୁଖସ୍ଥ ରାଜରାସ୍ତାରେ ଦଶପଲ୍ଲା ବିଜୁଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବହୁ ବିଜେଡି କର୍ମୀ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ଫଳରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ,ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍ଏସି ଅଧ୍ୟକ୍ଷା ଇ.ପୁନମ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଟୁ ସମାଲୋଚନା କରିଥିଲେ। ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରା, ଉପାଧକ୍ଷ ଶିଶିର କୁମାର ସାହୁ, ୧୮ ନଂ. ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଖଣ୍ଡପଡା ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ଖଣ୍ଡପଡା ନଗର ସଭାପତି ସତ୍ୟ ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ପଞ୍ଚାୟତିରାଜ ଦିବସ ପରିବର୍ତ୍ତନର ପ୍ରତିବାଦ

ଭଣ୍ଡାର ମୁଣ୍ଡିଆ ଜଳୁଛି

ନୟାଗଡ଼,୬।୩ (ଲୋକନାଥ ମିଶ୍ର)

ପଞ୍ଚରିଡା ରେଞ୍ଜ କାର୍ଯ୍ୟାଳୟଠାରୁ ପଶ୍ଚିମ ଓ ଶରଣକୁଳ ପୂର୍ବ ବିଭାଗ ବଙ୍ଗଳା ପଛ ପାଖରୁ ପ୍ରାୟ ୫୦୦ ମିଟର ଦୂର ଭଣ୍ଡାର ଜଙ୍ଗଲ ବଡପଥର ଉପରେ ଜଙ୍ଗଲ ଜଳୁଛି। କେହି ନିଆଁ ଲଗାଇ ଦେଇଥିବାବେଳେ ଗୁରୁବାର ଏହି ନିଆଁ ଦେଖା ଯାଇଛି । ଜଙ୍ଗଲ ନିଆଁ ଯୋଗୁ କୁଟୁରା, ବାରହା, ମୟୂର, କୁକୁଡା, ଝିଙ୍କ, ଠେକୁଆ ପରି ବନ୍ୟ ଜନ୍ତୁ ଏପଟସେପଟ ହେଉଛନ୍ତି । ସେପଟେ ନିଆଁ ଲିଭାଇବା ପାଇଁ ବନବିଭାଗର ପଦକ୍ଷେପ ନ ଥିବା ଅଭିଯୋଗ ହୋଇଛି ।

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ମୃତ୍ୟୁଞ୍ଜୟ

@ ନିଖିଲ



@ ପିଣ୍ଟୁ

@ ସତ୍ୟବାନ

@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନୂଆଗାଁ ମହୋତ୍ସବ ଉଦ୍‌ଘାଟିତ

ନୃତ୍ୟ,ଗୀତରେ ଝୁମିଲେ ଦର୍ଶକ

ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ନୂଆଗାଁ,୬।୩(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା – ୨୦୨୫ ନୂଆଗାଁ କଲେଜ ସମ୍ମୁଖ ଖେଳପଡିଆରେ ଗୁରବାର ଉଦଘାଟିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କନ୍ଧମାଳ ଏମ୍‌ପି ତଥା ନୂଆଗାଁ ମହୋତ୍ସବ କମିଟି ସଭାପତି ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ନୟାଗଡ଼ ଜିଲା ଭାଜପା ମୋର୍ଚ୍ଚା ସଭାପତି ତାପସ ରଞ୍ଜନ ମାର୍ଥା, ଦଶପଲ୍ଲା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଭାଜପା ନେତା ରାଘବ ମଲିକ, ନୂଆଗାଁ ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ମହୋତ୍ସବ କମିଟି ସମ୍ପାଦକ ଶିବରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ନୂଆଗାଁ ମାଟି କଳା ଓ ସଂସ୍କୃତିର ମାଟି। ଏହି ମାଟି ଅନେକ ସାଧୀନତା ସଂଗ୍ରାମୀଙ୍କୁ ଜନ୍ମ ଦେଇଛି। ରାଜ୍ୟରେ ନୂତନ ସରକାର ଆସିବା ପରେ ଅନେକ ପ୍ରତିଶ୍ରୁତି ପୂରଣ ହୋଇଛି। ଏଥିସହିତ ବିଭିନ୍ନ ଜିଲାର ଉନ୍ନତି ଲାଗି ସରକାର ଅନେକ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକରେ କାର୍ଯ୍ୟରତ ଥିବା ଶିକ୍ଷକ ସଂଘ, ଅନ୍ନପୂର୍ଣ୍ଣା କ୍ୟାଟରିଂ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନୀତ କରାଯାଇଥିଲା। ଶେଷରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆଗାଁ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବୋଲଗଡ଼ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଆସାମ ବିହୁ, ନୂଆଗାଁ ବନ୍ଦନା, ଅନୁଗୋଳ ଓଡିଶୀ ନୃତ୍ୟ, ଆସ୍ଥା ଡ୍ୟାନ୍ସ ଗ୍ରୁପ ଏବଂ ପରିଶେଷରେ କମେଡି କିଙ୍ଗ ପପୁ ପମ୍‌ପମ୍‌ଙ୍କ କମେଡି ଏବଂ ସଙ୍ଗୀତରେ ଦର୍ଶକ ଝୁମିଥିଲେ।

ବୃଦ୍ଧ ବାପାଙ୍କ ମୁଣ୍ଡରେ ଦିବ୍ୟାଙ୍ଗ ଝିଅର ବୋଝ

ଗଣିଆ,୬।୩ (ସନ୍ତୋଷ କୁମାର ପ୍ରଧାନ)

ମା'ବାପା ଝିଅକୁ ବିବାହ ଦେଲା ପରେ ମୁଣ୍ଡରୁ ବୋଝ ହାଲକା ହେଲା ବୋଲି ଭାବନ୍ତି। ହେଲେ କେତେକ କ୍ଷେତ୍ରରେ ନିୟତିର ନିର୍ଦ୍ଦେଶ ଅନୁସାରେ ସେହି ଝିଅ ପୁନର୍ବାର ମା'ବାପାଙ୍କ ପାଇଁ ବୋଝ ପାଲଟି ଯାଆନ୍ତି। ଏଭଳି ଘଟଣା ଗଣିଆ ବ୍ଲକ କରଡାପଡ଼ା ପଞ୍ଚାୟତ ଗୋପୀବଲ୍ଲଭପୁର ଗାଁରେ ଦେଖିବାକୁ ମିଳିଛି। ଗ୍ରାମର ବୀର ନାଏକ ଝିଅ ରଶ୍ମିତା ନାଏକ (୪୦) ୫ବର୍ଷ ତଳେ କଟକ ଜିଲା ନରସିଂହପୁର ବ୍ଲକ ପାଞ୍ଚଗଛିଆ ଗ୍ରାମରେ ମୂରଲୀଧର ନାଏକଙ୍କୁ ବିବାହ କରିଥିଲେ। ରଶ୍ମିତା ଏକା ଧାରରେ ମୁକ ଓ ବଧିର ଦିବ୍ୟାଙ୍ଗ ମହିଳା ଅଟନ୍ତି। ଦିବ୍ୟାଙ୍ଗ ହେଲେ ବି ସ୍ୱାମୀଙ୍କ ସହ ତାଳଦେଇ ମୂଲ ଲାଗି ପରିବାର ଚଳାଇ ନେଉଥିଲେ। କିଛି ଦିନ ପରେ ସ୍ୱାମୀ ମୁରଲୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ରୋଗ ଶଯ୍ୟାରେ ପଡ଼ି ରହିଲେ। ସେତେ ବେଳକୁ ରଶ୍ମିତାଙ୍କ କୋଳରେ ୨ବର୍ଷର ଏକ କଅଁଳ ଶିଶୁ ପୁତ୍ର ଥାଏ। ଅର୍ଥାଭାବ ଯୋଗୁ ମୁରଲୀ ଚିକିତ୍ସା ହୋଇ ନ ପାରି ସବୁଦିନ ପାଇଁ ଆରପାରିକୁ ଚାଲିଗଲେ। ଏପରି ସ୍ଥଳେ ରଶ୍ମିତା ଛୋଟ ଶିଶୁ ପୁତ୍ରକୁ ନେଇ ଚଳିବା କଷ୍ଟ ହୋଇପଡ଼ିଲା। ଶେଷରେ ରଶ୍ମିତାଙ୍କ ମା'ବାପା ଝିଅ ଓ ନାତିକୁ ନିଜ ଘର ଗୋପୀବଲ୍ଲଭପୁର ଗାଁକୁ ନେଇଆସିଲେ। ଆଜକୁ ୨ ବର୍ଷ ହେଲା ସେ ବାପ ଘରେ ରହି ଆସୁଛନ୍ତି। ଶାଶୁ ଘରେ ଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଓ ୧ହଜାର ଟଙ୍କା ଭତ୍ତା ପାଉଥିଲେ। ସେତିକିରେ ରଶ୍ମିତା କଷ୍ଟେ ମଷ୍ଟେ ଚଳି ଯାଉଥିଲେ। ଏବେ କେବଳ ଭତ୍ତା ବ୍ୟତୀତ ତାଙ୍କୁ ଅନ୍ୟ କୌଣସି ସରକାରୀ ସହାୟତାତାଙ୍କୁ ମିଳୁନାହିଁ। ରାଶନ କାର୍ଡଟିଏ ପାଇଁ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିବା ତାଙ୍କର ମା'ସୁରଜ କୁହନ୍ତି। ସେହିପରି ସରକାରଙ୍କ ଜାତୀୟ ପରିବାର ମଙ୍ଗଳ ଯୋଜନା ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷେ ରଶ୍ମିତା ଜଣେ ମୁକ ଓ ବଧିର ଦିବ୍ୟାଙ୍ଗ ହେତୁ ମୂଲ ମଜୁରୀ ପାଇଁ ତାଙ୍କୁ କେହି ଡାକୁ ନାହାନ୍ତି। ରଶ୍ମିତାଙ୍କ ପୁଅର ଜନ୍ମ ପ୍ରମାଣ ପତ୍ର ନ ଥିବାରୁ ଆଧାର କାର୍ଡ ହୋଇ ପାରୁ ନ ଥିବା ମା' ସୁରଜ କହିଛନ୍ତି। ତେବେ ନରସିଂହପୁର ବ୍ଲକରୁ ରଶ୍ମିତାଙ୍କ ଖାଉଟି କାର୍ଡକୁ ଗଣିଆ ବ୍ଲକ କୁ ସ୍ଥାନାନ୍ତରିତ କରାଯାଇ ରାଶନ ସାମଗ୍ରୀ ଯ

ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ଓ ଛୁଟି ବାତିଲକୁ ନେଇ ଗୁରୁବାର ଆଚାର୍ଯ୍ୟବିହାର ସ୍କୋୟାରରେ ବିଜେଡି ପକ୍ଷରୁ ଆୟୋଜିତ ପ୍ରତିବାଦ ସ୍ଥଳରେ ଦଳୀୟ ନେତା ଓ କର୍ମୀ।

ଜାଣିଶୁଣି ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭଙ୍ଗାଯିବା ଅଭିଯୋଗ କରି ଗୁରୁବାର ଏୟାରପୋର୍ଟ ସ୍କୋୟାରରେ ଭାଜପା ନେତା କର୍ମୀ ପ୍ରତିବାଦ ଜଣାଉଛନ୍ତି।

ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଯାଜପୁର/ଯାଜପୁର ରୋଡ଼,୬।୩
(ହର୍ଷବର୍ଦ୍ଧନ ବେହେରା/ପବିତ୍ର ମହାନ୍ତି)

ଜିଲାପାଳଙ୍କୁ ବିଜେଡି କାଉନ୍ସିଲରମାନେ ଅନାସ୍ଥାପତ୍ର ପ୍ରଦାନ କରୁଛନ୍ତି।

ଯାଜପୁର ଜିଲା ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୁରୁବାର ଆଗତ ହୋଇଛି । ଏହି ମର୍ମରେ ୨୬ରୁ ୨୦ ଜଣ କାଉନ୍ସିଲରଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଅନାସ୍ଥା ପ୍ରସ୍ତାବ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଅନାସ୍ଥା ପ୍ରସ୍ତାବରେ ବିଜେଡିର ଉପନଗରପାଳ ସୁବାସ ବଳ, ପାର୍ଥସାରଥି ନାୟକ, ଅଶୋକ କୁମାର ରାଉତ, ବିଜୟ କୁମାର ଜେନା, ମନୀନ୍ଦ୍ର ସାହୁ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଉର୍ମିଳା ପରିଡା, ରଶ୍ମିତା ଖୁଣ୍ଟିଆ, ସରୋଜିନୀ ସେଠୀ, ସିଦ୍ଧାର୍ଥ ସାମଲ, କୁମୁଦିନୀ ରାଉତ, ସନ୍ତୋଷ କୁମାର ବରାଳ, ଅଶୋକ କୁମାର ଦାସ, କୁନିହାଁସଦା, ବୁଦୁନୀ ଦରାଇ, ଦିଲୀପ କୁମାର ସେଠୀ, ଶିବାନନ୍ଦ ନାୟକ ପ୍ରମୁଖଙ୍କ ସ୍ୱାକ୍ଷର ରହଛ । ଏକ ତୃତୀୟାଂଶରୁ ଅଧିକ ସଂଖ୍ୟା ଗରିଷ୍ଠତା ଥିବାରୁ ସ୍ୱାକ୍ଷର ଯାଞ୍ଚ କରି ଓଡ଼ିଶା ପୌରପାଳିକା ଆଇନର ଧାରା ୫୪ ଅନୁଯାୟୀ ବୈଠକ ନିମନ୍ତେ ଆଦେଶ ଦେବାକୁ ଅନୁରୋଧ କରାଯାଇଛି ।

ଏହାସହ ଗତ ୩ ତାରିଖ ପୂର୍ବାହ୍ନ ୧୦ଟାରେ ବ୍ୟାସସରୋବର ମହିମା ଆଶ୍ରମ ପ୍ରାଙ୍ଗଣରେ ହୋଇଥିବା ବୈଠକର ବିବରଣୀ ମଧ୍ୟ ସେଥିରେ ସଂଲଗ୍ନ କରାଯାଇଛି । ଦୀର୍ଘଦିନ ଧରି ବ୍ୟାସନଗର ପୌରାଧ୍ୟକ୍ଷା ପିଙ୍ଗୁଆଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେଡି କାଉନ୍ସିଲରମାନେ ଯୋଜନା କର ଆସୁଥିଲେ। ତେବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏହି ଅନାସ୍ଥା ପ୍ରସ୍ତାବ ଗ୍ରହଣ କରି ପୌର ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି କାଉନ୍ସିଲରମାନଙ୍କୁ କହିଛନ୍ତି। ପୌର ପରିଷଦର ବିକାଶ ପାଇଁ ଆସୁଥିବା ଅନୁଦାନ ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିବା ଓ ଅଧ୍ୟକ୍ଷାଙ୍କ ମନଇଚ୍ଛା ନିଷ୍ପତ୍ତିକୁ ନେଇ କାଉନ୍ସିଲରମାନେ ଅଭିଯୋଗ କରିଆସୁଥିଲେ। ଅଧ୍ୟକ୍ଷା ବିଜେଡି ଟିକେଟ୍‌ରୁ ସିଧାସଳଖ ନିର୍ବାଚିତ ହୋଇଥିବାରୁ ଦଳୀୟ କାଉନ୍ସିଲରମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଥିଲେ । ଦଳୀୟ ସବୁଜ ସଙ୍କେତ ମିଳିବା ପରେ ଏହି କାଉନ୍ସିଲରମାନେ ଜିଲାପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପ୍ରଦାନ କରିଛନ୍ତି ।

ଏକୁଟିଆ ମେୟର

ପ୍ରତିବାଦ ସ୍ଥଳରେ ନ ଥିଲେ ବାରବାଟୀ-କଟକର ଆଗଧାଡ଼ିର ନେତା

ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ବାରବାଟୀ-କଟକ ବିଜେଡି ପକ୍ଷରୁ ଦିଆଯାଇଥିବା ଧାରଣାରେ ମେୟର ସୁବାସ ସିଂ ଓ ଅନ୍ୟମାନେ ।

କଟକ,୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ଓ ଛୁଟି ବାତିଲକୁ ନେଇ ଗୁରୁବାର ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରିଛି। ଏହି ଅବସରରେ ବାରବାଟୀ-କଟକ ବିଜେଡି ପକ୍ଷରୁ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିବାଦ ସହ ଧାରଣା ଦିଆଯାଇଥିଲା। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି)ମେୟର ସୁବାସ ସିଂ ଯୋଗଦେଇଥିଲେ। ବାରବାଟୀ-କଟକ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଥିବା ସମ୍ପର୍କରେ ବ୍ୟାନରେ ଲେଖାଯାଇଥିଲା। ହେଲେ ଏହି କାର୍ଯ୍ୟକ୍ରମରେ ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ନଗର ସଭାପତି ମଧୁସୂଦନ ଦାସଙ୍କ ସମେତ ବରିଷ୍ଠ ନେତା ଓ ବାରବାଟୀ-କଟକର ପ୍ରାୟତଃ କର୍ପୋରେଟରଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରି କି ଯୁବ ଛାତ୍ରନେତା ମଧ୍ୟ ଯୋଗ ଦେଇ ନ ଥିଲେ। ତେବେ ପୂର୍ବରୁ କେତେକ କାର୍ଯ୍ୟକ୍ରମରେ ଦେବାଶିଷ ଓ ସୁବାସଙ୍କୁ ଏକାଠି ଦେଖିବାକୁ ମିଳି ନ ଥିବାବେଳେ ଦଳ ପକ୍ଷରୁ ଏହି ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମରେ ମଧ୍ୟ ସମାନ ସ୍ଥିତି ନଜରକୁ ଆସିଛ। ସୁବାସଙ୍କ ସହିତ ବାରବାଟୀ-କଟକ ନବାଚନ ମଣ୍ଡଳୀର କେତେଜଣ ହାତଗଣତି କର୍ପୋରେଟର ଉପସ୍ଥିତ ରହି କାର୍ଯ୍ୟକ୍ରମ ସମାପନ କରିଥିଲେ। ତେବେ ବିଜେଡି ସରକାରରୁ ଯିବା ପରେ କଟକରେ ଦଳରେ କନ୍ଦଳ ଦେଖାଦେଇଛି। ଏପରି କି ନେତାଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ମେୟର ସୁବାସ କହିଛନ୍ତି, ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମକୁ ସିଏମ୍‌ସି ଅଧୀନ ୩ ନମ୍ବର ୱାର୍ଡର ସଭାପତି ମନୋରଞ୍ଜନ ମହାପାତ୍ର ଆୟୋଜନ କରିଥିଲେ। ମୁଁ କେବଳ କାର୍ଯ୍ୟକ୍ରମରେ ଯୋଗଦେଇଛି। ଦଳ କିମ୍ବା ନେତାଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ସମସ୍ତେ ଏକାଠି ଥିଲୁ ବୋଲି ସୁବାସ କହିଛନ୍ତି।

ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇ ନାରାବାଜି କଲେ ବିଜେଡି କର୍ମୀ

ବେଗୁନିଆ ଥାନାଛକଠାରେ ବିଜେଡି ନେତା ଓ କର୍ମୀମାନେ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆଙ୍କ କାର୍ ଅଟକାଇ ନାରା ଦେଉଛନ୍ତି।

ବେଗୁନିଆ,୬।୩(ହର ପ୍ରସନ୍ନ ପଣ୍ଡା)

ମାର୍ଚ୍ଚ ୫ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଏବଂ ଛୁଟି ବାତିଲ କରିବା ପ୍ରତିବାଦରେ ସାରା ରାଜ୍ୟରେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖୋର୍ଦ୍ଧା ଜିଲା ବେଗୁନିଆରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କାର୍‌ରେ ବଲାଙ୍ଗୀର ପଟୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବେଗୁନିଆ ଥାନା ଛକଠାରେ ବିଜେଡି ନେତା ଏବଂ କର୍ମୀମାନେ ମନ୍ତ୍ରୀ ଖୁଣ୍ଟିଆଙ୍କ ଗାଡ଼ିକୁ ଅଟକାଇ ରାଜ୍ୟ ସରକାରଙ୍କ ବିଜୁ ପଟ୍ଟନାୟକଙ୍କ ପ୍ରତି ମନୋଭାବ ନିଷ୍ପତ୍ତି ବିରୋଧରେ ଛି ଛି ନାରା ଦେଇଥିଲେ। କିଛି ସମୟ ପାଇଁ ମନ୍ତ୍ରୀଙ୍କ ଏସ୍‌କର୍ଟ ଗାଡ଼ି ସହ ତାଙ୍କ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ଫଳରେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପରେ ସ୍ଥାନୀୟ ପୋଲିସ ମନ୍ତ୍ରୀଙ୍କ ଗାଡ଼ିକୁ ସୁରକ୍ଷା ଦେଇ ବେଗୁନିଆ ଅତିକ୍ରମ କରାଇଥିଲା। ପରେ ବିଜେଡି ଶୋଭାଯାତ୍ରା ବ୍ଲକ ଛକରେ ପହଞ୍ଚିଥିଲା। ସେଠାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ବିଜେଡି ନେତୃବୃନ୍ଦ ଉଦ୍‌ବୋଧନ ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରତିବାଦ ପତ୍ର ପ୍ରଦାନ କରିଥିଲେ।

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ସଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି; ସମାପ୍ତି ଅବଧି: (୧); ଟିଆରଡି-ଜେଜିପି-ଡବ୍ଲ୍ୟୁ-୨୦୨୪-୨୫-୧୮ଆରଟି; ତାରିଖ ୦୭।୦୩।୨୦୨୫; ୧. ମେଚେଡ଼ା : ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍‌ର ବ୍ୟବସ୍ଥା କରିବା, ୨. ଘାଟଶିଳା: ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା, ୩. ବେଲଦା : ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା ଏବଂ ବିଦ୍ୟମାନ ପାଇପ୍‌ଡ ବ୍ରିଜ୍‌ର ପ୍ରତିବଦଳ କରିବା (୧୦ ଗୋଟି) । {(ବ୍ରିଜ୍ ନଂ. ୩ (ଅପ୍ ଇସିବି), ୧୬ (ଅପ୍ ଇସିବି), ୮ (ଡାଉନ୍ ଇସିବି), ୧୩୭ ୟୁପି (ହିଜ୍ଲି-ବେଣାପୁର), ୧୩୭ ଡାଉନ୍ (ହିଜ୍ଲି-ବେଣାପୁର), ୧୪୨ ଅପ୍ (ହିଜ୍ଲି-ବେଣାପୁର), ୪୨ ଡାଉନ୍ (ହିଜ୍ଲି-ବେଣାପୁର), ୧୫୯ ଡାଉନ୍ (ବେଣାପୁର-ନାରାୟଣଗଡ଼), ୨୨୭୪ ଅପ୍ (ଅମର୍ତ୍ତା ରୋଡ୍-ବସ୍ତା), ୫ ଏସ୍‌ଏ ଲାଇନ୍ (ଖଡ଼ଗପୁର-ନିମପୁରା)), ୫. ହଳଦୀପଡ଼ା - ବାଲେଶ୍ୱର: କିମି ୨୨୯/୨୬-୨୮ଠାରେ ବିଦ୍ୟମାନ ବ୍ରିଜ୍ ନଂ. ୨୬୫ ପାର୍ଶ୍ୱରେ ୫ ମି. x ୫ ମି. ଆକାରର ଏନ୍‌ଏଚ୍‌ଏସ୍ ନିର୍ମାଣ କରିବା ଏବଂ ୬. ଜକପୁର-ମଦପୁର ମଧ୍ୟରେ ରୋଡ୍ ଗ୍ରେନ୍ ବ୍ୟବହାର କରି କିମି ୧୦୫/୧-୩ଠାରେ ବ୍ରିଜ୍ ନଂ. ୧୨୩ ଅପ୍ ଏବଂ ମିଡ୍ ଲାଇନର ନୂଆ ପିଏସ୍‌ସି ବ୍ରିଜ୍ ସ୍ଲାବ୍ ଦ୍ୱାରା ପୁରୁଣା ଆର୍‌ସିସି ସ୍ଲାବ୍‌ର ନବୀକରଣ ସଂକ୍ରାନ୍ତରେ ଓଭରହେଡ୍ ଇକ୍ୱିପମେଣ୍ଟର ସ୍ପିଡ଼ିଙ୍ଗ୍ ଏବଂ ରିସ୍ପିଡ଼ିଙ୍ଗ୍ କରିବା; ₹୯୪,୭୪,୯୪୩.୯୦; ₹୧,୮୯,୫୦୦.୦୦; ୧୮ ମାସ; (୨); ଟିଆରଡି-ଜେଜିପି-ଡବ୍ଲ୍ୟୁ-୨୦୨୪-୨୫-୩୧; ତାରିଖ ୦୬।୦୩।୨୦୨୫; ସାନ୍ତ୍ରାଗାଛି ୟାର୍ଡ : ପଏଣ୍ଟ ନଂ. ୨୦୮ବି, ୨୦୯ଏ ଠାରେ ଗୋଟିଏ ଡାଇମଣ୍ଡ ଏକ୍ସ-ଇଜ୍ (ଡୋବଲ୍ ସ୍ପିୟ)ର ପ୍ରତିବଦଳ କରି ୪ ସେଟ୍ ୬୦ କିଗ୍ରା ୧ ଇନ୍ ୮.୫ ପଏଣ୍ଟ ଓ ଏକ୍ସ-ଇଜ୍‌ର ବ୍ୟବସ୍ଥା କରିବା; ₹୩୬,୩୩,୭୪୫.୦୦; ₹୭୨,୭୦୦.୦୦; ୦୬ ମାସ; ଟେଣ୍ଡର ବସ୍ତାବିଜ ମୂଲ୍ୟ: ଶୂନ୍ୟ (କ୍ର.ସଂ. ୧ ଓ ୨ ପାଇଁ); ଖୋଲାଯିବା ତାରିଖ: ତା୦୧।୦୪।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ); ବାଖଲ ତାରିଖ: ତା୦୧।୦୪।୨୦୨୫ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1210)

CENTRE FOR DISTANCE AND ONLINE EDUCATION (CDOE)
FAKIR MOHAN UNIVERSITY,
VYASA VIHAR, BALASORE- 756019

ADMISSION NOTIFICATION: 2024-2025

Letter No.FMU/CDOE-Admission-01/2025/76 **Date: 06.03.2025**

Applications are invited from Eligible candidate for admission into the following UGC approved programmes under ODL mode for the Academic Year 2024-2025, Academic Session beginning February 2025 and Onwards.

Admission Opening Date: 03.03.2025 **Closing Date: 17.03.2025**

COURSES OFFERED

Post-Graduate (PG) Programmes

Courses	Duration	Intake Capacity	Eligibility	Counsellor
MA in Odia	2 Years	120	Any Graduate	**Dr. Sushree Sangita Swain** Mo.7008040325
MA in English	2 Years	72	Any Graduate	**Ms. Ipsita Das** Mo.7873783005
MA in Sanskrit	2 Years	72	Any Graduate	**Dr. Pritiranjan Majhi** Mo. 7001509190
MA in Economics	2 Years	96	Any Graduate	**Mr. Anirudha Bal** Mo. 9853651156
MA in Political Science	2 Years	96	Any Graduate	**Dr. Chandan Panigrahi** Mo. 9650226218
MA in History	2 Years	96	Any Graduate	**Dr. Sikhashree Ray** Mo. 8700146566
MA in Sociology	2 Years	96	Any Graduate	**Ms. Monalisha Khuntia** Mo. 7735868997
MA in Social Work	2 Years	48	Any Graduate	**Ms. Rashmirekha Rout** Mo. 8342846579
MA in Education	2 Years	120	Any Graduate	**Dr. Liparani Panda** Mo. 9692678737
Master in Commerce	2 Years	120	Any Graduate	**Dr. Raja Ram Majhi** Mo. 7205176195

Regular P.G. Continuing Students are also eligible for applying for admission in above ODL P.G. Programmes under dual degree mode.

Admission Procedure:

Visit the website at **https://fmuniversity.nic.in** and Click on **"Admission to Distance mode (ODL) Programme for the Academic Year 2024-2025"** link for detail information. By paying the Application fee **Rs.600/-** through online, the Candidates can apply online through google link by filling up the given criteria for consideration of the admission into concerned programme **by 17.03.2025**, For Online payment visit the website.

Contact Time: 10.30 A.M.- 5 P.M.

Sd./-
DIRECTOR

PUBLIC WORKS DEPARTMENT
Sector - 19, North Block, Naya Raipur (C.G.)

E-Procurement Tender Notice
E-mail: tenders-pwd.cg@gov.in

NIT No. 322/TC/EinC/PWD/2024-25 **Dated: 03.03.2025**

The Engineer-in-Chief, Public Works Department on behalf of **Governor of Chhattisgarh** invites **percentage rate bids** on electronic tendering system under **RCPLWE RRP-III** in the district of **Bijapur, Kanker & Narayanpur** for construction of **03 Bridges and 01 Road** with estimated cost amounting **Rs.1136.2 Lacs** including their maintenance for five years from the contractors registered with unified registration system (e-registration) in Chhattisgarh. Non registered bidders may submit bid; however the successful bidder must get registered in appropriate class under "Unified Registration System (e-Registration) of Chhattisgarh before signing the agreement.

The bid document shall be available to bidders online free of cost and should be submitted online e-procurement system of Government of Chhattisgarh in **https://eproc.cgstate.gov.in**. Bids form will be available on the website from 05.03.2025 and may be submitted upto 17.00 hrs. on 17.03.2025.

For participating in bidding process, bidders are required to register in the above website with nominal fee of Rs.500/- to be paid online to service provider. For submission of the bids, the bidder is required to have a valid Digital Signature Certificate (DSC) from authorized certifying authorities.

The bidders are required to submit (a) Original bid security in approved form and (b) Original affidavit duly verified and notarized as per clause 4.4 B (a) (ii) and 4.4 B (c) to **Chief Engineer, Tender Cell, First Floor, Nirman Bhawan, PWD, North Block, Sector - 19, Naya Raipur Atal Nagar (C.G.) 492-002** as per provisions of bid document through **Speed/ Registered Post**, failing which the bids shall be declared non-responsive.

Detailed schedule of important dates may be seen on notice board of offices and also available on website of Public Works Department **http://pwd.cg.nic.in**.

Sd./- Chief Engineer (Central Tender Cell)
Office of Engineer-in-Chief
P.W.D. Naya Raipur Atal Nagar (C.G.)

G-242505754/5

ବ୍ୟାଙ୍କ ଅଫ୍ ଇଣ୍ଡିଆ
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

ଗାଡି ନିଲାମ ବିକ୍ରୟ

ଶାଖାର ନାମ	ଋଣଗ୍ରହୀତାଙ୍କ ନାମ	ଗାଡିର ବିବରଣୀ	ସଂରକ୍ଷିତ ମୂଲ୍ୟ/ ବିଡ୍ ବୃଦ୍ଧି ପରିମାଣ
ସାମନ୍ତରାପୁର ଶାଖା	ଶ୍ରୀ ସତ୍ୟ ରଞ୍ଜନ ପ୍ରଧାନ	MARUTI SUZUKI DZIRE ZXI+, ପଞ୍ଜିକୃତ ନଂ.: OD-02-BV-1043, ନିର୍ମାଣ ବର୍ଷ: ୨୦୨୧	ଟ.୫,୫୨,୫୦୦/- / ଟ.୫,୦୦୦/-

ନିଲାମ ତାରିଖ: ୨୫.୦୩.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ସମୟରୁ, ନିଲାମ ସ୍ଥାନ: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାଟ୍ରପଡା, ଭୁବନେଶ୍ୱର

ପାର୍କିଂ ୟାର୍ଡ ଠିକଣା: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାଟ୍ରପଡା, ଭୁବନେଶ୍ୱର

ନିୟମ ଏବଂ ସର୍ତ୍ତାବଳୀ : ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରାକ୍ ଅନୁମତି ସହିତ ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ପାର୍କିଂ ୟାର୍ଡରେ ଗାଡିର ଯାଞ୍ଚ କରିପାରିବେ। ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ନିଲାମ ସ୍ଥାନରେ ନିଶ୍ଚିତ ଭାବେ ଉପସ୍ଥିତ ରହିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର ୨୫% ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ୭ ଦିନ ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂ ବୈଧାନିକ ଦେୟ / ସମସ୍ତ ଆନୁସଙ୍ଗିକ ଦେୟ ଯଦି ଥାଏ ତାହା ବହନ କରିବେ । ଗାଡି "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ ନିଲାମ କରାଯିବ । ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ । ଗାଡିର ଯାଞ୍ଚ ଏବଂ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ : ୮୩୩୭୯୧୧୭୩୭ ଏବଂ ୭୦୦୮୩୫୧୨୫୯

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୩.୨୦୨୫ ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

e-Proccurement Cell
ENERGY DEPARTMENT GOVT.OF JHARKHAND
Electrical Executive Engineer Electric Works Division, Dhanbad
e- Procurement cell
Very Short E-Tender Reference No- Energy/EWD/Dhanbad/47/2024-25

Sl. No	Name of work	Estimated Cost (Rs)	Tender Fee (BID Document Fee)	Bid Security (EMD Fee 2%)	Completion Date
1	Provision of underground service cable for academic part of BIT Sindri, Dhanbad.	1,29,94,181.00	10000.00	260000.00	11 days
2	Date of Publication of tender on website	10.03.2025			
3	Online bid submission period	From 11.03.2025 at 10:30 am to 16.03.2025 at 2:00 pm			
4	Technical Bid Opening Date	17.03.2025 at 3:00 pm			
5	Name and address of the office inviting tender	Electrical Executive Engineer, Electric Works Division, Dhanbad			
6	Contact no. of Procurement officer	0326-2311382			
7	Helpline number of e- Procurement cell	0651-2490069			

Note- Only online tender will be accepted.
Any change in B.O.Q can be see on website http://jharkhandtenders.gov.in
Further details can be seen on website http://jharkhandtenders.gov.in
PR 347994 Energy(24-25)D

Electrical Executive Engineer
Electric Works Division, Dhanbad.

See Career Appointment on every Wednesday & Saturday

ଝାରଖଣ୍ଡ ସରକାର
କାର୍ଯ

ପଡ଼ୋଶୀଙ୍କ ଘରକୁ ଯିବାରୁ ୫ବର୍ଷୀୟା ଝିଅକୁ ହତ୍ୟା କଲେ ବାପା

ସୀତାପୁର(ଉତ୍ତରପ୍ରଦେଶ),୬।୩

୫ ବର୍ଷର ଶିଶୁ। ସେ ଭଲମନ୍ଦ ମଧ୍ୟରେ ପାର୍ଥକ୍ୟ କିଛି ଜାଣିନି। ହେଲେ ସେ ପଡ଼ୋଶୀ ଘରକୁ ଖେଳିବାକୁ ଗଲା ବୋଲି ତାକୁ ଜଘନ୍ୟ କଲା ବାପା ହତ୍ୟା କରିଛନ୍ତି। ଏପରି କି ହତ୍ୟା ପରେ ଶିଶୁକନ୍ୟାକୁ ୪ଖଣ୍ଡ କରି କାଟି ସୋରିଷ ବିଲରେ ପକାଇ ଦେଇଛନ୍ତି। ଏଭଳି ଏକ ନୃଶଂସ କାଣ୍ଡ ଘଟିଛି ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳରେ। ଝିଅକୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟିବା ଅଭିଯୋଗରେ ପୋଲିସ ମୋହିତ ମିଶ୍ରା(୪୦)ଙ୍କୁ ଗିରଫ କରିଛି। ପଡ଼ୋଶୀଙ୍କ ସହିତ ତିକ୍ତତା ଥିବାରୁ ଝିଅକୁ ବାରଣ ସତ୍ତ୍ୱେ ସେ ସେଠାକୁ ଯାଇଥିବାରୁ କ୍ରୋଧ ସମ୍ବରଣ କରି ନ ପାରି ଏଭଳି ଜଘନ୍ୟ କାମ କଲେ ବୋଲି ମୋହିତ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

ଝିଅ ଟାନି ସହ ଅଭିଯୁକ୍ତ ବାପା ମୋହିତ ମିଶ୍ରା।

ଏହି କାଣ୍ଡରେ ମୋହିତଙ୍କୁ ଆଉ କେହି ସହଯୋଗ କରିଛନ୍ତି କି ନାହିଁ ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ମୋହିତ ନିଜ ସ୍ତ୍ରୀ ପିଲାଙ୍କ ସହ ସୀତାପୁର ଅଞ୍ଚଳରେ ରୁହନ୍ତି। ପଡ଼ୋଶୀ ରାମୁଙ୍କ ସହ ପୂର୍ବରୁ ତାଙ୍କର ଭଲ ସମ୍ପର୍କ ଥିଲା। ଉଭୟେ ଉଭୟଙ୍କ ପରିବାରକୁ ଯିବାଆସିବା କରିବା ସହିତ ବିଭିନ୍ନ ସ୍ଥାନକୁ ଏକାଠି ବୁଲିବାକୁ ମଧ୍ୟ ଯାଇଥାନ୍ତି। ହେଲେ କିଛିଦିନ ତଳେ କୌଣସି କଥାକୁ ନେଇ ରାମୁଙ୍କ ସହ ମୋହିତଙ୍କ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ସୃଷ୍ଟି ହେବା ସହ କେହି କାହା ସହିତ କଥା ହେଉ ନ ଥିଲେ। ଏପରି କି ମୋହିତ ତାଙ୍କ ୫ବର୍ଷର ଝିଅ ଟାନିକୁ ରାମୁଙ୍କ ଘରକୁ ନ ଯିବାକୁ କହିଥିଲେ। ହେଲେ ଟାନି ଏହାକୁ ବୁଝି ପାରି ନ ଥିଲା। ସେ ରାମୁଙ୍କ ଘରକୁ ଖେଳିବାକୁ ଯାଇ ଫେରିବା ବେଳକୁ ବାପା ମୋହିତ ଦେଖିଦେଇଥିଲେ। ଝିଅକୁ ବାରଣ ସତ୍ତ୍ୱେ ସେ ରାମୁଙ୍କ ଘରକୁ ଯାଇଥିବାରୁ ମୋହିତ କ୍ରୋଧ ସମ୍ଭାଳି ପାରି ନ ଥିଲେ। ଝିଅକୁ ବାଇକ୍‌ରେ ବସାଇ କିଛି ଦୂର ଏକ ସୋରିଷ ବିଲ ନିକଟକୁ ନେଇଥିଲେ। ସେଠାରେ ଝିଅ ପିନ୍ଧିଥିବା ପୋଷାକରେ ତାର ମୁହଁପାଟି ବନ୍ଦ ସହ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏହାପରେ ମୋହିତ ମୃତଦେହକୁ ୪ଖଣ୍ଡ କରି କାଟିବା ପରେ ସୋରିଷ ବିଲରେ ଏଣେତେଣେ ପକାଇଥିଲେ। ଘଟଣାକୁ ଲୁଚାଇବା ପାଇଁ ଗତ ଫେବୃଆରୀ ୨୫ତାରିଖରେ ଝିଅକୁ କେହି ଅପହରଣ କରି ନେଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୪ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ପ୍ରଥମେ ସୋରିଷ ବିଲ ନିକଟରୁ ମୃତଦେହର ଏକ ଅଂଶ ପୋଲିସ ପାଇଥିଲା। ପରେ ମୃତଦେହର ଅନ୍ୟାନ୍ୟ ଅଂଶ ଜବତ କରିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ମୋହିତଙ୍କ ସ୍ତ୍ରୀ ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ପଚରାଉଚରା କରିଥିଲା। ପୋଲିସ ତଦନ୍ତରୁ ବର୍ତ୍ତିବା ପାଇଁ ମୋହିତ ନିଜ ମୋବାଇଲ ଫୋନ୍‌କୁ ସ୍ତ୍ରୀଙ୍କୁ ଦେଇ କୁଆଡ଼େ ଚାଲିଯାଇଥିଲେ। ମୋହିତ ଚାଲିଯିବା ପରେ ପୋଲିସର ସନ୍ଦେହ ବଢ଼ିଥିଲା। ପରେ ଯେତେବେଳେ ମୋହିତ ଫେରିଲେ, ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ସେ ସତ ସ୍ୱୀକାର କରିବା ସହ ଝିଅକୁ ହତ୍ୟା କରିଥିବା କହିଥିଲେ।

ବାପାଙ୍କ ସହିତ ଝଗଡ଼ା ପରେ ନଦୀକୁ ଡେଇଁପଡ଼ିଲେ ଯୁବକ

ଆଳି,୬।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସାନଆଙ୍କୋ ଗ୍ରାମର ମନୋଜ ପଲେଇ ନାମକ ଜଣେ ଯୁବକ ଗୁରୁବାର ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହେଲେ ସ୍ଥାନୀୟ ଲୋକଙ୍କ ସହିତ ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଆଳି ମେଡିକାଲରେ ଭର୍ତ୍ତି କରାଯାଇଛି। ବାପାଙ୍କ ସହିତ ମାରପିଟ୍‌କୁ କେନ୍ଦ୍ର କରି ମନୋଜ ଏପରି ପଦକ୍ଷେପ ନେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ସାନଆଙ୍କୋ ଗ୍ରାମର ମଳୟ ପଲେଇ ଓ ତାଙ୍କ ପୁଅ ମନୋଜ ପଲେଇଙ୍କ ମଧ୍ୟରେ ମଙ୍ଗଳବାର କୌଣସି କାରଣରୁ ମାରପିଟ ହୋଇଥିଲା। ଏ ନେଇ ମନୋଜ ବାପାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ମନୋଜ ଏକ ବାଇକ୍‌ରେ ବାଳକାଟୀ ନିକଟରେ ପ୍ରବାହିତ ଖରସ୍ରୋତା ନଦୀ ନିକଟରେ ପହଞ୍ଚିଥିଲେ। ଏହାପରେ ଗଡ଼ଗଡି ସେତୁ ଉପରେ ଗାଡ଼ି ରଖି ହଠାତ୍ ନଦୀକୁ ଡେଇଁ ପଡିଥିଲେ। ଏହାଦେଖି ସେତୁ ଉପରେ ଯାତାୟାତ କରୁଥିବା ଲୋକମାନେ ଅଟକି ନଦୀରେ ମାଛ ମାରୁଥିବା ମତ୍ସ୍ୟଜୀବୀମାନଙ୍କୁ ଡାକ ପକାଇଥିଲେ। ମତ୍ସ୍ୟଜୀବୀମାନେ ଡଙ୍ଗା ନେଇ ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଆଳି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ବୟାନ ରେକର୍ଡ

ପାଟଣାଗଡ଼, ୬।୩ (ସଚ୍ଚିଦାନନ୍ଦ ମହାକୁର)

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

୩ ଘଣ୍ଟାର ଜେରା ଭିତରେ ୨୪୫ ପ୍ରଶ୍ନର ଉତ୍ତର ରଖିଲେ

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କ ବୟାନ ରେକର୍ଡ ଗୁରୁବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ହୋଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ଦିଆଯାଇଥିବା ସାକ୍ଷ୍ୟ ପ୍ରମାଣ, ଦଲିଲକୁ ଆଧାରକରି ମାନ୍ୟବର କୋର୍ଟ ପୁଞ୍ଜିଲାଲଙ୍କୁ ୩ ଘଣ୍ଟା ଜେରା କରିବା ଭିତରେ ୨୪୫ ଗୋଟି ପ୍ରଶ୍ନର ଉତ୍ତର ପଚାରିଥିଲେ। ପୁଞ୍ଜିଲାଲ ମଝିରେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ ମଧ୍ୟ ସେ ସମସ୍ତ ପ୍ରଶ୍ନର ଉତ୍ତର ଠିକ୍‌ଠାକ୍ ରଖିଥିଲେ। ଅପରପକ୍ଷରେ କୋର୍ଟ ତାଙ୍କୁ ସାକ୍ଷୀ ଦେବାକୁ ଇଚ୍ଛୁକ କି ବୋଲି ପ୍ରଶ୍ନ କରିବାରୁ ଏହାର ଉତ୍ତର ସେ ଦେବେ ବୋଲି କହିଥିଲେ। ଏହାକୁ ନେଇ କୋର୍ଟ ଆସନ୍ତା ୧୩ ତାରିଖକୁ ସମୟ ଧାର୍ଯ୍ୟ କରିଥିବା ସରକାରୀ ଓକିଲ ଆଶିଷ ଚନ୍ଦନଙ୍କଠାରୁ ଜଣାପଡ଼ିଛି। ଏପରିକି ସାକ୍ଷ୍ୟ ପ୍ରମାଣ ପରେ ଉଭୟ ପକ୍ଷର ଆର୍ଗୁମେଣ୍ଟ ଶୁଣିଲା ପରେ ଜଜ୍‌ମେଣ୍ଟ ହେବ ବୋଲି ଚନ୍ଦନ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

ପୁଞ୍ଜିଲାଲ ସୁରକ୍ଷା କର୍ମୀଙ୍କ ସହ କୋର୍ଟରୁ ଫେରୁଛନ୍ତି।

ବଲାଙ୍ଗୀର ଜେଲରୁ ପୁଞ୍ଜିଲାଲଙ୍କୁ କଡ଼ା ସୁରକ୍ଷା ବଳୟ ଭିତରେ ପୂର୍ବାହ୍ନ ୧୧ଟା ୨୨ ମିନିଟ୍‌ରେ ପାଟଣାଗଡ଼ କୋର୍ଟରେ ହାଜର କରାଯାଇଥିଲା। ପୁଞ୍ଜିଲାଲଙ୍କ ମୁଖ୍ୟ ଓକିଲ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ତାଙ୍କ ସହଯୋଗୀ ସୌମ୍ୟରଞ୍ଜନ ପଣ୍ଡା କୋର୍ଟରେ ଉପସ୍ଥିତ ଥିଲେ। କୋର୍ଟରେ ପୁଞ୍ଜିଲାଲଙ୍କ ସ୍ତ୍ରୀ ଓ ତାଙ୍କର ସାନପୁଅଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ବୟାନ ରେକର୍ଡ ସାରି କୋର୍ଟରୁ ପୁଞ୍ଜିଲାଲ ବାହାରକୁ ବାହାରିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ କୌଣସି ପ୍ରଶ୍ନର ଉତ୍ତର ରଖି ନ ଥିଲେ। ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷ ସଞ୍ଜୁକ୍ତ ସାହୁଙ୍କ ଏକମାତ୍ର ପୁଅ ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବା ବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହି ଆସୁଛନ୍ତି।

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା, ବ୍ୟାଙ୍କ କର୍ମଚାରୀ ଗିରଫ

ଭୁବନେଶ୍ୱର,୬।୩(ସୂର୍ଯ୍ୟକାନ୍ତ ବେହେରା)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ତାଳଚେର ସଦର ଥାନା ଅଞ୍ଚଳର ସୁମନ୍ତ କୁମାର ଆଚାର୍ଯ୍ୟ(୨୫)। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଅଭିଯୁକ୍ତ ଜଣକ ଏକ ବେସରକାରୀ ବ୍ୟାଙ୍କରେ କାର୍ଯ୍ୟ କରୁଥିବାବେଳେ, ପାଡ଼ିତାଙ୍କ ଦୂର ସମ୍ପର୍କୀୟ ଅଟନ୍ତି। ୨୦୨୨ ଜୁନ ମାସରେ ପୀଡ଼ିତା ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ପରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା ଓ ଅଭିଯୁକ୍ତ ପାଡ଼ିତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତଥା ମିଥ୍ୟା ପ୍ରତିଶ୍ରୁତି ଦେଇ ୨୦୨୩ ଅଗଷ୍ଟରେ ପ୍ରଥମ କରି ଶିଶୁବିହାରର ଏକ ଭଡ଼ା ଘରେ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତା ବିବାହ ବିଷୟରେ କହିବାରୁ ଅଭିଯୁକ୍ତ ଜଣଙ୍କ ତାଙ୍କ ପ୍ରସ୍ତାବକୁ ଏଡ଼ାଇ ଯାଇଥିଲେ।

ଏସ୍‌ଟିଏ ଯୁଗ୍ମ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,୬।୩(ସତ୍ୟଜିତ୍ ରାଉତ)

ଘରୁ ମିଳିଲା ୧୫.୫୫ ଲକ୍ଷ ନଗଦ ଟଙ୍କା, କେଜିଏ ସୁନା

ଘରେ ଥିଲା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ଆକର୍ଷଣୀୟ ସୁନା ଅଳଙ୍କାର ସହ ସୁନା ବିସ୍କୁଟ୍। ବିଭିନ୍ନ ସ୍ଥାନରେ କିଣିଥିଲେ ମାଲମାଲ ଫ୍ଲଟ୍। କେବଳ ଏତିକି ନୁହେଁ, ଅବସର ସମୟ କାଟିବାକୁ ମାଣେ ଜାଗାରେ କରିଥିଲେ ଫାର୍ମ ହାଉସ। ଏବେ ବି ଏକ ବହୁତଳ ପ୍ରାସାଦ ନିର୍ମାଣ ଚାଲିଛି। ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଯୁଗ୍ମ କମିଶନର(ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି ସୋମବାର ଭିଜିଲାନ୍ସ ଜାଲରେ ଧରା ପଡ଼ିବା ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରଦୀପଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କଟକର ମୋଟ ୯ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ପ୍ରଦୀପଙ୍କ ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ବାସଭବନ, ଖୋର୍ଦ୍ଧା ଜିଲା ଟାଙ୍ଗିସ୍ଥିତ ପୈତୃକ ଘର, ପୁରୀ ଟାଉନସ୍ଥିତ ସମ୍ପର୍କୀୟଙ୍କ ଘର, କଟକସ୍ଥିତ ଅଫିସ୍ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୯ଟି ଟିମ୍‌ରେ ୨ଜଣ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୨୫ ଏଏସ୍‌ଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ପରିବାର ଓ ତାଙ୍କ ନାମରେ ଥିବା ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ପ୍ରଦୀପ କୁମାର ମହାନ୍ତି

ଜବତ ଟଙ୍କା

ଭିଜିଲାନ୍ସ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ୨୪୦୦ ବର୍ଗଫୁଟରେ ଥିବା ବାସଭବନକୁ ଦେଖି ଭିଜିଲାନ୍ସ ତାଟକା ହୋଇଛି। ଏହି ଘରେ ଯାଞ୍ଚ ବେଳେ ନଗଦ ୧୫ ଲକ୍ଷ ୫୫ ହଜାର ଟଙ୍କା ମିଳିଛି। ଏଥିସହ ୧୦୦ ଗ୍ରାମ ଲେଖାଏ ୩ଟି ସୁନା ବିସ୍କୁଟ ସହ ୧.୫ କେଜି ସୁନା ଅଳଙ୍କାର ଠାବ ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ରଘୁନାଥପୁରସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ୪ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ପ୍ରଦୀପ ନିକଟରେ ୧ କୋଟି ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ସେହିପରି ପୁରୀ ବାଲୁଖଣ୍ଡସ୍ଥିତ ଗୋଟିଏ ନିର୍ମାଣଧୀନ ୩ ମହଲା କୋଠା, ପୁରୀସ୍ଥିତ ଅନ୍ୟ ଏକ ଆପାର୍ଟମେଣ୍ଟ ଓ ଏକ ଫାର୍ମ ହାଉସ ସମ୍ପର୍କରେ ସୂଚନା ମିଳିଛି। ଏହାଛଡ଼ା ଏକାଧିକ ଫିକ୍ସଡ୍ ଡିପୋଜିଟ୍ ଓ ବ୍ୟାଙ୍କ ଲକର୍‌ର ସନ୍ଧାନ ମିଳିଛି। ଏହାକୁ ନେଇ ଭିଜିଲାନ୍ସ ଟିମ୍ ଅନୁସନ୍ଧାନ ଜାରି ରଖିଛି। ଏହାଛଡ଼ା ଏକାଧିକ ଭିଜିଲାନ୍ସ ସନ୍ଦେହ କରୁଛି। ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ୍ ପକ୍ଷରୁ କୋଠା, ଫାର୍ମହାଉସ, ଫ୍ଲଟ୍, ଫ୍ଲାଟ୍ ଆଦିର ହିସାବ କରାଯାଉଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଛତିଆ ବିରିକି ପାମ୍ପରା ବଡ଼ି
ପିତା ଶୁଖୁଆକୁ ଲୁଣ
ଛୋପରୀ କାନ୍ଦୁଛି ଛୋପରା ଆଗରେ
କାନ୍ଦିବାର କେଉଁ ଗୁଣ?

ଗୁଣରେ ଏକୁ ଆରେକ। କେହି କାହାକୁ ଯେତେବେଳେ ମନ୍ଦ ନୁହନ୍ତି, ସେତେବେଳେ ଦେଖେଇ ଶିଖେଇ ହୋଇ କଥା କହିବାରେ କିଛି ମୂଲ୍ୟ ରହେନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଛୋଟୀ ଗୋଡ଼ରେ ଝୁମୁକା ବଳା
କାଣୀ ଆଖିରେ କଜ୍ଜଳ କଳା।

ଛୋଟୀ ଓ କାଣୀ ଦୁହେଁ ଶାରୀରିକ ସ୍ତରରେ ଭିନ୍ନକ୍ଷମ। ଏପରିସ୍ଥଳେ ଏହି ଦୁହିଁଙ୍କ ପାଇଁ ଉପର ବର୍ଣ୍ଣିତ ହୋଇଥିବା ଅଳଙ୍କାର ଓ ପରିପାଟୀ ଦେଖଣାହାରୀଙ୍କ ଆଖିରେ କେବେବି ଶୋଭନୀୟ ହୋଇପାରୁ ନ ଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

୩ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

ସୁଧୀର ବେହେରା ହତ୍ୟା ମାମଲା

ବଲାଙ୍ଗୀର,୬।୩ (ବୀରେନ୍ଦ୍ର କୁମାର ଝାଙ୍କର)

୨୦୨୨ ମସିହାରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦାଇପାଲିଠାରେ ସଂଘଟିତ ସୁଧୀର ବେହେରା ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବଲାଙ୍ଗୀର ଆଡିସନାଲ ସେସନ୍ସ ଜଜ୍ (ପ୍ରଥମ ଶ୍ରେଣୀ) ହିମାଂଶୁ ଶେଖର ସିଂ ଏହି ମାମଲାର ବିଚାରକରି ୩ ଅଭିଯୁକ୍ତ ସଞ୍ଜୀବ ମୁଗ୍ରୀ, ବିଶାଳ ସୁନା ଏବଂ ଶିବ ନାଗଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୨ ଜୁଲାଇ ୨ରେ ସୁଧୀର ତାଙ୍କର ସାଙ୍ଗମାନଙ୍କ ସହ ସଦାଇପାଲିକୁ ରଥଯାତ୍ରା ଦେଖିବାକୁ ଯାଇଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେଠାରେ ଅଭିଯୁକ୍ତମାନେ ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ସୁଧୀରଙ୍କୁ ପରିବାର ଲୋକେ ସେଠାରୁ ଉଦ୍ଧାରକରି ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଏବଂ ପରେ ବୁର୍ଲା ଭିମ୍‌ସାର ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୁଧୀରଙ୍କ ବୁର୍ଲା ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବଲାଙ୍ଗୀର ସଦର ଥାନା ପୋଲିସ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ଆଡିସନାଲ ଜଜ୍ ଏହି ମାମଲାର ରାୟ ଶୁଣାଇଥିଲେ। ଏହି ମାମଲାକୁ ଆଡିସନାଲ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ କୁମାର ପାଢ଼ୀ ପରିଚାଳନା କରିଥିଲେ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା ଧମକ

ପେଟ୍ରୋଲ ଢାଳି ବୁଲେଟ୍ ଜାଳିଦେଲେ ଦୁର୍ବୃତ୍ତ

ଡେରାବିଶ,୬।୩(ବେବର୍ତ୍ତା ଅଜୟ ଦାସ)

ପୂର୍ବ ଶତ

ଖଣି କ୍ଷେତ୍ରରୁ ଓଡ଼ିଶାକୁ ସର୍ବାଧିକ ରାଜସ୍ୱ : ମନ୍ତ୍ରୀ ଗୋକୁଳାନନ୍ଦ

୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୩ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ବରମୁଣ୍ଡା ଖେଳପଡ଼ାଠାରେ ଆୟୋଜିତ ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀ–୨୦୨୫ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ, ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଫିଏଚ୍‌ପିସିଆଇ, ଏସ୍‌ସିଏମ୍‌ଏସ୍ ଏବଂ ଓଏଏସ୍‌ଏମ୍‌ଇର ମିଳିତ ସହଯୋଗରେ ଏହି ପ୍ରଦର୍ଶନୀ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ୨୦୨୫ ମାର୍ଚ୍ଚ ୬ ରୁ ୯ ପର୍ଯ୍ୟନ୍ତ ସକାଳ ୧୧ ଟାରୁ ରାତ ୮ଟା ଯାଏ ସବୁ ବର୍ଗଙ୍କ ପାଇଁ ମାଗଣା ଖୋଲା ରହିଛି।

ସେହିଭଳି ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପକ୍ଷରୁ ଆୟୋଜିତ ଏହି ୪ ଦିନିଆ ପ୍ରଦର୍ଶନୀରେ ଭାରତ ତଥା ଭାରତ ବାହାରର ଖଣି, ନିର୍ମାଣ ଓ ଭିତ୍ତିଭୂମି ଉଦ୍ୟୋଗର ୩୦୦ ଅଗ୍ରଣୀ ଅଂଶୀଦାରମାନେ ଏକାଠି ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ରାଜ୍ୟରେ ବକ୍ସାଇଟ୍, କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଖଣିଜାତ ଦ୍ରବ୍ୟ ଭଳି ଖଣି କ୍ଷେତ୍ରରେ ମଧ୍ୟ ଓଡ଼ିଶା ସର୍ବାଧିକ ଅଂଶ ଏବଂ ଖଣି କ୍ଷେତ୍ରରୁ ଓଡ଼ିଶାକୁ ସର୍ବାଧିକ ରାଜସ୍ୱ ମିଳୁଛି। ଭୁବନେଶ୍ୱରରେ ଏତେ ବଡ଼ ଧରଣର ଖଣି ପ୍ରଦର୍ଶନୀ ହେଉଥିବାରୁ ମୁଁ ଖୁସି। ମୁଁ ସେମାନଙ୍କ ସଫଳତା କାମନା କରୁଛି। ସେହିପରି ହେମନ୍ତ ଶର୍ମା କହିଥିଲେ, ଏହି ଏକ୍ସପୋରେ ଗୁଣାତ୍ମକ ଅଂଶଗ୍ରହଣ ଦେଖି ମୁଁ ଖୁସି, ଓଡ଼ିଶାରେ ଖଣି କ୍ଷେତ୍ରର ଅଭିବୃଦ୍ଧି ପାଇଁ ଏହି ପ୍ଲାଟ୍‌ଫର୍ମ ବେଶ୍ ଲାଭଦାୟକ ହେବ।

ଅପରପକ୍ଷରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ଏମ୍‌ଡି ସ୍ୱାମୀ ପ୍ରେମ ଅନ୍ୱେଷୀ କହିଥିଲେ, ଚଳିତ ବର୍ଷ ଏକ୍ସପୋରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ ଏବଂ ତାଇୱାନ ଭଳି ଦେଶର ପ୍ରତିଯୋଗୀମାନେ ସାମିଲ ହୋଇଛନ୍ତି। ଏପରିକି ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସମାଧାନ ପ୍ରଦର୍ଶନକରି ଉଲ୍ଲେଖନୀୟ ଆନ୍ତର୍ଜାତିକ ପ୍ରତିନିଧିତ୍ୱ କରୁଛନ୍ତି। ଏହି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଖଣି କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ କରାଯାଇଥିବା ଅଭିନବ ଉପକରଣ ଏବଂ ସେବା ଆରମ୍ଭ କରୁଛନ୍ତି। ଏହି କାର୍ଯ୍ୟକ୍ରମ ସମଗ୍ର ଭାରତ ଏବଂ ବିଦେଶରୁ ବ୍ୟବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରୁଛି, ଯାହା ଭାରତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ପାଇଁ ନେଟ୍‌ୱର୍କ କରିବା ଏବଂ ଅର୍ଥପୂର୍ଣ୍ଣ ଭାଗୀଦାରି ସ୍ଥାପନ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି। ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ଡ. ଚାନ୍ଦ କହିଛନ୍ତି, ଓଡ଼ିଶା ଭାରତର ଖଣି ରାଜଧାନୀ ହୋଇଥିବାରୁ ଓଡ଼ିଶା ବିଶ୍ୱ ଖଣି ସମ୍ମିଳନୀ ଆୟୋଜନ କରିବାର ଅପାର ସମ୍ଭାବନା ରହିଛି। ସେ ଖଣି ସଂଗଠନଗୁଡ଼ିକୁ ହାତ ମଳାଇ ଏପର ପ୍ରଦର୍ଶନୀକୁ ବିଶ୍ୱସ୍ତରରେ ପରିଣତ କରିବାକୁ ଆହ୍ୱାନ କରିଥିଲେ।

ଏହି ଏକ୍ସପୋରେ ଅତ୍ୟାଧୁନିକ ଖଣି ଯନ୍ତ୍ରପାତି, ଟେକ୍ନୋଲୋଜି ସମାଧାନ, ସେବା ଏବଂ ଯୋଗାଣ ପ୍ରଦର୍ଶିତ ହେଉଛି, ଯାହା ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବିକଶିତ ଆବଶ୍ୟକତାକୁ ପୂରଣ କରିବ। ୨୫୦ରୁ ଅଧିକ କମ୍ପାନୀର ଅଂଶଗ୍ରହଣରେ ଏହି କାର୍ଯ୍ୟକ୍ରମ ଏହି ଶିଳ୍ପଗୁଡ଼ିକର ଭବିଷ୍ୟତ ରଚନା କରୁଥିବା ସଦ୍ୟତମ ଅଗ୍ରଗତି ଦେଖିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଭାରତର ଖଣି ଓ ଭିତ୍ତିଭୂମି କ୍ଷେତ୍ରରେ ବ୍ୟବସାୟକୁ ସଶକ୍ତ କରିବା, ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ସକ୍ଷମ କରିବା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।

୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀ ଉଦ୍‌ଘାଟିତ

ମହିଳା କର୍ମଚାରୀଙ୍କ ଦ୍ୱାରା ସ୍କ୍ଲେଲଟର ଲାଇନ ପରିଚାଳିତ

ବେଦାନ୍ତ ଝାରସୁଗୁଡ଼ା ୟୁନିଟ୍‌ର ଦକ୍ଷ ମହିଳା କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୬।୩

ବେଦାନ୍ତ ଆଲୁମିନିୟମର ଓଡ଼ିଶାସ୍ଥିତ ଝାରସୁଗୁଡ଼ା ୟୁନିଟ୍ ଏକ ଅବିଶ୍ୱସନୀୟ କାର୍ଯ୍ୟ ଆରମ୍ଭ କରିଛି। ଏହି ୟୁନିଟ୍‌ର ଦକ୍ଷ ମହିଳା କର୍ମଚାରୀଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ସ୍କ୍ଲେଲଟର ଲାଇନ ପରିଚାଳିତ ହେବ ବୋଲି ଘୋଷଣା କରାଯାଇଛି। ଏହି କାର୍ଯ୍ୟ ପରିସରରେ ସ୍କ୍ଲେଲଟର ଲାଇନକୁ ରୂପାନ୍ତରକରି ଲିଙ୍ଗ ସମାନତା ଏବଂ କର୍ମକ୍ଷେତ୍ର ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଆରମ୍ଭ ହୋଇଛି ; ଯାହା କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏବଂ ରକ୍ଷଣାବେକ୍ଷଣ କରାଯିବ। ବେଦାନ୍ତର ଝାରସୁଗୁଡ଼ା ସ୍କ୍ଲେଲଟର ୟୁନିଟ୍ ବିଶ୍ୱର ସର୍ବବୃହତ୍ ଆଲୁମିନିୟମ ସ୍କ୍ଲେଲଟର ମଧ୍ୟରୁ ଅନ୍ୟତମ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପଦକ୍ଷେପ କର୍ମକ୍ଷେତ୍ରରେ ମହିଳା ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟକୁ ସୁଦୃଢ଼ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିଶ୍ୱାସକରୁ ଯେ ବିବିଧତା ଏବଂ ଅନ୍ତର୍ଭୁକ୍ତି ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷର ପ୍ରମୁଖ ବାହକ। ମୁଖ୍ୟ ଉତ୍ପାଦନ ଭୂମିକାରେ ମହିଳାମାନଙ୍କୁଅଧିକସୁଯୋଗ ସହତ୍‌ସଶକ୍ତ କରି ଆମେ କେବଳ ଶିଳ୍ପ ଷ୍ଟେରିଓଟାଇପ୍ ଭାଙ୍ଗିବା ସହିତ ଏକ ସମାନ, ଭବିଷ୍ୟତ ପାଇ ପ୍ରସ୍ତୁତ କର୍ମକ୍ଷେତ୍ର ମଧ୍ୟ ସୃଷ୍ଟି କରୁଛୁ।

ଆମ ବ୍ୟବସାୟରେ ଲିଙ୍ଗ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁଆମର ପ୍ରତିବଦ୍ଧତା ପ୍ରତି ବିଶ୍ୱର ସର୍ବବୃହତ୍ ସ୍କ୍ଲେଲଟର ସଂସ୍ଥା ମଧ୍ୟରୁ ଏହି ପଦକ୍ଷେପ ଅନ୍ୟତମ।

ସେହିଭଳି ବେଦାନ୍ତ ଆଲୁମିନିୟମର ସିଏଚ୍‌ଆରଓ ପଙ୍କଜ ସୁରେକା କହିଛନ୍ତି, ଆମେ 'ଶକ୍ତି ସେ ପ୍ରଗତି' ବା ସଶକ୍ତୀକରଣ ମାଧ୍ୟମରେ ପ୍ରଗତି ଦର୍ଶନରେ ବିଶ୍ୱାସ କରୁ। ଆମେ ସମାନ ସୁଯୋଗ ସୃଷ୍ଟି କରୁଛୁ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛୁ, ଯାହାକି ମହିଳାମାନଙ୍କୁ ସମସ୍ତ ମହଲରୁ ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେବାକୁ ସକ୍ଷମ କରିଥାଏ।

ବେଦାନ୍ତ ଆଲୁମିନିୟମ ସମସ୍ତ ଭୂମିକା ଲିଙ୍ଗ–ଅଜ୍ଞେୟବାଦୀ ରଖି ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ। ମହିଳାମାନଙ୍କୁ ସ୍କ୍ଲେଲିଂ, ଖଣି, ବିଦ୍ୟୁତ୍ ଉତ୍ପାଦନ, ଲଜିଷ୍ଟିକ୍ସ, ସମ୍ପତ୍ତି ସୁରକ୍ଷା ଏବଂ କ୍ରୟ କ୍ଷେତ୍ରରେ ବିବିଧ ଦାୟିତ୍ୱ ଗ୍ରହଣ କରିବାକୁ ନିଶ୍ଚିତ କରୁଛି।

କମ୍ପାନୀ ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ୩୦% ମହିଳା କର୍ମଚାରୀ ପ୍ରତିନିଧିତ୍ୱ ପାଇଁ ଲକ୍ଷ୍ୟ ରଖିଛି। ଏହା ସହ ଲିଙ୍ଗ ସନ୍ତୁଳିତ ନିଯୁକ୍ତି ସୁନିଶ୍ଚିତ କରିବା ନିମନ୍ତେ ବେଦାନ୍ତ ଆଲୁମିନିୟମ ନୂତନ ଭୂମିକା ପାଇଁ ୫୦% ମହିଳାଙ୍କୁ ନିଯୁକ୍ତିକୁ ପ୍ରାଥମିକତା ଦିଏ। ଏହା ସହ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ କମ୍ପାନୀ ଧାତୁ ଏବଂ ଖଣି ଶିଳ୍ପରେ ମହିଳା ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରିଛି। ଏଥିରେ ଅନ୍ତର୍ଭୁକ୍ତ: ପ୍ରୋଜେକ୍ଟ ଶ୍ରୀ ଶକ୍ତି, ଯାହା ଓଡ଼ିଶା କାର୍ଯ୍ୟରେ ମହିଳାମାନଙ୍କ ପାଇଁ ରାତ୍ରି ଶିଫ୍ଟ ଆରମ୍ଭ କରିଥିଲା–ରାଜ୍ୟରେ ପ୍ରଥମ ଏବଂ ପ୍ରୋଜେକ୍ଟ ପଞ୍ଚି, ଯାହା ବେଦାନ୍ତରେ ଉଚ୍ଚଶିକ୍ଷା ଏବଂ ନିଯୁକ୍ତି ସୁଯୋଗ ପାଇଁ ଆର୍ଥିକ ସହାୟତା ପ୍ରଦାନକରି ଉପେକ୍ଷିତ ସମ୍ପ୍ରଦାୟର ଯୁବତୀମାନଙ୍କ ଜୀବନକୁ ପରିବର୍ତ୍ତନ କରୁଛି।

ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୬।୩

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୧୦ (୯୦୯.୮୬) ପଏଣ୍ଟ ବୃଦ୍ଧି ଘଟି ୭୪,୩୪୦ (୭୪,୩୪୦.୦୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୦୭ (୨୦୭.୪୦) ପଏଣ୍ଟ ବଢ଼ି ୨୨,୫୪୫ (୨୨,୫୪୪.୭୦) ଅଙ୍କରେ କାରବାର ଶେଷ ହୋଇଥିଲା।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

ବିଏମ୍‌ଏଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ, ୬।୩

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ କ୍ରିସିଲ–ଆଇବିଏକ୍ସ ଫାଇନାନ୍ସିଆଲ ସର୍ଭିସେସ୍ ୩–୬ ମନ୍ଥସ ଡେବ୍ଟ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ–ଏଣ୍ଡେଡ୍ କନ୍‌ଷ୍ଟାଣ୍ଟ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ ହୋଇଥିଲାବେଳେ ନିବେଶକମାନଙ୍କୁ ସୁସଂଗଠିତ ସ୍ୱଳ୍ପକାଳୀନ ସ୍ଥାୟୀ ଆୟ ନିବେଶ ସୁଯୋଗ ପ୍ରଦାନ କରିବା ପାଇଁ ଏହି ଫଣ୍ଡକୁ ଡିଜାଇନ କରାଯାଇଛି। ଏହି ଫଣ୍ଡ ଏଏଏ–ରେଟେଡ୍ ସାର୍ଟିଫିକେଟସ ଅଫ୍ ଡିପୋଜିଟସ (ସିଡି), କମର୍ସିଆଲ ପେପର (ସିପି) ଏବଂ ଅଗ୍ରଣୀ ବ୍ୟାଙ୍କ ଓ ବିତ୍ତୀୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା କର୍ପୋରେଟ ବଣ୍ଡ୍ ଅନ୍ତର୍ଭୁକ୍ତ ଥିବା ଏକ ପୋର୍ଟଫୋଲିଓ ପାଇଁ ଏକ୍ସପୋଜର ଦେଉଛି। ସେହିଭଳି ୬ ମାସରୁ ୩ ମାସ ପର୍ଯ୍ୟନ୍ତ ଏକ ସିଷ୍ଟମାଟିକ ରୋଲ୍–ଡାଉନ ରଣନୀତି ସହିତ ଏହି ଫଣ୍ଡ ତରଳତା ବଜାୟ ରଖି ଓ ସୁଧ ହାର ବିପଦକୁ ହ୍ରାସ କରି ସ୍ୱଳ୍ପାବଧିର ଫଳାଫଳ ଲାଭକୁ କ୍ୟାପଚର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ନୂଆ ଫଣ୍ଡ ଅଫର (ଏନଏଫ୍‌ଓ) ୨୦୨୫ ମାର୍ଚ୍ଚ ୬ ରୁ ଆରମ୍ଭ ହେଉଥିଲାବେଳେ ମାର୍ଚ୍ଚ ୧୧ରେ ବନ୍ଦ ହେବ।

ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ବିଶେଷକରି ସ୍ୱଳ୍ପ ଅବଧି ଋଣ କ୍ଷେତ୍ରରେ ସ୍ଥାୟୀ–ଆୟ (ଏଫ୍‌ଡି) ନିବେଶ, ପୁଞ୍ଜିକୁ ସଂରକ୍ଷିତ ରଖିବା ସହ ବଜାର ଅସ୍ଥିରତାର ମୁକାବିଲା କରିବା ପାଇଁ ଏକ ଢାଞ୍ଚାଗତ ଦୃଷ୍ଟିକୋଣ ପ୍ରଦାନ କରିଥାଏ।

Government of Odisha
Office of the Panchayat Samiti, Buguda, Ganjam
Tender Call Notice No. 03/2024-25

Order No. 748 **Date : 05.03.2025**

No.i-534 : The Block Development Officer, Buguda invites sealed tenders on percentage basis for construction of following work as per details mentioned below during 2024-25 from the intending contractors registered with state PWD or equivalent class of CPWD/Railway/MES/Central Govt./State Govt. Undertaking the following works to be eventually drawn up in the present rate contractor from (P-1)

Sl. No.	Name of the Work	Approximate estimate cost in Rs.	EMD in Rs.	Cost of tender paper (Non Refundable)	Time of Completion	Eligibility of Contractor
1	2	3	4	5	6	7
1	Construction of Addl. Class Room Building at Govt. Upper Primary School, Antarapada	12,76,931/-	12,769/-	6000/-	6 (Six) Calendar month	"C" & "D" Class
2	Construction of Addl. Class Room Building at Govt. Upper Primary School, Mahulapalli	12,76,931/-	12,769/-	6000/-	6 (Six) Calendar month	"C" & "D" Class
3	Construction of Addl. Class Room Building at Govt. Upper Primary School, Pangidi	12,76,931/-	12,769/-	6000/-	6 (Six) Calendar month	"C" & "D" Class
4	Construction of Addl. Class Room Building at Balipadar High School	13,53,457/-	13,534/-	6000/-	6 (Six) Calendar month	"C" & "D" Class
5	Construction of MPCC Building at Balipadar	41,16,919/-	41,169/-	6000/-	9 (Nine) Calendar month	"B" & "C" Class

PERIOD OF COMPLETION OF WORK MENTIONED IN TENDER CALL NOTICE
Date of sale of Tender Paper : **04.03.2025 to 18.03.2025** (working days from 10.00 A.M. to 5.30 P.M.)
Last date of submission of Tender Paper : 18.03.2025 (Up to 5.00 P.M.)
Date of opening tender : **19.03.2025 at 11.00 A.M.**
Please Visit our District Administration website : www.ganjam.nic in for more detail of Term & Condition for tender call notice.
OIPR-19400/11/0002/2425 **Sd./ Block Development Officer, Buguda, Ganjam**

GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
Office Of The Superintending Engineer (Agril.), Southern Zone, Brahmapur, At Rite Campus, Rangeilunda
E-mail - seagrilsz@gmail.com
INVITATIONS FOR BIDS THROUGH e-Procurement
Notice No. 389 /SE (Agril.) **Date - 03.03.2025**
Bid Identification No/ e - Procurement Notice No. - S.E (A), S/Z 07 of 2024-25
No.L-185 : The Superintending Engineer (Agril.), Southern Zone, Brahmapur on behalf of the Governor of Odisha invites **Percentage** Rate Bids in **Double Cover** system for the work "Construction of New CDAO Office Building at Bhawanipatna, Kalahandi" which costs around Rs. 1,24,30,945.00 (Excluding GST & CESS). Both A class & B Class contractors of Government of Odisha or of equivalent class of other state Govt./ Railways/ CPWD/ MES having experiences as mentioned in the DTCN after depositing Rs. 10000.00 as bid paper cost without GST 18% can participate in the bidding. Bid documents consisting of detail tender call notice, the schedule of quantities and set of terms and conditions of the contract and other necessary documents will be available on http://tendersorissa.gov.in. website from date 06.03.2025 at 11:00 A.M. to Date 17.03.2025 up to 5:30 P.M. for "ONLINE BIDDING". The original bid documents will be received in the chamber of Superintending Engineer (Agril.), Southern Zone, Rite Campus, Rangeilunda, Berahmapur from dated 13.03.2025 at 10:30 A.M. to Date 18.03.2025 up to 11:30 A.M. (Except Holidays) through **Government Speed Post/ Registered Post/Personal submission**. Private Courier service is not allowed. Hard copies submitted by the bidders must reach on or before 11:30 A.M. of 18.03.2025, Which will be opened in the chamber of Superintending Engineer (Agril.), Southern Zone, Ganjam, Berhampur on 18.03.2025 at 12:30 P.M. in presence of member of the committee & bidders or their authorised representatives.
Sd./- Superintending Engineer (Agril) Southern Zone, Brahmapur
OIPR-01504/11/0005/2425

ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର, ଗଜପତି
ସଂଖ୍ୟା: 269 **ତାରିଖ: 04.03.2025**
No. C-: ଏତଦ୍ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦର ଦୈନିକ ବଜାରଠାରେ ନିର୍ମିତ ଭେଣ୍ଡିଙ୍ଗ୍ ଜୋନ୍ (୬ଟି ଦୋକାନ) ଆବଣ୍ଟନ ନିମନ୍ତେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ବାସୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରୁ ୫୦୦.୦୦ ଟଙ୍କା ଦେଇ ଦରଖାସ୍ତ ନେଇ ଏବଂ ଦରଖାସ୍ତରେ ଦର୍ଶାଇଥିବା କାଗଜପତ୍ର/ପ୍ରମାଣପତ୍ର ସହିତ ଆବେଦନ କରିବେ। ତାରିଖ ୧୭।୦୩।୨୦୨୫ ସମୟ ଅପରାହ୍ନ ଘ୫.୩୦ଟିକା ଭିତରେ ପରିଷଦର କାର୍ଯ୍ୟାଳୟରେ ଆବେଦନ କରିପାରିବେ ଓ ଅନ୍ୟାନ୍ୟ ବିବରଣୀ ପରିଷଦ କାର୍ଯ୍ୟାଳୟରୁ ପାଇପାରିବେ।
ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13116/11/0011/2425 **ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର**

obcc No.CAD-
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No.2317 **Date:04.03.2025**
File: SMT-2033
CANCELLATION OF TENDER
Name of Work : Widening & Strengthening of Double Lane to 4- laning of Bhawanipatna Khariar Road (SH-16) from 2/00 Km to 70 Km in the district of Kalahandi.
Bid Identification No. : 09/Tender/OBCC/2024-25. Notice Inviting Tender No.: 9599 dtd.30.09.2024.
The tender for the above-mentioned work is hereby cancelled due to administrative reason.
OIPR-34161/11/0010/2425 **Sd./- Chief General Manager-III**

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ ମାଲକାନଗିରି ବନଖଣ୍ଡ, ମାଲକାନଗିରି
OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, MALKANGIRI FOREST DIVISION, MALKANGIRI
No.MM-517: Tele/Fax No.06861-231353, e-mail-dfo.malkangiri@odisha.gov.in
Government of Odisha "e" Procurement Notice
Bid Identification No. IF/DFOMKG/04(Online) 2024-25
1. No. of Works:**1** (Commissioning & Maintaining of the system for 5 years)
2. Approximate Estimate Cost: 84 Lakhs
3. Period of Completion: **30 Days**
4. Date & Time of availability of bid documents in the portal: **Dt.05.03.2025 to Dt. 13.03.2025**
5. Last Date/Time of receipt of bid in the portal: **Dt.13.03.2025 upto 6.00 PM**
6. Date of Opening of bid: **Dt.17.03.2025 at 11.00 AM**
7. Name & Address of the office inviting bid: **O/o the Divisional Forest Officer, Malkangiri Forest Division, Malkangiri**
Further details can be seen from the e-Procurement portal http://www.tendersodisha.gov.in.
Sd./- Divisional Forest Officer Malkangiri Forest Division
OIPR-08109/11/0004/2425

ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
Registered Office : C/2, Nayapalli, Bhubaneswar-751012
Tel No: 0674-2395391, Fax No-0674-2395291, Website: www.oscsc.in
(Re-Tender) Request for Proposal (RFP)
for
"Selection of agency to undertake Operations & Maintenance and Other Services of IRIS Scanners installed at Fair Price Shops (FPS) & Paddy Purchase Centres (PPC) across the State of Odisha"
(Re-Tender) RFP Advt. No. 3637/OSCSC, Date:03/03/2025
No.CAD - : Odisha State Civil Supplies Corporation Limited invites proposals from interested bidders being registered in India as per Government of India Company Registration Act

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଲିଅନ କୋଚ୍ ଫନସେକା ୯ ମାସ ବାସନ୍ଦ

ରେଫରି ଓ କୋଚ୍ ଫନ୍‌ସେକା ମୁହାଁମୁହିଁ।

ପ୍ୟାରିସ୍,୬।୩(ଏପି): ଫ୍ରେଞ୍ଚ୍ ଲିଗ୍ ମ୍ୟାଚ୍ ବେଳେ ରେଫରିଙ୍କ ସହ ମୁହାଁମୁହିଁ ହେବାରୁ ଲିଅନ କୋଚ୍ ପାଉଲେ ଫନସେକାଙ୍କୁ ୯ ମାସ ପାଇଁ ବାସନ୍ଦ କରାଯାଇଥିବା ଫ୍ରେଞ୍ଚ୍ ଲିଗ୍ ପକ୍ଷରୁ ଜୁହାଯାଇଛି। ଏହି ବାସନ୍ଦାଦେଶ ଯୋଗୁ ସେ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ମ୍ୟାଚ୍ ବେଳେ ଖେଳାଳିଙ୍କ ନିକଟକୁ ଯାଇପାରିବେ ନାହିଁ ଏବଂ ଦଳୀୟ ଲକରରୁମ୍‌ରେ ମଧ୍ୟ ପ୍ରବେଶ କରିପାରିବେ ନାହିଁ। ଏହି ବାସନ୍ଦାଦେଶ କେବଳ ଘରୋଇ ମ୍ୟାଚ୍‌ରେ ଲାଗୁହେବ। ଫଳରେ ୟୁଇଫା ଦ୍ୱାରା ଆୟୋଜିତ ୟୁରୋପା ଲିଗ୍‌ରେ ଫନସେକା କାର୍ଯ୍ୟ କରିପାରିବେ। ଗତ ରବିବାର ବ୍ରେଷ୍ଟ ଡିପ୍ ବିପକ୍ଷ ମ୍ୟାଚ୍‌ରେ ଫନସେକା ରେଫରି ବେନୋଇଟ ମିଲଟଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏପରିକି ଲିଅନ ଅଧିନାୟକ କୋରେଣ୍ଟିନ ଟୋଲିସୋଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହାପରେ ଫନସେକା ଅବଶ୍ୟ ଦ୍ୱିତୀୟଥର ପାଇଁ ଉକ୍ତ ରେଫରିଙ୍କ ସହ ମୁହାଁମହିଁ ହେବାକୁ ଉଦ୍ୟମ କରିଥିଲେ। ହେଲେ ଲିଅନ ଦଳର କେତେଜଣ ଖେଳାଳି ତାଙ୍କୁ ରୋକିଥିଲେ।

ପାକିସ୍ତାନ ପାଇଁ ଜାଭେଦ ଓ ଚୟନକର୍ତ୍ତା ଦାୟୀ

କରାଚୀ, ୬।୩(ପି.ଟି.)



ଆକ୍ୱିବ ଜାଭେଦ ଓ ଜାସନ ଗିଲେସ୍ପି।

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏହାର ପୂର୍ବତନ ରେଡ୍‌ବଲ୍ ମୁଖ୍ୟ କୋଚ୍ ଆକ୍ୱିବ ଜାଭେଦ ଓ ଜାତୀୟ ଚୟନକର୍ତ୍ତାଗଣ ଉତ୍ତରଦାୟୀ ରହିବା ଉଚିତ। ଏହା ପାକିସ୍ତାନର ପୂର୍ବତନ ରେଡ୍‌ବଲ ମୁଖ୍ୟ କୋଚ୍ ଜାସନ ଗିଲେସ୍ପି ପ୍ରକାଶ କରିଛନ୍ତି। ଆୟୋଜକ ଦେଶ ନ୍ୟୁଜିଲାଣ୍ଡ ଓ ଭାରତଠାରୁ ସେମାନଙ୍କ ଗ୍ରୁପ୍ ମ୍ୟାଚ୍‌ରେ ପରାସ୍ତ ହୋଇ ଦଳ ପ୍ରତିଯୋଗିତାରୁ ବିଦାୟ ନେଇଛି। ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ଗିଲେସ୍ପି ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି, ଆକ୍ୱିବ ଟିମ୍ ବ୍ୟାପାର ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହିଁଥିଲେ। ଜାତୀୟ ଚୟନକର୍ତ୍ତାମାନେ ଖେଳାଳି ମନୋନୟନ ଦାୟିତ୍ୱରେ ରହିଥିଲେ। ସେମାନେ ମଧ୍ୟ ଅନେକାଂଶରେ ପାକିସ୍ତାନର ଖରାପ ପ୍ରଦର୍ଶନକୁ ନେଇ ଦାୟୀ ରହିବା ଉଚିତ। ଗିଲେସ୍ପି କହିଛନ୍ତି, ସେ ଯେତେବେଳେ ମୁଖ୍ୟ କୋଚ୍ ଥିଲେ, ପାକିସ୍ତାନ କ୍ରିକେଟ୍‌ର ପ୍ରଚ୍ଛଦପଟେ କିଛିନା କିଛି ଚାଲିଥିବା ସେ ଅନୁଭବ କରିଥିଲେ। ତେଣୁ ଆକ୍ୱିବଙ୍କୁ ଯେତେବେଳେ କୋଚ୍ କରାଗଲା ସେଥିରେ ସେ ଆଶ୍ଚର୍ଯ୍ୟ ନ ଥିଲେ। ଆକ୍ୱିବ କେବଳ ତାଙ୍କୁ ନୁହେଁ, ହ୍ୱାଇଟ୍ ବଲ୍ କୋଚ୍ ଗ୍ୟାରି କର୍ଷ୍ଟେନଙ୍କୁ ମଧ୍ୟ ହେୟଜ୍ଞାନ କରୁଥିଲେ। ଆକ୍ୱିବ ମୁଖ୍ୟ ଚୟନକର୍ତ୍ତା ହେବାକୁ ଚାହୁଁଥିଲେ। ଏହାଦ୍ୱାରା ପାକିସ୍ତାନ ଦଳ ଉପରେ ତାଙ୍କର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିପାରିବ ବୋଲି ସେ ମନେକରୁଥିଲେ। ଶେଷରେ ତାହା ହିଁ ହେଲା। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଗିଲେସ୍ପି ଓ କର୍ଷ୍ଟେନଙ୍କୁ ମୁଖ୍ୟ କୋଚ୍ ଭାବେ ୨ ବର୍ଷିଆ ଚୁକ୍ତି କରିଥିଲା। ମାତ୍ର ପିସିବି ଓ ବିଦେଶୀ କୋଚ୍‌ଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ନିଯୁକ୍ତିର ୬ରୁ ୮ମ ମାସ ମଧ୍ୟରେ ଦୁଇ ବିଦେଶୀ କୋଚ୍ ପଦ ତ୍ୟାଗକରି ଚାଲିଯାଇଥିଲେ। ବାଂଲାଦେଶ ବିପକ୍ଷ ଏକ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସିରିଜ ୨-ରେ ହାରିଯିବା ପରେ ଫଳତଃ ପିସିବି ଏକ ନୂଆ ସିଲେକ୍ସନ କମିଟି ଗଠନ କରିଥିଲା। ଏଥିରେ ଆକ୍ୱିବ ସିନିୟର ସିଲେକ୍ଟର ରହିଥିଲେ। କମିଟିରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ଆଝାର ଅଲି, ଅସାଦ ଶାଫିକ୍, ଅଲିମ ଦାର ଓ ହସନ ଚିମା। ୨୦୨୪ ଶେଷରେ ଦୁଇ ବିଦେଶୀ ବିଶେଷଜ୍ଞ ଜଣକ ପରେ ଜଣେ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଚୟନକର୍ତ୍ତାମାନେ ସେମାନଙ୍କୁ ଅନ୍ଧାରରେ ରଖିବା ସହ ସେମାନଙ୍କଠାରୁ କ୍ଷମତା ପ୍ରତ୍ୟାହାର କରିନେଇଥିବା ସେମାନେ ଅଭିଯୋଗ କରିଥିଲେ।

ଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୬।୩(ତପନ ସ୍ୱାଇଁ)

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପାରମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ୨୩ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୩୩.୪ ଓଭରରେ ୧୮୮ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦେବାଶିଷ ସାମନ୍ତରାୟ ସର୍ବାଧିକ ୭୧ ଓ ସୁଦର୍ଶନ ସ୍ୱାଇଁ ୩୮ ରନ୍ କରିଥିଲେ। ବିପକ୍ଷ ଦଳର ସୁଶୀଲ ବାରିକ ୫ ଉଇକେଟ ସଫଳତା ପାଇଥିବାବେଳେ ଶୁଭମ୍ ଶତୁଜିତ ଓ ସୌମ୍ୟରଞ୍ଜନ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୯ ରନ ବିଜୟ ଲକ୍ଷ୍ୟ ନେଇ ସହିଦ ସ୍ପୋର୍ଟିଂ ପୂରା ୩୫ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅବିନାଶ ଦାସ ୪୪ ଓ ସୁଶୀଲ ବାରିକ ୪୦ ରନ୍ କରିଥିଲେ। ବିଜୟୀ ଦଳର ସାଇ ଶୁଭମ୍ ଓ ସ୍ୱୟଂ ସାର୍ଥକ ରାଉତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦେବାଶିଷ ସାମନ୍ତରାୟଙ୍କୁ ଟାଉନ୍ କ୍ଲବର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଟାଉନ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

Classified Everyday

0674-2580101, 9692975378

REAL ESTATE

SALE

Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424. D-76242

Gated community triplex in Jaydurganagar, Bhubaneswar 2.30 cores. Call- 8917520527. D-3175

3 Storied 5 Bedroom new construction individual duplex house sale at NH-5, Goharia Chhak, Bhubaneswar, cost @ 1cr. 25lakh (final price)- 9938867397. D-3181

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

44 Dcml. (1920Sqft.) Gharabadi Boundary wall plot sale at Bhaktamadhu Nagar, near ITER College, Jagamara. Price 95 Lakh, negotiable. Only Genuine buyer call for details: 9438220432/ 8144658008. D-3180

LEASE

Sharing of a commercial plot 10000sft. at NH side of Nakhara-Niali Road for apartment. 7809525452. D-76426

Email ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com



To-let for Office and Banking purposes Chandrasekharpur District Center. 9668089688, 9938014391. D-3097

Full body massage by odia therapist in homely atmosphere. 9556498382. D-75363

Positively health benefited spa by expert therapist. 7750040475. D-76199

AFFIDAVIT

By virtue of an affidavit sworn before the Executive Magistrate, Dharmasala, dated 24.02.2025, I, Jatindra Kumar Panda, Address: At/P.O.-Mirzapur, P.S.-Dharmasala, Dist.-Jajpur, Odisha-755008 declare that I have changed my Son's name from Robert Panda to Roneet Panda. Henceforth, he shall be known as Roneet Panda for all purposes. D-3182

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Dharmasala, dated 03.03.2025, I, Kamala Dei, Address: At-Choramuhan, P.O./P.S.-Dharmasala, Dist.-Jajpur, Odisha-755008 declare that I have changed my name from Kamala Behera to Kamala Dei. Henceforth, I shall be known as Kamala Dei for all purposes. D-3183

By virtue of an affidavit sworn before the Executive Magistrate, Dharmasala, dated 27.02.2025, I, Arati Roul, Address: At-Alarpur, P.O.-Kotapur, P.S.-Dharmasala, Dist.-Jajpur, Odisha-755008 declare that I have changed my son's name from Provoujite Roul to Prabhujit Roul. Henceforth, he shall be known as Prabhujit Roul for all purposes. D-3184

By virtue of an affidavit sworn before the Notary Public, Deogaon, I, Shusanta Mahakur, R/o- At./P.O.- Udar, Via- Jarasingha, P.S.- Deogaon, Dist.-Balangir, PIN-767067, Odisha declare that I have changed my name from Shusanta Mahakur to Susanta Kumar Mahakur. Now onwards I shall be known as Susanta Kumar Mahakur for all purposes. D-3189

By virtue of an affidavit sworn before Executive Magistrate, Khorda Aff. No.- 598, Dt. On 5.3.2025, I Manju Dei, W/o- Bhimsen Behera, At/P.O.- Kaipadar, P.S.-Khordha sadar, Dist.-Khordha, 752056, declare that I have changed my name from Manjulata Behera to "Manju Dei". Henceforth, I shall be known as Manju Dei for all purposes. D-73577

By virtue of an affidavit sworn before Executive Magistrate, Puri on dated 21.Feb.2025, Miss SASMITA SWAIN, C/o- DEBADUTTA SWAIN at Khandia Bandha, P.O.- Gopinathpur, PIN- 752002, Dist.- Puri, D.O.B 30.06.1997 changed my name Sasmita Sasmal, D/o- Bhimasen Sasmal at Dhanikera, P.O.- Basudevpur, PIN- 752013. Both Sasmita Sasmal and Sasmita Swain belong to one and same person. Henceforth, I shall be known as Sasmita Sasmal for all purposes. D-3186

By virtue of an affidavit sworn before the Executive Magistrate, kujang, Jagatsinghpur, I, Soumendra Kumar Barik, Village- Jhampulakuda, Post- Bishnupur, P.S.- Nimapada, Dist.- Puri, at present NA/296, Nuabazar, Paradip, Dist.- Jagatsinghpur. My son's Birth Certificate mentioned Soumendra Barik. That both the name are one and same person. Henceforth, I shall be known as Soumendra Kumar Barik for the all future purposes. D-3179

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।

ଦେୟ ପେଠ ହେଲାପରେ
ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

By virtue of an affidavit No.- 1577, dtd. 05.03.2025 sworn before Executive Magistrate, Dhenkanal, I, Diptimayee Mohanty, W/o- Subhransu Prasad Mohanty, Vill- Kunjakanta, P.S.-Town, Dist.-Dhenkanal declare that I have change my daughter's name from Swatee Soumprava Mohanty to Swatee Swayamprava Mohanty & my husband's name from Subhrunsu Prasad Mohanty to Subhransu Prasad Mohanty. Henceforth, my daughter will be known as Swatee Swayamprava Mohanty and my husband will be known as Subhransu Prasad Mohanty for all purposes.
Diptimayee Mohanty. D-75495

By virtue of an affidavit before Notary Public, Kantabanji, bearing No.- 502 on dtd.06.03.2025, that before my marriage I known as "Mamata Bhoi, D/o-Paramanand Bhoi" which is mentioned in my Educational Certificates and after marriage to "Himanshu Sekhar Sahoo" of Village: P.O.- Kanut, P.S.- Belpara, Dist.- Bolangir, I known as Mamata Sahoo, W/o- Himanshu Sekhar Sahoo which is also recorded in my Aadhaar Card. Whereas Mamata Bhoi and Mamata Sahoo, W/o- Himanshu Sekhar Sahoo is one and same and my native name "Mamata Bhoi" is to be update in my Aadhaar Card in place of Mamata Sahoo. D-3178

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LEGAL NOTICE

FORM No.-1-A
SUMMONS/NOTICES FOR SERVICE BY ADVERTISEMENT IN NEWSPAPER (Order-5 Rule-20)
IN THE HON'BLE COURT OF THE CIVIL JUDGE, SENIOR DIVISION, KORAPUT.
Between
CS 49/2011
Bhagaban Khillo & another .....Plaintiffs
VS
K. Satyanarayan & oth .....defendants
To
1. Namita Rani Haldar, aged about 51 years, W/o- Late Khirod Chandra Haldar, Vill: P.O./P.S.- Narayanpana, Dist.- Koraput, 2. Debabrata Haldar, aged about 36 years, S/o- Late Khirod Chandra Haldar, Vill: P.O./P.S.- Narayanpatna, Dist.- Koraput
WHEREAS the plaintiffs have instituted against you.
You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such question on the 24th day of March 2025 at 10.30.A.M to answer the claim, and you are directed to produce on that day all the documents upon which you intend to rely in support of your defence.
Take notice that in default of your appearance on the day before mentioned, the suit will be hard and determined in your absence.
Given under my hand and seal of the Court, this 04th day of Mar. 2025
Sd./- Civil Judge, (Sr. Division), Koraput. D-3176

ପାରା ଭଲିବଲ ଚୟନ ଟ୍ରାଏଲ୍ସ

ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ): ରାଜ୍ୟ ପାରା ଭଲିବଲ ଚୟନ ଟ୍ରାଏଲ୍ସ ଚଳିତ ମାସ ୮ ଓ ୯ ତାରିଖରେ ନୟାପଲ୍ଲୀସ୍ଥିତ କ୍ରୀଡ଼ା ବିଭାଗର ପୁରୁଣା ଅଫିସ୍ ପରିସରରେ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ଟ୍ରାଏଲ୍ସରୁ ଜାତୀୟ ସିନିୟର ମହିଳା ଓ ପୁରୁଷ ସିଟିଂ ଭଲିବଲ ଚାମ୍ପିୟନଶିପ୍ ପାଇଁ ଖେଳାଳି ମନୋନୀତ ହେବେ। ଟ୍ରାଏଲ୍ସ ପାଇଁ ଶୁକ୍ରବାରକୁ ଏଣ୍ଟ୍ରିର ଶେଷଦିନ ଧାର୍ଯ୍ୟ କରାଯାଇଛି।

ଟାଇମ୍ଡ ଆଉଟ୍ ହେଲେ ସୌଦ ଶକିଲ

ରାୱଲପିଣ୍ଡି,୬।୩(ପି.ଟି.): ନିକଟରେ ଚାମ୍ପିୟନ୍ସ ଟ୍ରଫିରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର ସୌଦ ଶକିଲ ପ୍ରଥମଶ୍ରେଣୀ ଟୁର୍ନାମେଣ୍ଟର ପ୍ରେସିଡେଣ୍ଟ୍ସ କପ୍ ଫାଇନାଲରେ ଟାଇମ୍ଡ ଆଉଟ ହୋଇଛନ୍ତି। ନିଜ ପାଳି ଲାଗି ଅପେକ୍ଷା କରିଥିବା ବେଳେ ସେ ଡ୍ରେସିଂରୁମ୍‌ରେ ଶୋଇପଡ଼ିଥିଲେ। ସେ ପାକିସ୍ତାନ କ୍ରିକେଟ୍‌ର ପ୍ରଥମ ଓ ମୋଟ୍ ଉପରେ ସପ୍ତମ ବ୍ୟାଟର ଭାବେ ଟାଇମ୍ଡ ଆଉଟ୍ ହୋଇଛନ୍ତି। ଏହି ମ୍ୟାଚ୍ ମଙ୍ଗଳବାର ରାତିରେ ଷ୍ଟେଟ ବ୍ୟାଙ୍କ ଓ ପିଟିଭି ମଧ୍ୟରେ ଖେଳାଯାଇଥିଲା। ରମ୍‌ଜାନ ମାସ ଚାଲିଥିବାରୁ ମ୍ୟାଚ୍‌ଟି ସମ୍ପୂର୍ଣ୍ଣ ରୂପେ ଫ୍ଲଡ୍‌ଲାଇଟ୍ସରେ ହୋଇଥିଲା। ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ରୁ ବିଳମ୍ବିତ ରାତି ୨ଟା ୩୦ ପର୍ଯ୍ୟନ୍ତ ଖେଳାଯାଉଛି। ପାକିସ୍ତାନ ଘରୋଇ କ୍ରିକେଟ ଇତିହାସରେ ପ୍ରଥମଥର ଏଭଳି ମ୍ୟାଚ୍ ଖେଳାଯାଉଛି। ଫାଇନାଲରେ ଶକିଲ ଷ୍ଟେଟ୍ ବ୍ୟାଙ୍କ ଲାଗି ଖେଳୁଥିଲେ ଏବଂ ତାଙ୍କ ଦଳ ବ୍ୟାଟିଂ କରୁଥିବା ବେଳେ ସେ ତାଙ୍କ ପାଳି ଲାଗି ଅପେକ୍ଷା କରି କରି ଶୋଇପଡ଼ିଥିଲେ। ଫଳରେ କ୍ରିଜ୍‌ରେ ପହଞ୍ଚିବା ଲାଗି ତାଙ୍କୁ ଧାର୍ଯ୍ୟ ୩ ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା। ଜଣେ ନୂଆ ବ୍ୟାଟରଙ୍କ ଲାଗି କ୍ରିଜ୍‌ରେ ପହଞ୍ଚି ଗାର୍ଡ ନେବା ଲାଗି ୩ ମିନିଟ୍ ସମୟ ଦିଆଯାଇଛି। ଶକିଲ କ୍ରିଜ୍‌ରେ ପହଞ୍ଚିବା ପରେ ପିଟିଭି ଦଳର ଅଧିନାୟକ ଅମାଦ ଭଟ୍ଟ ଅମ୍ପାୟରଙ୍କ ନିକଟରେ ଟାଇମ୍ଡ ଆଉଟ୍ ଅପିଲ କରିଥିଲେ। ଶକିଲ ପାଭିଲିଅନ ଫେରିବା ପରେ ପାକିସ୍ତାନ ସୀମିତ ଓଭର କ୍ରିକେଟ୍ ଦଳର ସଦସ୍ୟ ଇର୍ଫାନ ଖାନ୍ ନିଆଜି କ୍ରିଜ୍‌କୁ ଆସିଥିଲେ। ତାଙ୍କୁ ପ୍ରଥମ ବଲରେ ବୋଲ୍ଡ କରି ମହମ୍ମଦ ଶେହଜାଦ ନିଜର ହାଟ୍ରିକ ପୂରଣ କରିଥିଲେ। ସୂଚନା ଯେ, ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଶ୍ରୀଲଙ୍କାର ଭେଟେରାନ ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କୁ ଟାଇମ୍ଡ ଆଉଟ ଦିଆଯାଇଥିଲା।

ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ଆସନ୍ତା ରବିବାର ଦୁବାଇରେ ହେବ। ଏଥର ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ନ୍ୟୁଜିଲାଣ୍ଡ। ଭାରତ–ନ୍ୟୁଜିଲାଣ୍ଡ ମ୍ୟାଚର ଅତୀତ ରେକର୍ଡ ଓ ସାମ୍ପ୍ରତିକ ପ୍ରଦର୍ଶନକୁ ନେଇ ଏହି ଉପସ୍ଥାପନା...

ଆଇସିସି ଚାମ୍ପିୟନ୍ସ ଟ୍ରଫିର ୯ମ ସଂସ୍କରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ରବିବାର ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ ମେଗା ଫାଇନାଲ। ଟାଇଟଲ ପାଇଁ ଏଥର ଲଢ଼ିବାକୁ ଯାଉଛନ୍ତି ଭାରତ ଓ ନ୍ୟୁଜିଲାଣ୍ଡ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ଏକମାତ୍ର ଅପରାଜେୟ ଦଳଭାବେ ଫାଇନାଲ ଖେଳିବାକୁ ଯାଉଛି। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶକୁ ୬ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ନିଜର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୪ ରନରେ ହରାଇ ନିଜ ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଆଗାମୀ ମ୍ୟାଚରେ ବିଜୟୀ ହେଲେ ଭାରତ ୨୦୦୦ ମସିହା ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାଜୟର ମଧୁର ପ୍ରତିଶୋଧ ନେଇପାରିବ। ଅନ୍ୟପକ୍ଷରେ ଏଥର ସମାନ ଗ୍ରୁପରେ ଥିବା ନ୍ୟୁଜିଲାଣ୍ଡ ପାକିସ୍ତାନକୁ ୬୦ ରନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ୫ ଉଇକେଟରେ ହରାଇଥିଲେ ହେଁ ତୃତୀୟ ତଥା ଅନ୍ତିମ ମ୍ୟାଚରେ ଭାରତ ନିକଟରୁ ପରାଜୟ ସ୍ୱାଦ ଚାଖିଥିଲା। ଅର୍ଥାତ୍ ଗ୍ରୁପ୍ 'ଏ'ର ୨ଟି ଯାକ ଦଳ ଏଥର ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଗ୍ରୁପ୍ 'ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ଦଳ ରହିଥିଲେ ହେଁ ଶେଷ ପର୍ଯ୍ୟନ୍ତ ଟିକ୍ସିପାରି ନାହାନ୍ତି।

ଭାରତ–୧, ନ୍ୟୁଜିଲାଣ୍ଡ ୧

ରେକର୍ଡ ଅନୁସାରେ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ନ୍ୟୁଜିଲାଣ୍ଡ ମୋଟ ୨ ଥର ପରସ୍ପରର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ଦୁଇ ଦଳ ଗୋଟିଏ ଲେଖାଏ ବିଜୟ ସ୍ୱାଦ ଚାଖିଛନ୍ତି। ୧୯୯୮ରେ ଆଇସିସି ନକ୍‌ଆଉଟ ଟ୍ରଫି ନାମରେ ଖେଳାଯାଇଥିବା ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ ପ୍ରିଲିମିନାରି ମ୍ୟାଚରେ ଜିମ୍ବାୱେକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଶ୍ରୀଲଙ୍କାଠାରୁ ହାରି ବିଦାୟ ନେଇଥିଲା। ତେଣୁ ଭାରତ–ନ୍ୟୁଜିଲାଣ୍ଡ ଭେଟ ହୋଇ ନ ଥିଲା। ୨୦୦୦ରେ ହୋଇଥିବା ଦ୍ୱିତୀୟ ସଂସ୍କରଣରେ କିନ୍ତୁ ଏହି ଦୁଇ ଦଳ ପରସ୍ପରକୁ ଫାଇନାଲରେ ଭେଟିଥିଲେ। ଏଥିରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୨୬୫ ରନର ବିଜୟ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୪୯.୪ ଓଭରରେ ୬ ଉଇକେଟ ହରାଇ ହାସଲ କରିନେଇଥିଲା। ୨୦୦୨ରେ ପ୍ରତିଯୋଗିତାର ନାମ ଆଇସିସି ଚାମ୍ପିୟନ୍ସ ଟ୍ରଫି ହୋଇଥିଲା। ଏଥିରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଥିଲେ। ନ୍ୟୁଜିଲାଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାରୁ ଭାରତ ସହ ଭେଟ ସମ୍ଭବ ହୋଇ ନ ଥିଲା। ଫାଇନାଲରେ ବର୍ଷା ବାଧକ ହେବାରୁ ଭାରତ ଓ ଶ୍ରୀଲଙ୍କାକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ୨୦୦୪ରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଭିନ୍ନ ଗ୍ରୁପ୍‌ରେ ରହି ଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ୨୦୦୬ରେ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲା ଏବଂ ଆଗକୁ ବଢ଼ିପାରି ନ ଥିଲା। ନ୍ୟୁଜିଲାଣ୍ଡ ଗ୍ରୁପ୍ 'ବି'ରେ ଥିବାରୁ ଭେଟ ହୋଇ ନ ଥିଲା। ୨୦୦୯ରେ ମଧ୍ୟ ସମାନ ଫଳାଫଳ ରହିଥିଲା। ୨୦୧୩ରେ ନ୍ୟୁଜିଲାଣ୍ଡ ଗ୍ରୁପ୍ 'ଏ'ରେ ଖରାପ ପ୍ରଦର୍ଶନ କରି ପୁଲ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ହାସଲ ସହ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଇଂଲଣ୍ଡକୁ ୫ ରନରେ ପରାସ୍ତ କରିଥିଲା। ୨୦୧୭ରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଥିଲେ। ନ୍ୟୁଜିଲାଣ୍ଡ ଶୀଘ୍ର ବିଦାୟ ନେବାରୁ ପରସ୍ପର ମୁକାବିଲା ସମ୍ଭବ ହୋଇ ନ ଥିଲା। ୨୦୨୫ ତଥା ଚଳିତ ସଂସ୍କରଣରେ ଭାରତ ଓ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥରପାଇଁ ପରସ୍ପରର ସମ୍ମୁଖୀନ ହୋଇଥିଲେ। ଏଥିରେ ଭାରତ ବିଜୟ ହାସଲ କରି ରେକର୍ଡକୁ ବରାବର କରିଥିଲା। ଭାରତ ପକ୍ଷରୁ ୨୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ନ୍ୟୁଜିଲାଣ୍ଡ ଇନିଂସ ୪୫.୩ ଓଭରରେ ୨୦୫ରେ ସୀମିତ ରହିଥିଲା। ତେଣୁ ଆଗାମୀ ମୁକାବିଲା ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

ରାଚିନ, କୋହଲି ଆଗରେ

ଚଳିତ ସଂସ୍କରଣରେ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ଚମତ୍କାର ଫର୍ମରେ ଅଛନ୍ତି। ସେ ୩ ମ୍ୟାଚରୁ ୭୫.୩୩ ଆଭରେଜରେ ୨୨୬ ରନ ସଂଗ୍ରହ କରି ଟପ୍ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତ ପକ୍ଷରୁ ବିରାଟ କୋହଲି ୪ ମ୍ୟାଚରୁ ୭୨.୩୩ ଆଭରେଜରେ ୨୧୬ ରନକରି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଶ୍ରେୟସ ଆୟର ୪୮.୭୫ ଆଭରେଜରେ ୧୯୫ ରନ ସହ ୬ଷ୍ଠ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଟମ୍ ଲଥାମ ୬୩.୬୬ ଆଭରେଜରେ ୧୯୧ ଓ କେନ୍ ୱିଲିୟମସନ ୪୭.୪୨ ଆଭରେଜରେ ୧୮୯ ରନକରି ଟପ୍–୧୦ ବ୍ୟାଟରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସର୍ବାଧିକ ଉଇକେଟ ହାସଲକାରୀ ତାଲିକାର ଶୀର୍ଷରେ ରହିଛନ୍ତି ନ୍ୟୁଜିଲାଣ୍ଡର ମ୍ୟାଟ ହେନରି। ସେ ୪ ମ୍ୟାଚରୁ ୧୦ ଉଇକେଟ ହାସଲ କରି ସାରିଛନ୍ତି। ଭାରତର ମହମ୍ମଦ ଶାମି ୮ ଓ ବରୁଣ ଚକ୍ରବର୍ତ୍ତୀ ୭ ଉଇକେଟ ନେଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ମଧ୍ୟ ୭ ଉଇକେଟ ନେଇ ଟପ୍–୧୦ ବୋଲରଙ୍କ ମଧ୍ୟରେ ସାମିଲ ଅଛନ୍ତି। ତେଣୁ ଦୁବାଇରେ ବ୍ୟାଟ୍ ଓ ବଲ୍‌ର ଲଢ଼େଇ ଜୋରଦାର ହେବା ଅନୁମାନ କରାଯାଉଛି। ଚଳିତ ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ୨ ଥର ୩୦୦ରୁ ଊର୍ଦ୍ଧ୍ୱ ଦଳଗତ ସ୍କୋର କରିପାରିଛି। ଯାହାକି ଭାରତ ପକ୍ଷରେ ସମ୍ଭବ ହୋଇନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ୬ ଉଇକେଟରେ ୩୬୨ ରନକରି ନ୍ୟୁଜିଲାଣ୍ଡ ଚାମ୍ପିୟନ୍ସ ଟ୍ରଫିରେ ରେକର୍ଡ କରିଥିଲା। ଏଥର ଭାରତର ସର୍ବୋଚ୍ଚ ସ୍କୋର ରହିଛି ୨୬୭/୬। ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସ୍କୋର କରି ଭାରତ ବିଜୟ ହାସଲ କରିଥିଲା।

ତୃତୀୟ ଥର ଟ୍ରଫି ଜିତିବାର ସୁଯୋଗ

ପ୍ରତିଯୋଗିତାର ୯ ସଂସ୍କରଣରେ ମୋଟ ୧୪ ଦଳ ଟୁର୍ନାମେଣ୍ଟ ଖେଳିଛନ୍ତି। ଏଥର ଆଫଗାନିସ୍ତାନ ଚାମ୍ପିୟନ୍ସ ଟ୍ରଫିରେ ଡେବ୍ୟୁ କରିଥିଲା। ମାତ୍ର ଏହି ଦଳ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଅଷ୍ଟ୍ରେଲିଆ ଓ ଭାରତ ସବୁଠାରୁ ସଫଳ ଦଳଭାବେ ୨ ଥର ଲେଖାଏ ଚାମ୍ପିୟନ୍ସ ଟ୍ରଫି ଜିତିସାରିଛନ୍ତି। ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ଥରେ ଲେଖାଏ ଟ୍ରଫି ସ୍ୱାଦ ପାଇଛନ୍ତି। ଏଥର ଭାରତ ନିକଟରେ ସର୍ବାଧିକ ସଫଳ ଦଳ ହେବାର ସୁଯୋଗ ରହିଛି। ତେବେ ଏଥିପାଇଁ ଦଳକୁ ଫାଇନାଲରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ହରାଇବାକୁ ହେବ। ନଚେତ ନ୍ୟୁଜିଲାଣ୍ଡ ସଫଳ ଦଳ ତାଲିକାରେ ଥିବା ଭାରତ ଓ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଯିବ।

ଫଳାଫଳ

ସିଜନ	ଆୟୋଜକ	ଚାମ୍ପିୟନ	ରନରଅପ୍	ଫଳାଫଳ
୧୯୯୮	ବାଂଲାଦେଶ	ଦକ୍ଷିଣ ଆଫ୍ରିକା	ୱେଷ୍ଟଇଣ୍ଡିଜ	ଦ.ଆଫ୍ରିକା ୪ ଉଇକେଟରେ ବିଜୟୀ
୨୦୦୦	କେନିଆ	ନ୍ୟୁଜିଲାଣ୍ଡ	ଭାରତ	ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ
୨୦୦୨	ଶ୍ରୀଲଙ୍କା	ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାମ୍ପିୟନ		ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ
୨୦୦୪	ଇଂଲଣ୍ଡ	ୱେଷ୍ଟଇଣ୍ଡିଜ	ଇଂଲଣ୍ଡ	ୱେଷ୍ଟଇଣ୍ଡିଜ ୨ ଉଇକେଟରେ ବିଜୟୀ
୨୦୦୬	ଭାରତ	ଅଷ୍ଟ୍ରେଲିଆ	ୱେଷ୍ଟଇଣ୍ଡିଜ	ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ
୨୦୦୯	ଦ.ଆଫ୍ରିକା	ଅଷ୍ଟ୍ରେଲିଆ	ନ୍ୟୁଜିଲାଣ୍ଡ	ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟୀ
୨୦୧୩	ଇଂଲଣ୍ଡ	ଭାରତ	ଇଂଲଣ୍ଡ	ଭାରତ ୫ ରନରେ ବିଜୟୀ
୨୦୧୭	ଇଂଲଣ୍ଡ	ପାକିସ୍ତାନ	ଭାରତ	ପାକିସ୍ତାନ ୧୮୦ ରନରେ ବିଜୟୀ



ବିରାଟ କୋହଲି

୨୦୦୦ରେ ଭାରତକୁ ହରାଇ ଚାମ୍ପିୟନ ହୋଇଥିବା ନ୍ୟୁଜିଲାଣ୍ଡ ଦଳ।

ମହିଳା ହକିକୁ ନୂଆ ଚେହେରା

ଭାରତୀୟ ସିନିୟର ମହିଳା ହକିରେ ନୂଆ ଚେହେରା ଭାବେ ଉଭା ହୋଇଛନ୍ତି ରତୁଜା ଦାଦାସୋ ପିସାଲ। ୨୨ ବର୍ଷୀୟା ଏହି ମହିଳା ହକି ଖେଳାଳି ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ୨୦୨୪–୨୫ ଆରମ୍ଭରେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ପଦାର୍ପଣ କରି ସେ ନିଜର ପ୍ରଥମ ମ୍ୟାଚରେ ଗୋଲ ଦେବାସହ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...

ଭାରତୀୟ ମହିଳା ହକିରେ ନୂଆ ଚେହେରା ଭାବେ ଉଭାହୋଇ ବେଶ୍ ପ୍ରଭାବିତ କରିଛନ୍ତି ରତୁଜା ଦାଦାସୋ ପିସାଲ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ୨୦୨୪–୨୫ ଆରମ୍ଭରେ ୨୨ ବର୍ଷୀୟା ଏହି ମହିଳା ହକି ଖେଳାଳି କ୍ରମାଗତ ଭଲ ପ୍ରଦର୍ଶନ କରିଛନ୍ତି। କ୍ୟାରିୟରର ପ୍ରଥମ ସିନିୟର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସେ ୫ଟି ମ୍ୟାଚ ଖେଳି ଦୁଇଟି ଗୋଲ ସ୍କୋର କରିଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଭାରତର ସଫଳ ପ୍ରଦର୍ଶନ ପଛରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

ଇଂଲଣ୍ଡ ବିପକ୍ଷ ଭାରତର ଦ୍ୱିତୀୟ ମ୍ୟାଚରେ ରତୁଜାଙ୍କୁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରେ ଗୋଲ ଦେଇ ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ ଏହି ପ୍ରତିଭାବାନ୍ ଖେଳାଳି। ଏହି ଗୋଲ ବଳରେ ଭାରତ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସେ ନିଜର ଅଭିଜ୍ଞତା ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ''ଏହା ମୋର ପ୍ରଥମ ମ୍ୟାଚ ଥିଲା। ଏଥିଯୋଗୁ ମୁଁ ଟିକେ ନର୍ଭସ ଥିଲି। କିନ୍ତୁ ଦଳୀୟ ସାଥୀ ଖେଳାଳି ମୋତେ ସପୋର୍ଟ କରିଥିଲେ। ପଦାର୍ପଣ ମ୍ୟାଚରେ ଗୋଲ କରିବା ସହଜ ନୁହେଁ। ଏଣୁ ପ୍ରଥମ ମ୍ୟାଚରେ ପ୍ରଥମ ଗୋଲ ମୋତେ ଖୁବ୍ ଆତ୍ମବିଶ୍ୱାସ ଦେଇଥିଲା, ଯାହାକି ମୋତେ ଟୁର୍ନାମେଣ୍ଟରେ ସାହାଯ୍ୟ କରିଥିଲା।''

ମ୍ୟାଚ ପୂର୍ବରୁ ତାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଦଳର ସିନିୟର ଖେଳାଳିମାନେ ତାଙ୍କୁ ସାହାଯ୍ୟ କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି ଯେ, ମୁଁ ପଦାର୍ପଣ ମ୍ୟାଚରେ ଦଳର ସମର୍ଥନ ଯୋଗୁ ଆଶାନୁଯାୟୀ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥିଲି। ମ୍ୟାଚ ପୂର୍ବରୁ ସମସ୍ତେ ମୋତେ ଚିନ୍ତିତ ନହୋଇ ସ୍ୱାଧୀନ ଭାବେ ଖେଳିବାକୁ କହିଥିଲେ। ପଦାର୍ପଣ ମ୍ୟାଚ ଚାପର ମୁକାବିଲା କରିବାରେ ସପୋର୍ଟ ଷ୍ଟାଫ୍ ମଧ୍ୟ ସାହାଯ୍ୟ କରିଥିଲା।

ମୁଁ ଚିନ୍ତା କରିଥିଲି ଯେ, ମୁଁ କ୍ୟାମ୍ପରେ ଖୁବ୍ ପ୍ରାକ୍ସିସ କରିଛି ଏବଂ ମୁଁ ଯାହା ଶିଖିଛି, ମୋତେ ତାହା ହିଁ କରିବାର ଅଛି। ସ୍ୱାଭାବିକ ହକି ଖେଳିବା ମୋ ଲକ୍ଷ୍ୟ ଥିଲା। ଏଥିଯୋଗୁ ମୁଁ ଗେମ୍‌କୁ ଅଧିକ ଜଟିଳ କରି ନ ଥିଲି। ମୋତେ ପ୍ରସ୍ତୁତ କରିବାରେ ମୁଖ୍ୟ କୋଚ ହରେନ୍ଦ୍ର ସିଂଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କୋଚ୍ ହରେନ୍ଦ୍ର ମୋ ଉପରେ ଆଦୌ ଚାପ ପକାଇ ନ ଥିଲେ। ସେ ମୋତେ କହିଥିଲେ ଯେ, ତୁମେ ଜଣେ ଦକ୍ଷ ଖେଳାଳି ଏବଂ ଭଲ କରିବା ପାଇଁ ଯାହା ଦରକାର, ତାହା ତୁମ ପାଖରେ ଅଛି। ମୋ ପାଇଁ ତାଙ୍କର ମୁଖ୍ୟ ପରାମର୍ଶ ଥିଲା ଯେ, ନିଜ ଗେମ୍‌ର ଆନନ୍ଦ ନିଅ। ସେ ଜଣେ ମହାନ୍ କୋଚ।

ହକି ଇଣ୍ଡିଆ ଲିଗ୍‌ରେ ରତୁଜା ଖୁବ୍ ଭଲ ଫର୍ମରେ ଥିଲେ। ସେ ଓଡ଼ିଶା ୱାରିଅର୍ଜକୁ ଉଦ୍‌ଘାଟନୀ ସଂସ୍କରଣରେ ଟାଇଟଲ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫାଇନାଲରେ ତାଙ୍କର ଡବଲ ଗୋଲ ବଳରେ ଓଡ଼ିଶା ୱାରିଅର୍ଜ ୨–୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ପରାସ୍ତ କରିଥିଲା। ଜାତୀୟ ଦଳରୁ ପ୍ରଥମ ଥର ପାଇଁ ଡାକରା ମିଳିବା ସମ୍ପର୍କରେ ସେ କହିଛନ୍ତି ଯେ, ହକି ପ୍ରୋ ଲିଗ୍ ଲାଗି ଘୋଷିତ ଭାରତୀୟ ଦଳ ଦେଖିବା ପରେ ମୁଁ ପ୍ରଥମେ ମୋ ଘର ଲୋକଙ୍କୁ ଫୋନ କରି ଜଣାଇଥିଲି। ମୋ ପରିବାର ଲୋକେ ବହୁତ ଖୁସି ଥିଲେ ଏବଂ ଏହା ମୋ ପାଇଁ କେତେବଡ଼ ସୁଯୋଗ, ସେମାନଙ୍କୁ ବୁଝାଇଥିଲି। ଏତଦ୍ ବ୍ୟତୀତ ଟ୍ରେନିଂ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ଉତ୍ତରରେ କହିଥିଲେ ଯେ, ମୋ ଫିନିଶିଂରେ ସୁଧାର ଆଣିବା ଉପରେ ମୁଁ ପ୍ରାଥମିକତା ଦେଉଛି। ନିର୍ଦ୍ଦିଷ୍ଟ ଭାବେ ମୁଁ ବ୍ୟାକହ୍ୟାଣ୍ଡ ଶର୍ଟ୍ସ ଉପରେ କାମ କରୁଛି। ମୁଁ ଅନୁଭବ କରିଥିଲି ଯେ, ମୋତେ ସ୍କୋର କରିବା ଲାଗି କିଛି ସୁଯୋଗ ମିଳିଥିଲା। କିନ୍ତୁ ମୁଁ ସେଗୁଡ଼ିକୁ ଗୋଲରେ ପରିଣତ କରିପାରି ନ ଥିଲି। ଏଣୁ ମୋତେ ତାହା ଉପରେ ନିରନ୍ତର କାମ କରିବାର ଆବଶ୍ୟକତା ରହିଛି।

୨୦୦୨ ମସିହା ନଭେମ୍ବର ୨୮ ତାରିଖ ମହାରାଷ୍ଟ୍ରର ସାତାରା ଜିଲାର କୋଲକି ଗ୍ରାମରେ ରତୁଜାଙ୍କ ଜନ୍ମ। ପ୍ରଥମେ ତାଙ୍କ ପ୍ରତିଭାକୁ ପୂର୍ବତନ ଭଲିବଲ ଖେଳାଳି ତଥା ଜଣେ କ୍ରୀଡ଼ା ଶିକ୍ଷକ ଚିହ୍ନଟ କରିଥିଲେ। ରତୁଜାଙ୍କ ଦୌଡ଼ ଦେଖିବା ପରେ ସେ ତାଙ୍କୁ ସମର ଆଥଲେଟିକ୍ସ କ୍ୟାମ୍ପରେ ଯୋଗ ଦେବାକୁ କହିଥିଲେ। ସେ ୨୦୧୧ରେ ତାଙ୍କୁ ପୁଣେସ୍ଥିତ କ୍ରୀଡ଼ା ପ୍ରବୋଶିନୀ ସ୍କୁଲର ଚୟନ ଶିବିରକୁ ପଠାଇଥିଲେ। ସେଠାରେ ସେ ଭଲ କରିଥିଲେ। ପରେ ଅଲିମ୍ପିଆନ ତଥା ହକି କୋଚ ଅଜିତ ଲାକ୍ରାଙ୍କ ପରାମର୍ଶ କ୍ରମେ ହକିକୁ କ୍ୟାରିୟର ଭାବେ ବାଛିଥିଲେ।

ସେ ୨୦୨୨ରେ ସ୍ୱିଜରଲାଣ୍ଡର ଲୌସାନେଠାରେ ଅନୁଷ୍ଠିତ ହକି ୫ଏସ୍ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ଖେଳିଥିଲେ। ୨୦୨୩ରେ ପିସାଲଙ୍କ ପ୍ରତିନିଧିତ୍ୱରେ ଭାରତ ମହିଳା ଜୁନିୟର ଏସିଆ କପ ଜିତିଥିଲା। ଏହାର ପରବର୍ଷ ସେ ଓମାନଠାରେ ଅନୁଷ୍ଠିତ ମହିଳା ଏଫ୍‌ଆଇଏଚ୍ ହକି ୫ ଏସ୍ ବିଶ୍ୱକପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀପିକା ସୋରେଙ୍ଗଙ୍କ ପରେ ପିସାଲ ଟୁର୍ନାମେଣ୍ଟରେ ଭାରତ ପାଇଁ ସର୍ବାଧିକ ଗୋଲ କରିଥିଲେ। ୨୦୨୪ ମେ'ରେ ସେ ଜାତୀୟ ସିନିୟର କ୍ୟାମ୍ପରେ ସାମିଲ ହୋଇଥିଲେ। ଏଥିରୁ ତାଙ୍କୁ କୋର ଗ୍ରୁପରେ ଚୟନ କରାଯାଇଥିଲା।

ହାଇଲାଇଟ୍ସ

ରୋହିତ ଆଣ୍ଡ ଗିଲ୍
ଗଲା ପରେ ଷ୍ଟିଭ୍
ଭାବିଥିଲା ଗଲା କଣ୍ଟା
ଦ୍ୱାରସୁଇସ, ଜାମ୍ପା,
କୋନିଲିକୁ ଦେଲା
ପିଇବାକୁ ନେଇ ଫାଣ୍ଟା
ବଜାଇ ବିରାଟ ଘଣ୍ଟା
ସଙ୍କଟ ମୋଚନ ଭାବେ ଉଭା ହୋଇ
ଭାଙ୍ଗିଲା ଷ୍ଟିଭ୍ ସେନା ଅଣ୍ଟା।

ଟିମ୍ ଇଣ୍ଡିଆ ନେଲା ମୋଟେରା, ଲର୍ଡ୍ସ
ପରାଜୟ ପ୍ରତିଶୋଧ
ଶ୍ରେୟସ, ରାହୁଲ, ଅକ୍ଷର,
ପାଣ୍ଡ୍ୟା ଖେଳ
ଦେଖି ଫ୍ୟାନ ମନବୋଧ
ଭୁଲି ଅହମଦାବାଦ
ଦୁବାଇ କ୍ରିକେଟ ପଡ଼ିଆରେ ବାଘ
କଙ୍ଗାରୁଙ୍କୁ କଲା ବଧ।

ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚ
ବିପକ୍ଷରେ ନ୍ୟୁଜିଲାଣ୍ଡ
ମିଚେଲ, ଫିଲିପ୍ସ, ୱିଲିୟମସନ
ରାଚିନ ବି ବିଗ୍ ମୁଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଦୁବାଇରୁ ଟ୍ରଫି ଧରି ଫେର ଟିମ୍
ବିଶ୍ୱ ଜାଣୁ ଆମେ ଷଣ୍ଢ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ Bhubaneswar, Friday, March 7/ 2025

ଚୟନ ନୀତିରେ ସ୍ୱଚ୍ଛତା ପାଇଁ ମନ୍ତ୍ରଣାଳୟର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୬।୩ (ପି.ଟି.)

କ୍ରୀଡ଼ାକ୍ଷେତ୍ରରେ ଉତ୍ତରଦାୟିତ୍ୱ ଓ ଚୟନ ନୀତି ସ୍ଥିରତା ନିଶ୍ଚିତ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନିକଟ ଅତୀତରେ ରେସଲିଂ, ଶୁଟିଂ ଓ ଅନ୍ୟ କିଛି ୱିଣ୍ଟର ସ୍ପୋର୍ଟ୍ସ ଇଭେଣ୍ଟରେ ଆଥଲେଟ ଓ ଫେଡେରେଶନ ମଧ୍ୟରେ ଦେଖାଦେଇଥିବା ବିବାଦ କାରଣରୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ଲାଗି ଜାତୀୟ ଫେଡେରେଶନକୁ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ନିର୍ଦ୍ଦେଶ ଦେଇଥିଲେ। ଚୟନ ନୀତିର ମାନଦଣ୍ଡ ସମ୍ପର୍କରେ ଆଥ୍‌ଲେଟଙ୍କୁ ଟ୍ରାଏଲ୍ସର ୧୫ ଦିନ ଆଗରୁ ସୂଚନା ଦେବା ସହ ଅନ୍ୟାୟ ହୋଇଥିବା ଭାବନାରୁ ସୃଷ୍ଟ ବିବାଦର ସମାଧାନ ପାଇଁ ଏକ କମିଟି ଗଠନକୁ ଜାତୀୟ ଫେଡେରେଶନ ଲାଗି ବାଧତାମୂଳକ କରାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓସି), ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ) ଗୁଡ଼ିକ ଲାଗି ଏକ ସର୍କୁଲାର ଜାରି କରାଯାଇଛି।

କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

ନୂଆ ନିର୍ଦ୍ଦେଶନାମାରେ ଏନ୍‌ଏସ୍‌ଏଫ୍‌ଗୁଡ଼ିକ ଲାଗି ନିଜ ନିଜର ୱେବ୍‌ସାଇଟ୍ସରେ ଚୟନ ନୀତି ଅପଲୋଡ୍ କରାଯିବା ବାଧତାମୂଳକ। ଏକ ପ୍ରତିଯୋଗିତା ପୂର୍ବରୁ ୩ ମାସର ସମୟ ସୀମା ଥିଲେ, ଏହାକୁ କାର୍ଯ୍ୟକାରୀ କରାଯିବ। ଚୟନ ଶିବିରରେ ଭିଡିଓଗ୍ରାଫ କରିବାକୁ ମଧ୍ୟ ବାଧତାମୂଳକ କରାଯାଇଛି। ଚୟନ ଶିବିରର ଭିଡିଓ ରେକର୍ଡିଂକୁ ସାଇ ନିକଟକୁ ପଠାଯିବା ଦରକାର। ପ୍ରତ୍ୟେକ ଚୟନ ଶିବିର ପୂର୍ବରୁ ମନ୍ତ୍ରଣାଳୟକୁ ଅବଗତ କରାଇବାକୁ ପଡ଼ିବ। ଅଲିମ୍ପିକ୍ସ, ପାରାଲିମ୍ପିକ୍ସ, ଏସିଆନ ଗେମ୍ସ, ପାରା ଏସିଆନ ଗେମ୍ସ ଓ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଭଳି ପ୍ରତିଯୋଗିତା ଲାଗି ୨ ବର୍ଷ ଆଗରୁ ଚୟନର ମାନଦଣ୍ଡ ପ୍ରକାଶିତ କରିବାକୁ କୁହାଯାଇଛି। କୌଣସି ବଡ଼ ଟୁର୍ନାମେଣ୍ଟ ଲାଗି ଘୋଷିତ ଦଳରେ ମନ୍ତ୍ରଣାଳୟକୁ ନ ଜଣାଇ ଆଥଲେଟ୍ସ, କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅଧିକାରୀଙ୍କୁ ସାମିଲ କରିହେବ ନାହିଁ। ପ୍ରସ୍ତାବିତ ଏହି କମିଟି ଅଭିଯୋଗର ୭ ଦିନ ମଧ୍ୟରେ ଗଠନ କରାଯିବା ଦରକାର। ଏହି କମିଟିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍ ରହିବା ଆବଶ୍ୟକ, ଯିଏକି ଅତିକମ୍‌ରେ ୪ ବର୍ଷ ପୂର୍ବରୁ ସକ୍ରିୟ ଖେଳରୁ ଅବସର ନେଇସାରିଥିବେ। ଚୟନ କମିଟିର କୌଣସି ସଦସ୍ୟ ଅପିଲ କମିଟିର ସଦସ୍ୟ ହୋଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ଫେଡେରେଶନ ସଭାପତି ଚୟନ କମିଟି ବାଛିବ

ଚୟନ କମିଟି ବାଛିବାର ଶକ୍ତି କେବଳ ଫେଡେରେଶନର ସଭାପତିଙ୍କୁ ଦିଆଯାଇଛି। ପୂର୍ବରୁ ଏହି ଶକ୍ତି ଫେଡେରେଶନ ନିକଟରେ ଥିଲା। ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ହାଇ ପରଫର୍ମାନ୍ସ ଡାଇରେକ୍ଟର କିମ୍ବା ସାଇ ନିକଟରେ ଦାଖଲ କରାଯିବ। ଅନ୍ୟାୟ ହୋଇଥିବା ଭାବନରୁ ଆଥ୍‌ଲେଟ ଓ ଫେଡେରେଶନ ମଧ୍ୟରେ ଦେଖାଦେଉଥିବା ବିବାଦର ସମାଧାନ ଲାଗି ଅଭିଯୋଗ ସମାଧାନ କମିଟି କିମ୍ବା ଅପିଲ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କଳଙ୍କିତ ବ୍ୟକ୍ତିଙ୍କୁ କୋଚ୍ ଭାବେ ଚୟନ କରାଯାଇପାରିବ ନାହିଁ

କୋଚ୍ ଚୟନ ସମ୍ପର୍କିତ ନିୟମରେ ମନ୍ତ୍ରଣାଳୟ ପକ୍ଷରୁ ପରିବର୍ତ୍ତନ କରାଯାଇଛି। ଏନ୍‌ଏସ୍‌ଏଫ୍‌କୁ ପରାମର୍ଶ ଦିଆଯାଇଛି ଯେ, ସପୋର୍ଟ ଷ୍ଟାଫ୍‌ଙ୍କୁ ଥରେ ଚୟନ କରାଗଲା ପରେ ଏସିଆନ କିମ୍ବା ଅଲିମ୍ପିକ ଗେମ୍ସ ଶେଷ ନ ହେବା ପର୍ଯ୍ୟନ୍ତ ବଦଳା ଯାଇପାରିବ ନାହିଁ। କୌଣସି କଳଙ୍କିତ ରେକର୍ଡ ଥିବା ବ୍ୟକ୍ତିଙ୍କୁ କୋଚିଂ ଦଳର ସଦସ୍ୟ ଭାବେ ଚୟନ କରାଯାଇପାରିବ ନାହିଁ। ଭିଜା ଯୋଗୁ ଅନ୍ତିମ ମିନିଟ୍‌ରେ ସମସ୍ୟାର ସମାଧାନ ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଦଳର ଯାତ୍ରା କରିବାର ଅତିକମ୍‌ରେ ୪୫ ଦିନ ପୂର୍ବରୁ ଚୟନ ପ୍ରକ୍ରିୟା ଶେଷ କରିବାକୁ ଏନ୍‌ଏସ୍‌ଏଫ୍‌କୁ କୁହାଯାଇଛି।

ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ମୁଲ୍ଡର

ହାଇଦ୍ରାବାଦ,୬।୩(ପି.ଟି.)

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ଲାଗି ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ଦକ୍ଷିଣ ଆଫ୍ରିକାର ୱିଆନ ମୁଲ୍ଡରଙ୍କୁ ଇଂଲଣ୍ଡର ବ୍ରାଇଡନ କାର୍ସଙ୍କ ବଦଳ ଖେଳାଳି ଭାବେ ସାମିଲ କରାଯାଇଛି। ଇଂଲିଶ ଅଲ୍‌ରାଉଣ୍ଡର ଗୋଇଠିଜନିତ ଇଞ୍ଜୁରିର ସମ୍ମୁଖୀନ ହୋଇଛନ୍ତି। ୨୭ ବର୍ଷୀୟ ମୁଲ୍ଡର ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲରେ ଖେଳିଥିଲେ। ସେ ଗତ ବର୍ଷର ରନରଅପ ଏସ୍‌ଆରଏର୍ ଦଳରେ ୭୫ ଲକ୍ଷ ଟଙ୍କାରେ ସାମିଲ ହୋଇଛନ୍ତି। କାର୍ସି ଇଞ୍ଜୁରି କାରଣରୁ ଆଗାମୀ ଆଇପିଏଲ୍‌ରୁ ବାଦ ପଡ଼ିଛନ୍ତି। ତାଙ୍କ ବଦଳରେ ମୁଲ୍ଡରଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରାଯାଇଛି ବୋଲି ଆଇପିଏଲ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ମୁଲ୍ଡର ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଲାଗି ଅନ୍ତର୍ଜାତୀୟ ସ୍ତରରେ ୧୮ ଟେଷ୍ଟ, ୧୫ ଦିନିକିଆ ଓ ୧୧ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

ଶ୍ରୀଲଙ୍କାରେ ତ୍ରରାଷ୍ଟ୍ରୀୟ ସରଜ୍ ଖେଳିବ ଭାରତ

କଲମ୍ବୋ, ୬।୩(ପି.ଟି.): ମହିଳା ୫୦ ଓଭର କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଶ୍ରୀଲଙ୍କାରେ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବ। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଗୁରୁବାର ଏ ନେଇ ସୂଚନା ଦେଇଛି। ଏପ୍ରିଲ ୨୭ରୁ ମେ'୧୧ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଶ୍ରୀଲଙ୍କା ବ୍ୟତୀତ ଭାରତ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଏହା ସ୍ଥାନୀୟ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ। ପ୍ରତ୍ୟେକ ଦଳ ୪ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ମେ'୧୧ ଫାଇନାଲକୁ ଉନ୍ନୀତ ହେବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ହେବାକୁଥିବା ୫୦ ଓଭରବିଶିଷ୍ଟ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ।

ରିଫେଲ, ଇଲିଙ୍ଗୱର୍ଥ ଫାଇନାଲରେ ଅମ୍ପାୟର ଦାୟିତ୍ୱ ତୁଲାଇବେ

ଦୁବାଇ,୬।୩(ପି.ଟି.)

ଅମ୍ପାୟର ରିଚାର୍ଡ ଇଲିଙ୍ଗୱର୍ଥ

ଆସନ୍ତା ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆର ପଲ ରିଫେଲ ଓ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଅନ-ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଏହି ମ୍ୟାଚ ଲାଗି ଶ୍ରୀଲଙ୍କାର ରଞ୍ଜନ ମାଦୁଗଲେଙ୍କୁ ମ୍ୟାଚ ରେଫରୀ ଭାବେ ନିଯୁକ୍ତ କରାଯାଇଛି।

ଚାମ୍ପିୟନ୍ସ ଟ୍ରଫି

ଅଷ୍ଟ୍ରେଲିଆର ପୂର୍ବତନ ଫାଷ୍ଟ ବୋଲର ୫୮ ବର୍ଷୀୟ ରିଫେଲ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଇଂଲଣ୍ଡର ପୂର୍ବତନ ବାମହାତୀ ସ୍ପିନର ୬୧ ବର୍ଷୀୟ ଇଲିଙ୍ଗୱର୍ଥ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପରିଚାଳନା ଦାୟିତ୍ୱରେ ଥିଲେ। ୪ ଥର ବର୍ଷର ଶ୍ରେଷ୍ଠ ଆଇସିସି ଅମ୍ପାୟାର ପୁରସ୍କାର ପାଇଥିବା ଇଲିଙ୍ଗୱର୍ଥ ଭାରତରେ ଖେଳାଯାଇଥିବା ୨୦୨୩ ଦିନିକିଆ ବିଶ୍ୱକପ୍ ଓ ୨୦୨୪ ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚରେ ଅମ୍ପାୟରିଂ କରିଥିଲେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ ମ୍ୟାଚରେ ମଧ୍ୟ ସେ ଅମ୍ପାୟରିଂ କରିଥିଲେ।

ଶାମିଙ୍କୁ ଅପରାଧୀ କହିଲେ ମୌଲାନା ରାଜ୍‌ଭି

ନୂଆଦିଲ୍ଲୀ,୬।୩: ମୁସଲମାନ୍‌ମାନଙ୍କ ପବିତ୍ର ରମଜାନ ମାସରେ ଉପବାସ ନ କରି ଭାରତୀୟ କ୍ରିକେଟର ମହମ୍ମଦ ଶାମି ପାପ କରିଥିବା ସର୍ବଭାରତୀୟ ମୁସଲିମ୍ ଜମାତର ଜାତୀୟ ସଭାପତି ମୌଲାନା ଶାହାବୁଦ୍ଦିନ ରାଜ୍‌ଭି ବରେଲଭି କହିଛନ୍ତି। ଶାରିଆ ଆଇନ ଦୃଷ୍ଟିରୁ ସେ ଜଣେ ଅପରାଧୀ। ସେ ଏହା କରିବା ଉଚିତ ନ ଥିଲା। ଶାରିଆ ଆଇନ ପାଳନ କରିବା ସମସ୍ତ ମୁସଲମାନ୍‌ଙ୍କ ଦାୟିତ୍ୱ। ମୁସଲମାନ୍ ଧର୍ମରେ ଉପବାସ ବାଧତାମୂଳକ। ଯଦି ଜଣେ ବ୍ୟକ୍ତି ଜାଣିଶୁଣି ଉପବାସ କରୁନାହିଁ, ତେବେ ମୁସଲମାନ ଆଇନ ଅନୁଯାୟୀ, ତାଙ୍କୁ ପାପୀ ଭାବେ ଗଣାଯିବ ବୋଲି ରାଜ୍‌ଭି କହିଛନ୍ତି। ଗତ ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଶାମି ବୋତଲରୁ କିଛି ପିଉଥିବା ଦେଖିବାକୁ ମିଳିଥିଲା। ରାଜଭିଙ୍କ ମନ୍ତବ୍ୟ ଉପରେ ଶାମିଙ୍କ ସମ୍ପର୍କୀୟ ଭାଇ ମହମ୍ମଦ କୈଫ ପ୍ରତିକ୍ରିୟା ରଖି କହିଛନ୍ତି, ପ୍ରତ୍ୟେକ ମୁସଲମାନ୍‌ଙ୍କ ପାଇଁ ନାମାଜ ପାଠ କରିବା ଭଳି ରୋଜା ରଖିବା ବାଧତାମୂଳକ।

ଅସ୍ମିତା ୧୩ ବର୍ଷରୁ କମ୍ ମହିଳା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍

କିଟ୍, ଓଜିପି ବିଜୟୀ

ଓଜିପି ଓ ଫାଲ୍‌କନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୬।୩ (ବିଜୟ ରଣା)

ଅସ୍ମିତା ୧୩ ବର୍ଷରୁ କମ୍ ମହିଳା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍‌ରେ ଗୁରୁବାର କିଟ୍/କିସ୍ ଓ ଓଜିପି ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ କିଟ୍/କିସ୍‌୭-୦ ଗୋଲ୍‌ରେ ଫାଓ ଏକାଡେମୀକୁ ହରାଇ ଦେଇଛି। କିଟ୍ ତରଫରୁ ବଦଳ ଖେଳାଳି ଶ୍ରଦ୍ଧାଞ୍ଜଳୀ ହେରନା ୪ଟି ଗୋଲ୍ (୬ଷ୍ଠ, ୧୩ତମ, ୨୯ତମ ଓ ୪୦ ତମ ମିନି) ସ୍କୋର କରିଥିବା ବେଳେ ପ୍ରିୟା ଧାରୁଆ (୩୩ତମ ଓ ୩୫ତମ) ଦୁଇଟି ଏବଂ ରଶ୍ମିତା ସିଂ (୩୮ତମ) ଗୋଟିଏ ଗୋଲ ଦେଇଥିଲେ। ସେହିପରି ଫାଲକନ ଗର୍ଲ୍ସ ଫୁଟ୍‌ବଲ କ୍ଲବ ୟୁନିଟ-୨କୁ ମଧ୍ୟ ସମାନ ୭-୦ ଗୋଲ୍‌ରେ ଓଜିପି ହରାଇ ଦେଇଛି। ଦଳ ତରଫରୁ ରୁଲି ସେନାପତି (୯ମ, ୨୬ତମ, ୩୭ତମ,୩୮ତମ ଓ ୩୯ତମ ମିନିଟ) ୫ଟି ଗୋଲ ଦେଇଥିବା ବେଳେ ଆଶାରାଣୀ ବିଶୋଇ (୬ଷ୍ଠ) ଓ ଅସ୍ମିନ ସାହୁ (୧୪ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ।

ଟେନିସ୍ ଖେଳାଳି ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ

ମେଲବୋର୍ନ,୬।୩(ଏପି)

ଦୁଇଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଓ ୩ ଥରର ଡେଭିସ୍ କପ୍ ବିଜୟୀ ଦଳର ସଦସ୍ୟ ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ ଘଟିଛି। ଏ ନେଇ ଟେନିସ୍ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର କୁହାଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଖେଳାଳି ଭାବେ ସଫଳ କ୍ୟାରିୟର ଶେଷ କରିବା ପରେ ସେ କୋଚ୍ ଓ ଅଷ୍ଟ୍ରେଲିଆର ନାଇନ୍ ଚ୍ୟାନେଲ ଲାଗି କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ।

ଟେନିସ୍ ଅଷ୍ଟ୍ରେଲିଆର ସିଇଓ କ୍ରେଗ୍ ଟିଲେ ତାଙ୍କ ସମ୍ପର୍କରେ କହିଛନ୍ତି ଯେ, ଟେନିସ୍ ଉପରେ ତାଙ୍କ ପ୍ରଭାବ ସର୍ବଦା ମନେରହିବ। ତାଙ୍କ ଅବଦାନ ଦେଖିବାକୁ ସୌଭାଗ୍ୟ ପାଇଥିବା ଲୋକେ ତାଙ୍କୁ ସର୍ବଦା ମନେରଖିବେ। ଅଷ୍ଟ୍ରେଲିଆ ଡେଭିସ୍ କପ୍ ଦଳର ଜଣେ ଷ୍ଟାର ସଦସ୍ୟ ଭାବେ ଫ୍ରେଡ୍ ପେସାଦାର ଟେନିସ୍‌ରୁ ଅବସର ନେବା ପରେ ଜଣେ କୋଚ ଓ କମେଣ୍ଟେଟର ଭାବେ ଟେନିସ୍ ସହ ଯୋଡ଼ିହୋଇ ରହିଥିଲେ। ଷ୍ଟୋଲ ତାଙ୍କ କ୍ୟାରିୟରର ପ୍ରଥମ ୫ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫାଇନାଲରେ ପରାସ୍ତ ହୋଇଥିଲେ। ଏଥିରୁ ୪ ଥର ତାଙ୍କୁ ନିଜ ଦେଶର ରୟ ଏମରସନ ପରାସ୍ତ କରିଥିଲେ। ସେ ଟୋନି ରୋଚେଙ୍କୁ ପରାସ୍ତ କରି ୧୯୬୫ ଫ୍ରେଞ୍ଚ୍ ଓପନ ଜିତିଥିଲେ। ଏହାର ପରବର୍ଷ ସେ ୟୁଏସ୍ ଓପନ ଟାଇଟଲ ଜିତିବା ସହ ୱାର୍ଲ୍ଡ ର‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ